ଦ୍ୱିତୀୟ ବର୍ଷ ● ତୃତୀୟ ସଂଖ୍ୟା
ମାର୍ଚ୍ଚ -ଅପ୍ରେଲ, ୨୦୧୭



ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା (ଦ୍ୱିମାସିକ)











ଡଃ. ଏ.ଏନ୍. ଖୋସଲା ଡି.ଏ.ଭି. ପବ୍ଲିକ୍ ସ୍କୁଲ, ରାଉରକେଲାରେ ଛାତ୍ରଛାତ୍ରୀମାନଙ୍କୁ
ଉଦ୍‌ବୋଧନ ଦେଉଛନ୍ତି ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ।
ମଞ୍ଚାସୀନ ଅଛନ୍ତି ଡି.ଏ.ଭି.ର ଆଞ୍ଚଳିକ ନିର୍ଦ୍ଦେଶକ ତଥା ବିଦ୍ୟାଳୟର ଅଧକ୍ଷ ଲୋକନାଥ ପ୍ରଧାନ ।




ବାରିପଦାରେ ମାନବ ଧର୍ମ ସମ୍ମିଳନୀରେ ସ୍ୱାମୀଜୀଙ୍କ ସହ ମଞ୍ଚାସୀନ ପୂର୍ବତନ ସାଂସଦ ବୀରଭଦ୍ର ସିଂ, ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଓ ଡା. ଆଦିତ୍ୟ କୁମାର ପଣ୍ଡା ।




ବାରିପଦାର ସରସ୍ୱତୀ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କୁ ସ୍ୱାମୀଜୀଙ୍କ ମାର୍ଗଦର୍ଶନ । ମଞ୍ଚରେ ଅଛନ୍ତି ବିଦ୍ୟାଳୟର ଆଚାର୍ଯ୍ୟ ଓ ଡା. ଆଦିତ୍ୟ କୁମାର ପଣ୍ଡା ।




ବାରିପଦାର ହରିବଳଦେବ ଜୀଉ ଶିଶୁ ମନ୍ଦିରରେ ସ୍ୱାମୀଜୀଙ୍କ ସହ ବିଦ୍ୟାଳୟର ଆଚାର୍ଯ୍ୟ ଓ କର୍ମକର୍ତ୍ତାବୃନ୍ଦ ।




ଜାତୀୟ ଯୁବ ଦିବସ ଅବସରରେ କିଶୋର ନଗର ସ୍ନାତକ ମହାବିଦ୍ୟାଳୟରେ ସ୍ୱାମୀଜୀଙ୍କ ଉଦ୍‌ବୋଧନ ।




ବଇଣ୍ଡା ନିକଟସ୍ଥ ଲୁହାମୁଣ୍ଡାର ବିଦ୍ୟାଳୟରେ 'ଉତ୍ତମ ବିଦ୍ୟାର୍ଥୀ' ବିଷୟରେ ସ୍ୱାମୀଜୀଙ୍କ ବ୍ୟାଖ୍ୟାନ ।

ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି । (ଅଥର୍ବ.୧:୧:୪)
**ଆମେ ସର୍ବଦା ବେଦପଥର ପଥିକ ହେଉ, ବେଦପଥରୁ କଦାପି ବିଚ୍ୟୁତ ନ ହେଉ ।**


ଶ୍ରୁତିନ୍ୟାସର ମୁଖପତ୍ର

# ଶ୍ରୁତିସୌରଭ

ଆଧ୍ୟାତ୍ମିକ ସାମାଜିକ ବୈଦିକ ପତ୍ରିକା
(ଦ୍ୱିମାସିକ)

ପ୍ରତିଷ୍ଠାତା
**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

ସମ୍ପାଦକ
**ପଦ୍ମନାଭ ସ୍ୱାଇଁ**

ପରିଚାଳନା ସମ୍ପାଦକ
**ବ୍ର. ପ୍ରିୟେଶ**

ସହ ସମ୍ପାଦକ
**ଆନନ୍ଦ ସାମନ୍ତରାୟ**
**ଦୁଷ୍ମନ୍ତ କିଶୋର ସ୍ୱାଇଁ**

ପରିଚାଳନା ମଣ୍ଡଳୀ
**ଇ. କୁମାର ସ୍ୱାମୀ**
**ଦଣ୍ଡପାଣି ମିଶ୍ର**
**ନିମାଇଁ ଚରଣ ସ୍ୱାଇଁ**
**ଗୌରଚନ୍ଦ୍ର ଦାସ**
**ଲଳିତମଞ୍ଜରୀ ସାହୁ**

କାର୍ଯ୍ୟାଳୟ
**ଶ୍ରୁତିନ୍ୟାସ**
**ଏଚ୍.ଆଇ.ଜି-୧୫୨, ଫେଜ୍-୭**
**ପୋ- ଶୈଳଶ୍ରୀ ବିହାର, ଭୁବନେଶ୍ୱର-୨୧**
ଦୂ.ଭା.: ୯୩୩୭୧୦୩୭୮୨, ୯୮୬୧୩୫୮୯୭୭
E-mail : shrutisourabha@gmail.com
Website : www.shrutinyasa.org

**ସଦସ୍ୟତା ଶୁଳ୍କ**
ପ୍ରତି ଖଣ୍ଡ : ₹୨୦/-, ବାର୍ଷିକ : ₹୧୦୦/-
ଆଜୀବନ(ଏଗାର ବାର୍ଷିକ): ₹୧୦୦୦/-



**Shruti Sourabha**
Spiritual Social Vedic Magazine
Bimonthly
Vol-2, Issue-3, Mar-Apr 2017


## ସୂଚୀପତ୍ର


| | | |
|---|---|---|
| ୦୧. | ପିତୃଶ୍ରାଦ୍ଧ | ୦୨ |
| ୦୨. | ଦୁଃଖର କାରଣ - ଅବିଦ୍ୟା | ୧୩ |
| ୦୪. | ସତ୍ୟାର୍ଥ ପ୍ରକାଶ | ୧୯ |


## ଏକାତ୍ମତା ସୂତ୍ର

| | | |
|---|---|---|
| ଆମର ଏକ ଧର୍ମ | - | ବୈଦିକ ଧର୍ମ |
| ଆମର ଏକ ମୂଳ ଧର୍ମଗ୍ରନ୍ଥ | - | ବେଦ |
| ଆମର ଏକ ଉପାସ୍ୟ ଦେବ | - | ଓ୩ମ୍ |
| ଆମର ଏକ ଅଭିବାଦନ | - | ନମସ୍ତେ |
| ଆମର ଏକ ଜାତି | - | ମନୁଷ୍ୟ |
| ଆମର ଏକ ସାଂସ୍କୃତିକ ପରିଚୟ | - | ଆର୍ଯ୍ୟ |
| ଆମର ଏକ ଲକ୍ଷ୍ୟ | - | କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍ |


ଲେଖାରେ ପ୍ରକଟିତ ବିଚାର ଲେଖକଙ୍କର ନିଜସ୍ୱ । ଏଥି ନିମନ୍ତେ ସମ୍ପାଦକ ଦାୟୀ ନୁହଁନ୍ତି ।

# ପିତୃଶ୍ରାଦ୍ଧ

ସ୍ୱାମୀ ସୁଧାନନ୍ଦ ସରସ୍ୱତୀ

**ପ୍ର.କ.—** ପିତୃଶ୍ରାଦ୍ଧ କହିଲେ କ'ଣ ବୁଝାଏ ?

**ସ୍ୱାମୀଜୀ —** ଭାରତୀୟ ସଂସ୍କୃତି, ବୈଦିକ ସଂସ୍କୃତି ଏକ କୃତଜ୍ଞତାର ସଂସ୍କୃତି । ଆମେ ଯାହା ଦ୍ୱାରା ଉପକୃତ ହେଉ ତାଙ୍କ ପ୍ରତି କୃତଜ୍ଞ ରହିବା, ତାଙ୍କୁ କୃତଜ୍ଞତା ଜ୍ଞାପନ କରିବା ସକାଶେ ଉଚିତ କର୍ମ ସମ୍ପାଦନ କରିବା ପାଇଁ ଏହି ସଂସ୍କୃତିରେ ଆମକୁ ଶିକ୍ଷା ଦିଆଯାଇଛି, ପ୍ରେରଣା ଦିଆଯାଇଛି । ଯଥା - ପରମପିତା ପରମାତ୍ମା ଆମକୁ ବହୁତ କିଛି ଦେଇଛନ୍ତି ଓ ଦେଉଛନ୍ତି । ଆମେ ଈଶ୍ୱରଙ୍କ ପ୍ରତି କୃତଜ୍ଞ ରହିବା ଉଚିତ, ତାଙ୍କୁ କୃତଜ୍ଞତା ଜ୍ଞାପନ କରିବା ଉଚିତ । ସେଥିନିମନ୍ତେ ଆମର ଦୈନନ୍ଦିନ କାର୍ଯ୍ୟକ୍ରମ ଭିତରେ ଗୋଟିଏ କର୍ମର ସମାବେଶ କରାଯାଇଛି । ତା'ର ନାମ ହେଲା 'ବ୍ରହ୍ମଯଜ୍ଞ' । ଦ୍ୱିତୀୟରେ, ଆମେ ସଂସାରରେ ଯେଉଁ ବଞ୍ଚୁଛେ, ତା' ପାଇଁ ଉତ୍ତମ ଖାଦ୍ୟ, ଶୁଦ୍ଧ ଜଳ, ଶୁଦ୍ଧ ବାୟୁ, ସୂର୍ଯ୍ୟାଲୋକ ଆବଶ୍ୟକ ହେଉଛି । ଏସବୁ ପ୍ରକୃତିରୁ ଆମକୁ ମିଳୁଛି । ଏଣୁ ଆମେ ପ୍ରକୃତି ପାଖରେ କୃତଜ୍ଞ । ପରିବେଶକୁ ଶୁଦ୍ଧ, ପରିଷ୍କାର-ପରିଚ୍ଛନ୍ନ ରଖିବା ଆମ କର୍ତ୍ତବ୍ୟ । ତା' ପାଇଁ ଯେଉଁ କର୍ମ ପ୍ରତିଦିନ କରିବା ପାଇଁ ଋଷିମାନେ ଆମକୁ ଉପଦେଶ ଦେଲେ, ତା'ର ନାମ ହେଲା 'ଦେବଯଜ୍ଞ' । ତୃତୀୟ କଥା ହେଲା- ମଣିଷଟିଏ ସଂସାରକୁ ଆସିବା, ସଂସାରରେ ବଡ଼ ହେବା, ନିଜ ଗୋଡ଼ରେ ଠିଆ ହେବା ପଛରେ ମାତାପିତାଙ୍କର ବହୁତ ବଡ଼ ଭୂମିକା ଅଛି । ଆମକୁ ମାତା-ପିତା ସଂସାରକୁ ଆଣନ୍ତି, ଆମର ଲାଳନ-ପାଳନ-ପୋଷଣ କରନ୍ତି । ଏଥିପାଇଁ ମାତା-ପିତାଙ୍କୁ ବହୁ ଶ୍ରମ ଓ ତ୍ୟାଗ ସ୍ୱୀକାର କରିବାକୁ ପଡ଼େ । ଏହାକୁ ମନେରଖିବା ଏବଂ ସେମାନଙ୍କ ପ୍ରତି କୃତଜ୍ଞତା ପ୍ରଦର୍ଶନ କରିବା ପାଇଁ ଋଷିମାନେ ଗୋଟିଏ ଦୈନନ୍ଦିନ କର୍ମର ବିଧାନ କଲେ । ତା' ନାଁ ହେଲା 'ପିତୃଯଜ୍ଞ' । ଚତୁର୍ଥ ବିଷୟ ହେଲା- ଅନ୍ୟ ପ୍ରାଣୀମାନେ ବି ଆମର ବହୁତ ଉପକାର କରୁଛନ୍ତି, ଆମେ ସୁଖରେ ରହିବା ପଛରେ ସେମାନଙ୍କର ବି ବହୁ ଅବଦାନ ରହିଛି । ପ୍ରକୃତିକୁ ସଫା କରୁଥିବା କୁଆ, କୁକୁର ଆଦି ପ୍ରାଣୀ, କୃଷି ଆଦିରେ ସହାୟକ ଅନେକ ପ୍ରକାର କୃମି-କୀଟାଦି, କୃଷିକର୍ମରେ ସହାୟକ ହେଉଥିବା ଓ ଦୁଗ୍ଧ ଦାନ କରୁଥିବା ବଳଦ-ଗାଈ ଆଦି ପଶୁ ଆମର ବହୁ ଉପକାର କରୁଛନ୍ତି । ଏମାନଙ୍କ ପ୍ରତି କର୍ତ୍ତବ୍ୟ ହେଲା 'ବଳିବୈଶ୍ୱଦେବ ଯଜ୍ଞ' । ସାଧୁ, ସନ୍ଥ, ବିଦ୍ୱାନ୍‌ମାନେ ଜ୍ଞାନର ଅନ୍ୱେଷଣ ଓ ସଂସାରରେ ପ୍ରଚାର-ପ୍ରସାର କରି ଆମ ଜୀବନକୁ ସୁଖମୟ କରିବାରେ ଅହର୍ନିଶ ସଂଲଗ୍ନ ଅଛନ୍ତି । ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ହେଲା 'ଅତିଥି ଯଜ୍ଞ' ।

ଏ ପାଞ୍ଚୋଟି ଯଜ୍ଞ ମଧ୍ୟରୁ ଆପଣ ଯେଉଁ ପ୍ରଶ୍ନ ପଚାରିଲେ 'ପିତୃଶ୍ରାଦ୍ଧ'- ଏହା 'ପିତୃଯଜ୍ଞ'ର ଅନ୍ତର୍ଗତ । 'ପିତୃଯଜ୍ଞ' ଭିତରେ ଦୁଇଟି କର୍ମ ଅଛି— ଗୋଟିଏ ହେଲା 'ଶ୍ରାଦ୍ଧ' ଏବଂ ଅନ୍ୟଟି ହେଲା 'ତର୍ପଣ' । ଅତଃ 'ପିତୃଶ୍ରାଦ୍ଧ' ଓ 'ପିତୃତର୍ପଣ' ଏ ଦୁଇଟି କର୍ମକୁ ମିଶାଇଲେ ତାକୁ କୁହାଯାଏ 'ପିତୃଯଜ୍ଞ' ।

**ପ୍ର.କ.—** ଆଚ୍ଛା ! ତେବେ ଶ୍ରାଦ୍ଧ ମାନେ କ'ଣ ?

**ସ୍ୱାମୀଜୀ —** ମହର୍ଷି ଦୟାନନ୍ଦ ସରସ୍ୱତୀ 'ସତ୍ୟାର୍ଥ ପ୍ରକାଶ'ରେ ବଡ଼ ସୁନ୍ଦର ଭାବେ ବୁଝାଇ ଦେଇଛନ୍ତି ଯେ ଶ୍ରାଦ୍ଧ ମାନେ କ'ଣ ? ସେ ଲେଖିଛନ୍ତି — **'ଶ୍ରତ୍'**ର ଅର୍ଥ ସତ୍ୟ । **'ଶ୍ରତ୍ ସତ୍ୟଂ ଦଧାତି ୟୟା କ୍ରିୟୟା ସା ଶ୍ରଦ୍ଧା, ଶ୍ରଦ୍ଧୟା ୟତ୍‌କ୍ରିୟତେ ତତ୍‌ଶ୍ରାଦ୍ଧମ୍'** (ଚତୁର୍ଥ ସମୁଲ୍ଲାସ) — ଯେଉଁ କ୍ରିୟା ଦ୍ୱାରା ସତ୍ୟକୁ ଧାରଣ କରାଯାଏ ତାକୁ କୁହାଯାଏ ଶ୍ରଦ୍ଧା । ଅର୍ଥାତ୍ ସତ୍ୟକୁ ଧାରଣ କରିବାର ତୀବ୍ର ଆକାଂକ୍ଷା, ତୀବ୍ର ଭାବନା ଓ ସତ୍ୟଧାରଣର ନାମ ଶ୍ରଦ୍ଧା ।

ଶ୍ରଦ୍ଧାପୂର୍ବକ ଯେଉଁ ସେବା ରୂପକ କର୍ମ କରାଯାଏ ତାହା **'ଶ୍ରାଦ୍ଧ'**।

ଯଥା — ମାତା-ପିତା ଆମର ଉପକାର କରିଛନ୍ତି। ଆମେ ଯେତେବେଳେ ଅସମର୍ଥ ଥିଲେ, ଦୁର୍ବଳ-ନିର୍ବଳ ଥିଲେ, ସେତେବେଳେ ସେମାନେ ଆମର ଲାଳନ-ପାଳନ-ପୋଷଣ, ସେବା-ଯତ୍ନ କରିଛନ୍ତି, ଆମ ପାଇଁ ବହୁ ଶ୍ରମ ଓ ତ୍ୟାଗ କରିଛନ୍ତି - ଏହା ସତ୍ୟ ନା ମିଥ୍ୟା ?

**ପ୍ର.କ.—** ପୂରା ସତ୍ୟ।

**ସ୍ୱାମୀଜୀ —** ମାତା-ପିତାଙ୍କ ବିନା ସହଯୋଗରେ ଆମେ ବଡ଼ ହୋଇ ପାରିନଥାନ୍ତେ। ଆମେ ଯେତେବେଳେ ଅସହାୟ ଥିଲେ, ଅସମର୍ଥ ଥିଲେ ମାତା-ପିତା ଆଦି ଆମର ଲାଳନ-ପାଳନ-ପୋଷଣ କଲେ। ଏଇ ସତ୍ୟକୁ ଆମେ ଧାରଣ କରିବା। ମାତା-ପିତା ଯେତେବେଳେ ଅସହାୟ, ଅସମର୍ଥ ହୋଇଯିବେ ଆମେ ସେମାନଙ୍କ ଭରଣ-ପୋଷଣ କରିବା, ସେମାନଙ୍କ ସହାୟତାର ଆଶାବାଡ଼ି ହୋଇ ଠିଆ ହେବା। ସତ୍ୟକୁ ଧାରଣ ପୂର୍ବକ ଏସବୁ କ୍ରିୟା କରିବାକୁ କୁହାଯାଏ 'ଶ୍ରାଦ୍ଧ'।

**ପ୍ର.କ.—** 'ସତ୍ୟ ଧାରଣପୂର୍ବକ ଏସବୁ କ୍ରିୟା କରିବା' ମାନେ କ'ଣ ଟିକିଏ ବିସ୍ତୃତ ରୂପେ ବୁଝାନ୍ତୁ।

**ସ୍ୱାମୀଜୀ —** ଆମେ ଯେତେବେଳେ ଉପାର୍ଜନକ୍ଷମ ନଥିଲେ ସେତେବେଳେ ମାତା-ପିତା ଆମର ଖାଦ୍ୟ, ବସ୍ତ୍ର, ଚିକିତ୍ସା, ପାଠ୍ୟସାମଗ୍ରୀ ଆଦି ଆବଶ୍ୟକତା ପ୍ରଥମେ ପୂରଣ କରୁଥିଲେ ଏବଂ ତା' ପରେ ନିଜ କଥା ଚିନ୍ତା କରୁଥିଲେ। ସେହିପରି ଆମେ ଉପାର୍ଜନ କରିବା ପରେ ପ୍ରଥମେ ତାଙ୍କ କଥା ବୁଝିବା, ତାଙ୍କ ଆବଶ୍ୟକତା ପୂରଣ କରିବା, ତା' ପରେ ନିଜ କଥା ବୁଝିବା। ଆମେ ଯେତେବେଳେ ବହୁତ ଛୋଟ ଥିଲେ, ନିଜେ-ନିଜେ ଖାଇବାରେ ଅସମର୍ଥ ଥିଲେ, ମାଆ ଆମକୁ ଅତି ଶ୍ରଦ୍ଧାରେ, ଆଦରରେ ଖୁଆଇ ଦେଉଥିଲେ। ସେମିତି ଯଦି କୌଣସି ସମୟରେ ମାତା-ପିତା ରୁଗ୍ଣ ହୋଇଯାନ୍ତି, ଶଯ୍ୟାଶାୟୀ ହୋଇଯାନ୍ତି ସେ ସମୟରେ ଆମେ ସେମାନଙ୍କୁ ଶ୍ରଦ୍ଧାପୂର୍ବକ ଖୁଆଇ ଦେବା। ମାଆ-ବାପା ବହୁ ଦିନ ଧରି ଆମର ମଳ-ମୂତ୍ର ସଫା କରିଛନ୍ତି। ଆମେ ସେ ସବୁକୁ ଚିନ୍ତନ କରି ସେମାନଙ୍କ ଅସାମର୍ଥ୍ୟ ସ୍ଥିତିରେ ଅବହେଳା ନ କରି ଶ୍ରଦ୍ଧାପୂର୍ବକ ସେବା-ଶୁଶ୍ରୂଷା କରିବା, ମଳ-ମୂତ୍ର ବି ପରିଷ୍କାର କରିବା, ଉତ୍ତମରୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା, ତାଙ୍କ ଦେହ-ମୁଣ୍ଡରେ ହାତ ମାରିବା। କୌଣସି ଭଲ ପଦାର୍ଥ ଆଣିଲେ ସେମାନେ ଆମକୁ ଆଗ ଦେଉଥିଲେ, ତା' ପରେ ନିଜେ ଭୋଗ କରୁଥିଲେ। ସେହିପରି ଆମେ ଉପାର୍ଜନ କରିବା ପରେ କୌଣସି ବି ଭଲ ପଦାର୍ଥ ପ୍ରଥମେ ତାଙ୍କୁ ଦେବା। ତା' ପରେ ଆମେ ଭୋଗ କରିବା। ସତ୍ୟଧାରଣ ପୂର୍ବକ ଅର୍ଥାତ୍ ସେମାନଙ୍କ ଅବଦାନକୁ ହୃଦୟରେ ଚିନ୍ତନ କରି, ତାହାକୁ ହୃଦୟରେ ଧାରଣ କରି ଶ୍ରଦ୍ଧାପୂର୍ବକ ଏସବୁ କାର୍ଯ୍ୟ କରିବାର ନାମ "ଶ୍ରାଦ୍ଧ"। ଏସବୁ କରିବା ସମୟରେ ଗଭୀର ଶ୍ରଦ୍ଧା, କୃତଜ୍ଞତାର ସହ କରିବା, ବାଧ୍ୟବାଧକତାର ମନୋବୃତ୍ତିରେ ନୁହେଁ।

**ପ୍ର.କ.—** କିନ୍ତୁ ଆମେ ତ ଏହାକୁ ଶ୍ରାଦ୍ଧ କହୁନାହୁଁ। ମାତା-ପିତାଙ୍କ ଦେହାନ୍ତ ପରେ ସେମାନଙ୍କ ମୃତ୍ୟୁଦିବସ ଆଦିରେ ଭୋଜିଭାତ କରି ଧୂମ୍‌ଧାମ୍‌ରେ, ବଡ଼ ଆଡମ୍ବର ସହକାରେ ଆମେ ସେମାନଙ୍କ ଶ୍ରାଦ୍ଧ ପାଳନ କରୁ।

**ସ୍ୱାମୀଜୀ —** ସେମାନଙ୍କ ମୃତ୍ୟୁ ପରେ ସେମାନଙ୍କ ମୃତ୍ୟୁଦିବସ ଆଦିରେ ଆଡ଼ମ୍ବର ସହକାରେ ଆମେ ଯାହା ପାଳନ କରୁଛୁ, ତାକୁ ଆମେ ତ କହୁ ଶ୍ରାଦ୍ଧ ବୋଲି; କିନ୍ତୁ ବେଦାଦି ସତ୍‌ଶାସ୍ତ୍ରର କଥନ ଅନୁସାରେ ବାସ୍ତବରେ ତାହା ଶ୍ରାଦ୍ଧ ନୁହେଁ। ଋଷି ସ୍ପଷ୍ଟ ରୂପେ ବୁଝାଇଲେ — 'ସତ୍ୟକୁ ଧାରଣ କରିବା କାର୍ଯ୍ୟ ହେଲା ଶ୍ରାଦ୍ଧ।'

ଏ ସତ୍ୟ କ'ଣ ? ଆମେ ଯେବେଠାରୁ ଶରୀର ସହ ସଂଯୁକ୍ତ ହେଲେ ସେବେଠାରୁ ଅର୍ଥାତ୍ ଆମେ ଗର୍ଭକୁ ଆସିବା ପରଠାରୁ ହିଁ ମାତା-ପିତା ଆମର ପୋଷଣ-ରକ୍ଷଣ ଆଦି ଆରମ୍ଭ କରିଦେଲେ। ଈଶ୍ୱରୀୟ ବ୍ୟବସ୍ଥାନୁସାରେ କୌଣସି ଜୀବାତ୍ମାର ଜନ୍ମ ଅର୍ଥାତ୍ କୌଣସି ଶରୀର ସହ ସଂଯୋଗ ହେବା ପରେ ହିଁ ମାତା-ପିତାଦି ତା' ପାଇଁ କିଛି କରିପାରନ୍ତି। ଜୀବାତ୍ମା ଗର୍ଭକୁ ଆସିବା ପୂର୍ବରୁ ତା'ର ପୋଷଣ ଆଦି କୌଣସି ମାତା-ପିତା କରିପାରନ୍ତି ନାହିଁ। ଏହା ହେଉଛି

ସତ୍ୟ। ଏହି ସତ୍ୟକୁ  ଧାରଣ କରି ଆମେ କରିବା କାର୍ଯ୍ୟ ହେଲା ଶ୍ରାଦ୍ଧ। ଅର୍ଥାତ୍ ମାତା-ପିତାଦି ଜୀବିତ ଥିବା ସମୟରେ ହିଁ ଆମେ ସେମାନଙ୍କ ପୋଷଣ-ରକ୍ଷଣ-ସେବା ଆଦି କରିପାରିବା, ସେମାନଙ୍କ ମୃତ୍ୟୁ ଅର୍ଥାତ୍ ଶରୀର ତ୍ୟାଗ ପରେ ନୁହେଁ। ଏଣୁ ଏପରି କରିବାର ନାମ ଶ୍ରାଦ୍ଧ। ଶରୀର ସହ ସଂଯୁକ୍ତ ହେବା ପୂର୍ବରୁ କୌଣସି ଜୀବାତ୍ମାକୁ ଭୋଜନାଦି କରାଇ ପାରିବା ଯେପରି ଅସତ୍ୟ, ଶରୀରରୁ ବିଯୁକ୍ତ ହେବା ପରେ କୌଣସି ଜୀବାତ୍ମାକୁ ଭୋଜନାଦି କରାଇ ପାରିବା ମଧ୍ୟ ସେପରି ଅସତ୍ୟ। ଏହି ଅସତ୍ୟକୁ ଧାରଣ କରିବାର ଭାବନା **'ଶ୍ରଦ୍ଧା'** ନୁହେଁ, ବରଂ **'ଅଶ୍ରଦ୍ଧା'**। ଆଉ ଏହି 'ଅଶ୍ରଦ୍ଧା' ପୂର୍ବକ କରାଯାଉଥିବା କାର୍ଯ୍ୟ ଶ୍ରାଦ୍ଧ ପଦବାଚ୍ୟ କିପରି ହେବ ?

ଆମେ ଆଲୋଚନା କଲେ ଯେ ଆମେ ଅସମର୍ଥ ଥିବା ସମୟରେ ମାତା-ପିତା ଆମକୁ ଖାଇବାକୁ-ପିନ୍ଧିବାକୁ ଦେଲେ, ସେମାନେ ଅସମର୍ଥ ହୋଇଗଲେ ଆମେ ସେମାନଙ୍କୁ ଭୋଜନ-ବସ୍ତ୍ରାଦି ଦେବା। ଆମେ ଛୋଟ ଥିବା ବେଳେ ସେମାନେ ଆମର ଲାଳନ-ପାଳନ କଲେ, ଆମେ ରୁଗ୍ଣ ହେଲେ ସେମାନେ ଆମର ସେବା-ଯତ୍ନ କଲେ, ସେମାନେ ଯେତେବେଳେ ବାର୍ଦ୍ଧକ୍ୟରେ ଉପନୀତ ହେବେ, ଅସହାୟ ହୋଇଯିବେ, ରୁଗ୍ଣ ହୋଇଯିବେ ଆମେ ସେହିପରି ସେମାନଙ୍କ  ସେବା-ଶୁଶ୍ରୂଷା କରିବା। ଏହାକୁ କୁହାଯାଏ ଶ୍ରାଦ୍ଧ। ଏଣୁ ଶ୍ରାଦ୍ଧର ଅନ୍ତର୍ଗତ କର୍ତ୍ତବ୍ୟ ହେଉଛି ସେମାନଙ୍କୁ ଭୋଜନ-ବସ୍ତ୍ରାଦି ଦେବା,  ସେବା-ଶୁଶ୍ରୂଷା କରିବା।

**ପ୍ର.କ.—** ତା' ମାନେ ଶ୍ରାଦ୍ଧ ମାତା-ପିତା ବଞ୍ଚିଥିବା ବେଳେ କରିବା କଥା।

**ସ୍ୱାମୀଜୀ —** ହଁ, ବଞ୍ଚିଥିବା ବେଳେ ହିଁ କରିବା କଥା। ଶ୍ରାଦ୍ଧ କେତେ ଦିନରେ ଥରେ କରିବା କଥା, ସେକଥା ବି ମନୁସ୍ମୃତିରେ କୁହାଯାଇଛି —

**କୁର୍ଯ୍ୟାଦହରହଃ ଶ୍ରାଦ୍ଧମନ୍ନାଦ୍ୟେନୋଦକେନ ବା।**
**ପୟୋମୂଳଫଲୈର୍ବାଽପି ପିତୃଭ୍ୟଃ ପ୍ରୀତିମାବହନ୍॥**

(ମନୁ. ୩:୮୨)

ଗୃହସ୍ଥ ବ୍ୟକ୍ତି ଅନ୍ନ ଆଦି ଭୋଜ୍ୟ ପଦାର୍ଥ, ଜଳ, ଦୁଗ୍ଧ, କନ୍ଦମୂଳ, ଫଳ ଆଦି ଦ୍ୱାରା ମାତା-ପିତାଦି ପିତୃଗଣଙ୍କୁ ଅତ୍ୟନ୍ତ ପ୍ରୀତିପୂର୍ବକ **ଅହରହ** ଶ୍ରାଦ୍ଧ କରିବା ଉଚିତ।

ଅହରହ ଶବ୍ଦର ଅର୍ଥ କ'ଣ ? ସଂସ୍କୃତରେ ଦିନକୁ 'ଅହନ୍' ବୋଲି କୁହାଯାଏ। ଅତଃ ଅହରହ ଶବ୍ଦର ଅର୍ଥ ହେଲା ପ୍ରତିଦିନ। ଅତଏବ ଶ୍ରାଦ୍ଧ ମାତା-ପିତା ବଞ୍ଚିଥିବା ଅବସ୍ଥାରେ କରିବା ଉଚିତ ଏବଂ ପ୍ରତିଦିନ କରିବା ଉଚିତ। ବର୍ଷକରେ, ବର୍ଷର ଏକ ନିର୍ଦ୍ଦିଷ୍ଟ ଦିନରେ କି ପକ୍ଷରେ ଶ୍ରାଦ୍ଧ କରାଯାଏ ନାହିଁ। ସନ୍ତାନକୁ ସ୍ୱସ୍ଥ, ବଳବାନ୍, ଦୀର୍ଘଜୀବୀ କରିବା ପାଇଁ ଯେପରି ମାତା-ପିତା ସନ୍ତାନର ଲାଳନ-ପାଳନ କରନ୍ତି, ସେହିପରି ମାତା-ପିତାଙ୍କୁ ସ୍ୱସ୍ଥ, ନୀରୋଗ, ଦୀର୍ଘଜୀବୀ କରି ରଖିବା ପାଇଁ ସନ୍ତାନମାନେ ଶ୍ରାଦ୍ଧ କରିବା କର୍ତ୍ତବ୍ୟ। ଏଣୁ ମୃତ୍ୟୁ ପରେ ବର୍ଷରେ ଥରେ-ଅଧେ ନୁହେଁ, ବରଂ ଜୀବୀତାବସ୍ଥାରେ ପ୍ରତିଦିନ  ଶ୍ରାଦ୍ଧ କରିବା ପାଇଁ ଶାସ୍ତ୍ରରେ ନିର୍ଦ୍ଦେଶ ଦିଆଯାଇଛି।

**ପ୍ର.କ.—** ମୁଁ ଆପଣଙ୍କ କଥାକୁ ଅସମ୍ମାନ କରୁନି, ଅଗ୍ରାହ୍ୟ କରୁନି; କିନ୍ତୁ  ମୁଁ ମୋ ପିଲାଦିନୁ ଯାହା ଦେଖି ଆସିଛି, ସାଧାରଣରେ ଯାହା ଚାଲିଛି  ତାହା ହେଲା ଶ୍ରାଦ୍ଧ କହିଲେ ଆମ ମନ ଭିତରେ ପିତୃପୁରୁଷଙ୍କୁ ତୃପ୍ତ କରିବାର ଏକ ଭାବନା ଥାଏ। ସେଥିପାଇଁ ଆମେ କିଛି ବ୍ରାହ୍ମଣଙ୍କୁ ଭୋଜନାଦି ଦେଉ, ଚାଉଳ-ପତ୍ର ଦେଉ, ପୋଖରୀ ହୁଡ଼ାରେ ବସି ପିତୃପୁରୁଷଙ୍କୁ ପିଣ୍ଡଦାନ କରୁ, ପୋଖରୀରେ ପିଣ୍ଡ ବିସର୍ଜନାଦି କରୁ। ଏହାକୁ ଆମେ ଶ୍ରାଦ୍ଧ ବୋଲି କହୁ। ମୃତବ୍ୟକ୍ତିଙ୍କ ମୃତ୍ୟୁଦିବସରେ ଆମେ ଏପରି କରୁ। ଆଉ ଗୋଟିଏ ଶ୍ରାଦ୍ଧ ବି ଅଛି ଯାହାକୁ କି ଆମେ ମଉଳା ଶ୍ରାଦ୍ଧ ବୋଲି କହୁ। ଘରେ ସମସ୍ତେ ଅରୁଆ ଖାଇ ପାଳନ କରୁ। କିନ୍ତୁ ଆପଣ କହୁଛନ୍ତି ଯେ ମାତା-ପିତାଦି ବଞ୍ଚିଥିବା ବେଳେ ଶ୍ରାଦ୍ଧ କରାଯାଏ ଅର୍ଥାତ୍ ଶ୍ରଦ୍ଧାର ସହ ସେମାନଙ୍କୁ ଯେଉଁ ଭୋଜନାଦି ଦିଆଯାଏ, ସେବା-ଶୁଶ୍ରୂଷା କରାଯାଏ ତାହା ଶ୍ରାଦ୍ଧ। ଏ କେମିତିଆ କଥା ?

**ସ୍ୱାମୀଜୀ —** ଆପଣଙ୍କ କଥା ଓ ମୋ କଥା ଭିତରେ ଫରକ ହେଲା ଯେ, ଆପଣ ଯାହା ଦେଖିଆସିଛନ୍ତି ଆପଣ

ତାହାକୁ ଶ୍ରାଦ୍ଧ ବୋଲି କହୁଛନ୍ତି । ଆଉ ମୁଁ ଶାସ୍ତ୍ରରେ ଯାହା ପଢ଼ିଛି ତାହାକୁ ଶାସ୍ତ୍ରର ପ୍ରମାଣ ଉପସ୍ଥାପନ କରି ଏବଂ ତର୍କ ପ୍ରମାଣ ଦେଇ ଶ୍ରାଦ୍ଧ ବୋଲି କହୁଛି । ବିଚାର କରନ୍ତୁ, ମରିଗଲା ପରେ କୌଣସି ଲୋକକୁ ଆମେ ଯେଉଁ ଖାଇବାକୁ ଦେଉ ତା'ର ଯଥାର୍ଥତା କ'ଣ ? କାରଣ ପ୍ରଥମ ପ୍ରଶ୍ନ ଉଠୁଛି— 'ଖାଦ୍ୟ କାହା ପାଇଁ ଆବଶ୍ୟକ ?' ଖାଦ୍ୟ ଶରୀର ପାଇଁ ଆବଶ୍ୟକ । ଜୀବନ ରହିବା ପାଇଁ, ବଞ୍ଚିବା ପାଇଁ ଆମେ ଖାଦ୍ୟ ଖାଇଥାଉ । ଜୀବିତ ରହିବା ମାନେ କ'ଣ ? – ଜୀବାତ୍ମା ଶରୀର ସହ ସଂଯୁକ୍ତ ହୋଇ ରହିବା । ଅର୍ଥାତ୍ ଜୀବାତ୍ମା ଶରୀରରେ ରହିବାକୁ ହେଲେ ଶରୀର କର୍ମକ୍ଷମ ରହିବା ଦରକାର, ଶରୀରର କଳକବ୍‌ଜା କାର୍ଯ୍ୟକ୍ଷମ ହୋଇ ରହିବା ଆବଶ୍ୟକ । ଏଥିପାଇଁ ଶରୀରକୁ ଖାଦ୍ୟ ଦିଆଯାଏ । ଜୀବାତ୍ମା ଭିତରକୁ ଖାଦ୍ୟର ଗୋଟିଏ ଦାନା ବି ପ୍ରବେଶ କରେ ନାହିଁ । ଯାହା ବି ଖାଦ୍ୟ ଯାଏ, ପେଟକୁ ଯାଏ । ଏଠାରେ ପ୍ରଶ୍ନ ବି ଉଠିପାରେ ଯେ ଶରୀର ପାଇଁ ଖାଦ୍ୟ ଦରକାର ବୋଲି ପ୍ରମାଣ କ'ଣ ? ଯା'ର ବଡ଼ ପ୍ରମାଣ ହେଲା ଯେ ଯେତେବେଳେ ଶିଶୁଟି ଜନ୍ମଗ୍ରହଣ କରେ ସେତେବେଳେ ତା'ର ପାଚନ-ତନ୍ତ୍ର (Digestive System) ବଳବାନ୍ ନଥାଏ । ତେଣୁ ଆମେ ତାକୁ ତରଳ ପାନୀୟ ଖାଦ୍ୟ ରୂପେ ଦେଉ ହଜମ ହେବା ପାଇଁ । ଯେତେବେଳେ ଶିଶୁର ଦାନ୍ତ ଉଠେ ସେତେବେଳେ ଆମେ କିଛି ଅର୍ଦ୍ଧତରଳ (Semi Liquid) ଖାଦ୍ୟ ଦେଉ । ଆମେ ଏମିତି ପରିବର୍ତ୍ତନ କରିଚାଲୁ । ଯେତେବେଳେ ବ୍ୟକ୍ତି ଯୌବନାବସ୍ଥାରେ ଥାଏ ସେତେବଳେ ଗୁରୁପାକ ଖାଦ୍ୟ ବି ଦେଉ ଖାଇବାକୁ । ଯେତେବେଳେ ବ୍ୟକ୍ତି ପ୍ରୌଢ଼ାବସ୍ଥା, ବାର୍ଦ୍ଧକ୍ୟାବସ୍ଥାରେ ରହେ ଆମେ ତାକୁ ପୁଣି ଲଘୁପାକ ଭୋଜନ ଦେଉ । ଯେତେବେଳେ ଦାନ୍ତ ଝଡ଼ି ଯାଉଛି, ସେତେବେଳେ ଆମେ ଭାତ ଚକଟି ଖାଇବାକୁ ଦେଉ, ଅନେକ ସମୟରେ ପେଷି (Grinding ) କରି ଦେଉ, ଖିରରେ ରୁଟି ଚକଟି ଦେଉ । ଯୌବନାବସ୍ଥାରେ ବି ଜ୍ୱରାଦି ରୋଗ ହେଲେ ତଦନୁସାରେ ଭୋଜନର ବ୍ୟବସ୍ଥା କରୁ । ଏଥିରୁ ଆମେ କ'ଣ ବୁଝିଲେ ? ଶରୀରର ଅବସ୍ଥା ଉପରେ ଖାଦ୍ୟ ନିର୍ଭର କରେ । ଶରୀର ଥିଲେ ଖାଦ୍ୟ ଦରକାର ପଡ଼େ ଏବଂ ଶରୀରର ଅବସ୍ଥା ଅନୁସାରେ ଖାଦ୍ୟ ଦରକାର ପଡ଼େ । ଦାନ୍ତ ଉଠିବା ପୂର୍ବରୁ ଅଲଗା ଖାଦ୍ୟ, ଦାନ୍ତ ଥିବା ବେଳେ ଅଲଗା ଖାଦ୍ୟ ଏବଂ ଦାନ୍ତ ଝଡ଼ି ଗଲା ପରେ ଅଲଗା ଖାଦ୍ୟ । ବର୍ତ୍ତମାନ କଥା ହେଲା ଯେ, ଯେତେବେଳେ କୌଣସି ବ୍ୟକ୍ତି ମରିଗଲା, ତା' ପରେ ଆମେ ତାଙ୍କ ଶରୀରକୁ ନେଇ ଦାହ କରିଦେଲେ । ତା' ପରେ ସେ ଜୀବାତ୍ମା ପାଖରେ ଆଉ ଅନ୍ତ୍ର ନାହିଁ କି ଦାନ୍ତ ବି ନାହିଁ । ଖାଦ୍ୟ ଚୋବାଇବା ପାଇଁ ଦାନ୍ତ ନାହିଁ କି ତାକୁ ହଜମ କରିବା ପାଇଁ ଅନ୍ତ୍ର ବି ନାହିଁ, ଖାଦ୍ୟ ଖାଇବା ପାଇଁ ପାଟି ନାହିଁ କି ଖାଦ୍ୟ ହଜମ ପାଇଁ ପେଟ ନାହିଁ । ଯେହେତୁ ପାଟି ନାହିଁ କି ଦାନ୍ତ ନାହିଁ, ସେ ଖାଦ୍ୟେ ଖାଇବ କେମିତି ଏବଂ ଯେହେତୁ ପେଟ ନାହିଁ କି ଅନ୍ତ୍ର ନାହିଁ, ତେଣୁ ଖାଦ୍ୟ ହଜମ କରିବ କେମିତି ?

**ପ୍ର.କ.**— ସ୍ୱାମୀଜୀ ! ତା' ହେଲେ ଏମିତି ଗୋଟିଏ ପ୍ରଥା କ'ଣ ପାଇଁ ଚାଲିଛି ?

**ସ୍ୱାମୀଜୀ** — ସ୍ୱଭାବ କବି ଗଙ୍ଗାଧର ମେହେର ସୁନ୍ଦର କବିତାଟିଏ ଲେଖିଛନ୍ତି । ସେ କବିତାର ନାଁ ହେଲା 'ପ୍ରେତର ଅନୁତାପ' । ଆପଣ ଯଦି ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସେହି 'ପ୍ରେତର ଅନୁତାପ' କବିତାଟି ପଢ଼ିଥାଆନ୍ତେ, ତେବେ ଏ ପ୍ରଶ୍ନ ମୋତେ ପଚାରିନଥାଆନ୍ତେ । ଏ ପ୍ରଥା କାହିଁକି ଚାଲିଛି ତା'ର କାରଣ ବି ସେ ସେଥିରେ ଦେଇଛନ୍ତି ।

**ପ୍ର.କ.**— କ'ଣ ଲେଖିଛନ୍ତି ସେ କବିତାରେ ?

**ସ୍ୱାମୀଜୀ** —

ପ୍ରେତ ବୋଲେ ମୋର ନାମେ ମୋ ପଲ୍ୟଙ୍କ
ନେଲେ କୁଳପୁରୋହିତ,
ମୋ ନାମରେ ଧନ ନେଇ ଖାଇ ତହିଁ
ନିଶ୍ଚିନ୍ତେ ହେଲେ ନିଦ୍ରିତ ।
ମୋ ପାଠ୍ୟ-ପୁସ୍ତକ ନେଇ ନ ପଢ଼ିଲେ
ପ୍ରକଟ ନ କଲେ ନାମ,
ମୋର ନାମେ ଦୀନେ ଦାନ କଲେ ନାହିଁ
ନେଇ ମୋର ଭୂମି-ଗ୍ରାମ ।

ବଢ଼ିଲା ତାଙ୍କର ପରିବାର ମୋର
ଦ୍ରବ୍ୟେ ଲଗାଇଲେ ବାଦ,
ମୋ ପୁତ୍ରକୁ ପୁଣି ଭଣ୍ଡିଲେ ସତତ
ଦେଇ ପଣ୍ଡ ଆଶୀର୍ବାଦ ।
ମାନସେ ତାହାଙ୍କ ରହିଲା ମୋ ପୁତ୍ର
ପଲ୍ୟଙ୍କ ଧନରେ ଲୋଭ,
ଶୀଘ୍ର ହସ୍ତଗତ ହେଉନାହିଁ ବୋଲି
କରୁଛନ୍ତି କେତେ କ୍ଷୋଭ ।
ମୋର ପିତା, ମୁହିଁ ସେହିପରି ଦେଇ
ପଡ଼ିଲୁ ନିଜେ ସେ ପାଶେ,
ସେହି ଆଦରଶ ଥୋଇ ଆସିଲି ହା'
ମୋହରି ପୁତ୍ର ସକାଶେ ।
ମୋହ ଧନ ଖାଇ ପୁରୋହିତ ଯେତେ
କରୁଛନ୍ତି ଅପକର୍ମ,
ସେହି କର୍ମ ଦୋଷ- ଭାଗୀ କରି ମୋତେ
ଦଣ୍ଡୁଅଛି ଏଣେ ଯମ ।

(ପ୍ରେତର ଅନୁତାପ)

**ପ୍ର.କ.—** ତା' ହେଲେ ଆପଣ କୁହନ୍ତୁ ଯେ ଏଇ ଯେଉଁ ମହାଳୟା ଶ୍ରାଦ୍ଧ, ପିତୃପକ୍ଷର କି କେଉଁ ଦିନ କିଏ ଶ୍ରାଦ୍ଧ ଦେଇପାରିବ, ଏକଥା କେଉଁଠୁ ଆସିଲା, କେମିତି ଆସିଲା ?

**ସ୍ୱାମୀଜୀ —** ବାସ୍ତବିକ କଥା ହେଲା ଯେ ଆମେ ଯେତେବେଳେ ବେଦ-ଶାସ୍ତ୍ର ପଢ଼ିବା ଛାଡ଼ି ଦେଲୁ ସେତେବେଳେ ଆମର ଧାର୍ମିକ କୃତ୍ୟଗୁଡ଼ିକ ବାସ୍ତବରେ କ'ଣ କ'ଣ ଏବଂ ସେସବୁ ପଛରେ ଥିବା ଉଦ୍ଦେଶ୍ୟ କ'ଣ ସେ ବିଷୟରେ ଅଜ୍ଞ ହୋଇଗଲୁ । ଯେତେବେଳେ ସମାଜରେ ବେଦ, ଦର୍ଶନ, ଉପନିଷଦ ଆଦି ଯଥାର୍ଥ ଜ୍ଞାନ-ବିଜ୍ଞାନର ପ୍ରସାରର ଅଭାବ ହେଲା ସେତେବେଳେ କ'ଣ ହେଲା ନା, କିଛି ଧୂର୍ତ୍ତ ବ୍ୟକ୍ତି ନିଜର ତଥା ନିଜର ପରବର୍ତ୍ତୀ ଦାୟାଦମାନଙ୍କର ସୁଗମ ଓ ସ୍ଥାୟୀ ଜୀବିକା ଉପାର୍ଜନ ପାଇଁ ବିଚାର କଲେ ଯେ ନିଜ ସ୍ୱାର୍ଥ ସିଦ୍ଧ ହେଲାଭଳି କିଛି କାର୍ଯ୍ୟ ଧର୍ମ ନାମରେ ଯଦି ସମାଜରେ ପ୍ରଚଳନ କରିଦିଆଯାଏ ତେବେ ଆମେ ଓ ଆମ କୁଟୁମ୍ବ ଆରାମରେ ଚଳିହେବ । ଏଥିପାଇଁ ସେମାନେ ଅନେକ କାଳ୍ପନିକ, ନିରର୍ଥକ ପୂଜା-ପାଠ, ଧାର୍ମିକ କର୍ମକାଣ୍ଡର ସୃଜନ କଲେ । ସେମାନେ ଧର୍ମଶାସ୍ତ୍ର ନାମରେ ସେମାନଙ୍କ ସ୍ୱାର୍ଥସିଦ୍ଧି ହେଉଥିବା କିଛି ପୁସ୍ତକ ଲେଖି ସେଥିରେ ବୁଦ୍ଧିବିରୁଦ୍ଧ କଥା-କାହାଣୀର ଅବତାରଣା କରି ଲୋକଙ୍କ ଧାର୍ମିକ ଶୋଷଣ ଆରମ୍ଭ କରିଦେଲେ । ମୃତକ ଶ୍ରାଦ୍ଧ ସେଥିମଧ୍ୟରୁ ଗୋଟିଏ । ସେ ଧୂର୍ତ୍ତ ଲୋକମାନେ ପ୍ରାଚୀନ ଗ୍ରନ୍ଥଗୁଡ଼ିକରେ ମଧ୍ୟ ନବୀନ କାଳ୍ପନିକ କୃତ୍ୟଗୁଡ଼ିକର ଅପମିଶ୍ରଣ କଲେ । ମହାଳୟା ଶ୍ରାଦ୍ଧ କଥା ଏଭଳି ଜାଲ୍ ପୁରାଣାଦି ଗ୍ରନ୍ଥର ଉପଜ, କୌଣସି ବୈଦିକ ସାହିତ୍ୟରେ ଏହାର ଲେଶମାତ୍ର ଚିହ୍ନବର୍ଣ୍ଣ ନାହିଁ ।

କିଛି ଧୂର୍ତ୍ତଙ୍କ ଯୋଜନା କ୍ରମେ ଏ ପ୍ରଥା ଆରମ୍ଭ ହୋଇଛି ଏବଂ ପିତା-ସନ୍ତାନ କ୍ରମରେ ନିର୍ବିଚାରରେ ମେଷାନୁସରଣ ଯୋଗୁଁ ଏ ପ୍ରଥା ଚାଲୁରହିଛି । ଯେଉଁମାନେ ସ୍ୱ ବିବେକ ପ୍ରୟୋଗ କରୁଛନ୍ତି, ସେମାନେ ଏହି ମୂର୍ଖତାକୁ ଜଳାଞ୍ଜଳି ଦେଇଦେଉଛନ୍ତି ।

**ପ୍ର.କ.—** କାହାରି ମୃତ୍ୟୁ ପରେ ଯେଉଁ କର୍ମ କରାଯାଏ ସେଥିରେ ତ କେତେ କ'ଣ ଦାନ ଦେବା ପାଇଁ ପୁରୋହିତ କହନ୍ତି ।

**ସ୍ୱାମୀଜୀ —** ପୁରୋହିତଙ୍କ ଆବଶ୍ୟକତା ଓ ଲୋଭ ଆଧାରରେ ପ୍ରାୟତଃ ଦାବି ଉପସ୍ଥାପିତ ହୁଏ । ବହୁଳ ଭାବରେ ଦେଖାଯାଏ ଯେ, ସେମାନେ କହନ୍ତି କି- 'ତୁମ ପିତା-ମାତା(ମୃତକ)ଙ୍କର ଯାହା ପ୍ରିୟ, ବ୍ୟବହାର୍ଯ୍ୟ ଜିନିଷ ଥିଲା ତାକୁ ଦାନରେ ଦିଅ । ବ୍ରାହ୍ମଣଙ୍କୁ ସେ ପଦାର୍ଥ ଦେଲେ, ବ୍ରାହ୍ମଣ ତାହା ନେଲେ, ବ୍ୟବହାର କଲେ ପିତୃଲୋକରେ ସେ ପଦାର୍ଥ ମୃତ ବ୍ୟକ୍ତିକୁ ମିଳିବ, ତାଙ୍କ କାମରେ ଆସିବ ।

ମନେକରନ୍ତୁ ଜଣେ ବ୍ୟକ୍ତିଙ୍କର ଯକ୍ଷ୍ମା ରୋଗରେ ମୃତ୍ୟୁ ହୋଇଗଲା । ଡାକ୍ତର ତାଙ୍କୁ ୩ ମାସିଆ Course ଔଷଧ ଖାଇବାକୁ ଦେଇଥିଲେ । ସେ ମାସେ ଔଷଧ ଖାଇଛନ୍ତି । ଆଉ ଦୁଇ ମାସର ଔଷଧ ବଳକା ଅଛି । ତାଙ୍କର ଦେହାନ୍ତ ହୋଇଗଲା । ସେ ସେହି ରୋଗରୁ ମୁକ୍ତି ପାଇନଥିଲେ, ମରିଯାଇଛନ୍ତି । ଯେହେତୁ ସେ ନିଜ ଜୀବନ ବଞ୍ଚାଇବାକୁ ଚାହୁଁଥିଲେ ଓ ସେଥିପାଇଁ ଔଷଧ ଖାଉଥିଲେ, ତେଣୁ ଔଷଧ

ତାଙ୍କର ବହୁତ ପ୍ରିୟ ଥିଲା। ଯଦି ବର୍ତ୍ତମାନ ବ୍ରାହ୍ମଣଙ୍କୁ ଭୋଜନ ଖୁଆଇବା ଆବଶ୍ୟକ ଯେ ମୃତବ୍ୟକ୍ତିଙ୍କୁ ଭୋଜନ ମିଳିବ ବୋଲି, ତେବେ ମୃତକର ସେ ୨ ମାସର ବଳକା ଯକ୍ଷ୍ମା ରୋଗର ଔଷଧ ବି ବ୍ରାହ୍ମଣଙ୍କୁ ଖୁଆଇବା ଉଚିତ ନୁହେଁ କି ?

**ପ୍ର.କ.—** ନା, ନା।

**ସ୍ୱାମୀଜୀ —** କାହିଁକି ନୁହେଁ ? ଯଦି ବ୍ରାହ୍ମଣ ଖାଦ୍ୟ ଖାଇବା ଦ୍ୱାରା ମୃତବ୍ୟକ୍ତିଙ୍କ ପେଟ ଭର୍ତ୍ତି ହେଉଥିବ, ତେବେ ଯେଉଁ ବ୍ୟକ୍ତିମାନେ କ୍ୟାନ୍‌ସର, ଯକ୍ଷ୍ମା ଆଦି କୌଣସି ପ୍ରକାର ଦୁରାରୋଗ୍ୟ ବ୍ୟାଧିରୁ ଆରୋଗ୍ୟ ନହୋଇ ସେ ବ୍ୟାଧିରେ ମରିଯାଇଛନ୍ତି, ସେମାନେ ଯେଉଁ ଔଷଧ ଖାଉଥିଲେ ସେହି ବଳକା ଔଷଧ ବ୍ରାହ୍ମଣଙ୍କୁ ଖୁଆଇଲେ ନିଶ୍ଚିତ ରୂପେ ସେ ମୃତବ୍ୟକ୍ତିଙ୍କୁ ଆରୋଗ୍ୟ ଲାଭ ହେବ।

କେତେ ଆଶ୍ଚର୍ଯ୍ୟର କଥା ! ଆମେ ଏ ସାମାନ୍ୟ କଥା ବିଚାର କରିପାରୁନେ ଯେ ଯେତେବେଳେ ସଂସାରରେ ବଞ୍ଚିଥିବା ବେଳେ ଜଣେ ଖାଇଲେ ଅନ୍ୟ ଲୋକର ପେଟ ପୂରୁନି, ସେ କ୍ଷେତ୍ରରେ ମଲା ପରେ ଅନ୍ୟ ଜଣେ ଖାଇଲେ ଆଉ ଜଣଙ୍କ(ମୃତବ୍ୟକ୍ତି)ର ପେଟ କେମିତି ପୂରିବ ? ଏକଥା ଆମେ ବିଚାର କରିବା ଉଚିତ। ଗୋଟିଏ ସାଧାରଣ ଜ୍ଞାନର କଥା ହେଲା ଯେ **ଯେଉଁ ବ୍ୟକ୍ତି ଖାଇବ, ତା' ପେଟ ହିଁ ପୂରିବ।** ଦ୍ୱିତୀୟରେ, ବଞ୍ଚିଥିବା ଲୋକଙ୍କୁ ହିଁ ଖାଦ୍ୟ ଦରକାର, **ବଞ୍ଚିଥିବା ବେଳେ ହିଁ ଜଣେ ବ୍ୟକ୍ତି ଖାଇପାରିବ। ମଲାପରେ ମୃତବ୍ୟକ୍ତି ପାଇଁ ଖାଦ୍ୟର ଆବଶ୍ୟକତା ନାହିଁ। କାରଣ ତାଙ୍କ ପାଖରେ ଶରୀର ନାହିଁ। ତେଣୁ ମଲା ପରେ ଶ୍ରାଦ୍ଧ କରିବା ବୁଦ୍ଧିସମ୍ମତ ନୁହେଁ।** ଶ୍ରାଦ୍ଧ ନାମରେ ଯାହା ପ୍ରଦର୍ଶନ କରାଯାଏ ତାହା ବାସ୍ତବରେ ଶ୍ରାଦ୍ଧ ନୁହେଁ, ବୁଦ୍ଧିହୀନ କାର୍ଯ୍ୟ ମାତ୍ର।

**ପ୍ର.କ.—** ପିତୃଲୋକ କାହାକୁ କହନ୍ତି ?

**ସ୍ୱାମୀଜୀ —** ସଂସ୍କୃତରେ ଯେଉଁ ପିତୃ ଶବ୍ଦ ଅଛି ତାହା **'ପା ରକ୍ଷଣେ'** ଧାତୁରୁ ନିଷ୍ପନ୍ନ। **'ପା'** ଧାତୁର ଅର୍ଥ ହେଉଛି ରକ୍ଷା କରିବା, ପାଳନ କରିବା। ଅତଃ **'ପାନ୍ତି ପାଳୟନ୍ତି ରକ୍ଷନ୍ତି ଅନ୍ନ-ବିଦ୍ୟା-ସୁଶିକ୍ଷା-ଆଦିଦାନୈଃ ତେ ପିତରଃ'—** ଯେଉଁମାନେ ଅନ୍ନ, ବିଦ୍ୟା, ସୁଶିକ୍ଷା ଆଦି ଦ୍ୱାରା ପାଳନ-ପୋଷଣ ଓ ରକ୍ଷଣ କରନ୍ତି ସେମାନଙ୍କୁ 'ପିତୃଗଣ' ବୋଲି କୁହାଯାଏ। ଆମେ ଆମ ନିଜ ଗୋଡ଼ରେ ଠିଆହେବା ପର୍ଯ୍ୟନ୍ତ ମାତା-ପିତା ଆମକୁ ଖାଦ୍ୟ-ବସ୍ତ୍ର ଆଦି ଦେଇ ପାଳନ କରନ୍ତି। ଆମେ ଛୋଟ, ଅସମର୍ଥ ଥିବା ବେଳେ ଆମକୁ ସୁରକ୍ଷା ଦିଅନ୍ତି। ତେଣୁ ସେମାନେ ଆମର ପିତୃଗଣ। ଗୁରୁ ଆମକୁ ଜ୍ଞାନ, ସୁଶିକ୍ଷା ଦେଇ ରକ୍ଷା, ପାଳନ କରନ୍ତି। ଏଣୁ ସେ ବି ପିତୃ। ଜ୍ଞାନୀ ବ୍ୟକ୍ତିମାନେ ଜ୍ଞାନର ଆବିଷ୍କାର କରି ଆମ ଜୀବନକୁ ଉନ୍ନତ କରନ୍ତି, ଆମର ପାଳନ-ରକ୍ଷଣ କରନ୍ତି। ତେଣୁ ସେମାନେ ବି ପିତୃଗଣ **— 'ଦେବା ବା ଏତେ ପିତରଃ'** (ଗୋପଥ. ଉ. ୧:୨୪)। **'ସ୍ୱିଷ୍ଟକୃତୋ ବୈ ପିତରଃ'** (ଗୋପଥ. ଉ. ୧:୨୪) – ସୁଖସୁବିଧାଦି ଦ୍ୱାରା ଆମର ପାଳନ-ପୋଷଣ କରୁଥିବା ଓ ଆମର ହିତସାଧନ କରୁଥିବା ବିଦ୍ୱାନ୍ ବ୍ୟକ୍ତିକୁ ପିତୃଲୋକ ବୋଲି କୁହାଯାଏ। ଅତଏବ ପିତୃଲୋକ ଭିତରେ ଅନ୍ତର୍ଭୁକ୍ତ ହେଲେ- ମାତା-ପିତା, ଗୁରୁ, ଜ୍ଞାନୀ ବ୍ୟକ୍ତି।

**ପ୍ର.କ.—** ମାତା-ପିତା ଆଦି ଗୁରୁଜନ ମରିଗଲା ପରେ ପିତୃଲୋକ ହୁଅନ୍ତି ବୋଲି କୁହାଯାଏ। ସେ କଥା କ'ଣ ସତ୍ୟ ନୁହେଁ ?

**ସ୍ୱାମୀଜୀ —** ଆପଣ ତ ଗୀତା ପଢ଼ିଥିବେ। ସେଇଠି ବର୍ଣ୍ଣନା ଅଛି ଯେ ଯେତେବେଳେ ଯୁଦ୍ଧ କରିବା ପାଇଁ କୁରୁକ୍ଷେତ୍ରରେ କୌରବ ଓ ପାଣ୍ଡବମାନେ ପରସ୍ପର ସମ୍ମୁଖରେ ଠିଆ ହୋଇଛନ୍ତି ସେତେବେଳେ ଅର୍ଜୁନ ସମ୍ମୁଖରେ ଜ୍ଞାତିକୁଟୁମ୍ବଙ୍କୁ ଦେଖି ଯୁଦ୍ଧ ପାଇଁ ଅନିଚ୍ଛୁକ ହୋଇ କୃଷ୍ଣଙ୍କୁ ସମ୍ମୁଖରେ ଠିଆ ହୋଇଥିବା ଜ୍ଞାତି-କୁଟୁମ୍ବଙ୍କ ବିଷୟରେ କହୁଛନ୍ତି—

**ଆଚାର୍ଯ୍ୟଃ ପିତରଃ ପୁତ୍ରାସ୍ତଥୈବ ଚ ପିତାମହାଃ।**
**ମାତୁଲାଃ ଶ୍ୱଶୁରାଃ ପୌତ୍ରାଃ ଶ୍ୟାଲାଃ ସମ୍ବନ୍ଧିନସ୍ତଥା ॥**
**ଏତାନ୍ନ ହନ୍ତୁମିଚ୍ଛାମି ଘ୍ନତୋଽପି ମଧୁସୂଦନ।**
**ଅପି ତ୍ରୈଲୋକ୍ୟରାଜ୍ୟସ୍ୟ ହେତୋଃ କିଂ ନୁମହୀକୃତେ ॥**
(ଗୀତା. ୧:୩୪,୩୫)

ଯୁଦ୍ଧ କରିବା ପାଇଁ ମୋ ଆଗରେ ଆଚାର୍ଯ୍ୟ, ପିତୃଗଣ,

ପୁତ୍ରଗଣ, ପିତାମହ, ମାମୁଁ, ଶ୍ୱଶୁର, ପୌତ୍ର, ଶଳା ତଥା ଅନ୍ୟ ସମ୍ବନ୍ଧୀ ଠିଆ ହୋଇଛନ୍ତି । ହେ ମଧୁସୂଦନ ! ଏମାନେ ମୋତେ ମାରିଦିଅନ୍ତୁ ପଛକେ ଏବଂ ଏମାନଙ୍କୁ ମାରିଲେ ତିନି ଲୋକର ରାଜ୍ୟ ମିଳିଲେ ସୁଦ୍ଧା ମୁଁ ଏମାନଙ୍କୁ ମାରିବାକୁ ଚାହୁଁନାହିଁ । ଆଉ ସାମାନ୍ୟ ଭୂଖଣ୍ଡ ପାଇଁ କାହିଁକି ମାରିବି ?

ଏଠାରେ ଅର୍ଜୁନ ତ ସ୍ପଷ୍ଟ କହିଲେ ଯେ ମୋ ଆଗରେ ମୋ ପିତୃଲୋକ ଯୁଦ୍ଧ କରିବା ପାଇଁ ଠିଆ ହୋଇଛନ୍ତି । ଯଦି ମୃତବ୍ୟକ୍ତିଙ୍କୁ ପିତୃଲୋକ ବୋଲି କୁହାଯାଏ, ତେବେ ଅର୍ଜୁନଙ୍କ ଆଗରେ କ'ଣ ମଲା ଲୋକମାନେ ଯୁଦ୍ଧ କରିବା ପାଇଁ ଠିଆ ହୋଇଥିଲେ ? ଦ୍ୱିତୀୟରେ ଅର୍ଜୁନ କହିଲେ ଯେ — **'ଏତାନ୍ନ ହନ୍ତୁମିଚ୍ଛାମି'**— ମୁଁ ଏମାନଙ୍କୁ ମାରିବାକୁ ଚାହୁଁନାହିଁ । ଥରେ ବୁଦ୍ଧି ପ୍ରୟୋଗ କରି ବିଚାର କରନ୍ତୁ ଯେ ଯଦି ମୃତବ୍ୟକ୍ତିଙ୍କୁ 'ପିତୃ' ବୋଲି କୁହାଯାଏ ତେବେ ଅର୍ଜୁନ ପୁଣି 'ମୁଁ ଏମାନଙ୍କୁ ମାରିବାକୁ ଚାହୁଁନି' ବୋଲି କେମିତି କହିଲେ ? ଜୀଇଁଥିବା ଲୋକକୁ ମରାଯାଏ ନା ମରିଯାଇଥିବା ଲୋକଙ୍କୁ ? ଅର୍ଜୁନ କ'ଣ ମରିଯାଇଥିବା ପିତୃଙ୍କୁ ନ ମାରିବା କଥା କହୁଥିଲେ ? ଅତଏବ ଏ କଥାରୁ ସ୍ପଷ୍ଟ ହେଲା ଯେ, ଜୀବିତ ଲୋକଙ୍କୁ ପିତୃଲୋକ ବୋଲି କୁହାଯାଏ । ଯଦି ଆମେ ଗୀତାକୁ ମାନୁଛେ, ତେବେ ଏକଥା ମାନିବାକୁ ପଡ଼ିବ ଯେ ଜୀବିତ ବ୍ୟକ୍ତିଙ୍କୁ ହିଁ ପିତୃ କୁହାଯାଏ, ମୃତକଙ୍କୁ ନୁହେଁ । ଯଦି ଏଣେ ଗୀତାକୁ ମାନୁଛୁ ବୋଲି କହୁଥିବା ଏବଂ ତେଣେ ପିତୃଲୋକ କହିଲେ ମୃତବ୍ୟକ୍ତି ବୋଲି ମାନୁଥିବା, ତେବେ ବୁଝିବାକୁ ହେବ ଯେ, ଆମର ମସ୍ତିଷ୍କରେ କିଛି ସମସ୍ୟା ରହିଛି । ଶତପଥ ବ୍ରାହ୍ମଣରେ ବି କୁହାଯାଇଛି — **'ମର୍ତ୍ତ୍ୟାଃ ପିତରଃ'** (ଶତ. ୨:୧:୩:୪)— ଜୀବିତ ମନୁଷ୍ୟ ହିଁ ପିତର ଅଟେ, ମୃତ ବ୍ୟକ୍ତି ନୁହେଁ ।

**ପ୍ର.କ.—** କିନ୍ତୁ କିଛି ଲୋକ କହନ୍ତି ଯେ ଗୀତାରେ ମୃତ ପିତୃଗଣଙ୍କ ଶ୍ରାଦ୍ଧ ବିଷୟରେ ବର୍ଣ୍ଣନା ଅଛି ।

**ସ୍ୱାମୀଜୀ —** ମୋର ଆପଣଙ୍କୁ ପ୍ରଶ୍ନ ହେଲା ଯେ ଗୀତାରେ 'ପିତର' ବା 'ପିତୃଗଣ'ର ଅର୍ଥ 'ମୃତ ମାତା-ପିତା ଆଦି' ବୋଲି କେଉଁ ସ୍ଥାନରେ ଉଲ୍ଲେଖ ଅଛି ? କିଛି ସ୍ୱାର୍ଥୀ, ଧୂର୍ତ୍ତ ଲୋକଙ୍କ ପ୍ରଚାର ଯୋଗୁଁ 'ପିତୃଗଣ'ର ଅର୍ଥ 'ମୃତ ପିତା-ମାତା ଆଦି' ବୋଲି ଆମ ମୁଣ୍ଡରେ ଯେଉଁ ଭ୍ରମ ବସା ବାନ୍ଧି ରହିଛି, ସେଥିପାଇଁ ଯେଉଁଠି ବି ଆମେ ପିତୃ ଶବ୍ଦ ଦେଖୁ ତୁରନ୍ତ ଆମ ତରଫରୁ ମୃତ ବିଶେଷଣ ଆମେ ଯୋଡ଼ି ଦେଉ । ଗୀତା(୧:୩୪,୩୫)ର ଆଧାରରେ ବର୍ତ୍ତମାନ ମୁଁ ଆପଣଙ୍କୁ ପ୍ରମାଣିତ କରି ବୁଝାଇଲି ଯେ ଗୀତାରେ 'ପିତର' ଅର୍ଥ ଜୀବିତ ପିତା ଆଦି । ଏଇ କଥାକୁ ଉତ୍ତମ ରୂପେ ହୃଦୟଙ୍ଗମ କଲେ ପରବର୍ତ୍ତୀ ସବୁ ବିଭ୍ରାନ୍ତି ଦୂର ହୋଇଯିବ । ଗୀତାରେ ମୃତ ପିତୃଗଣଙ୍କ ଶ୍ରାଦ୍ଧ କରିବା, ପିଣ୍ଡ-ପାଣି ଦେବା କଥା ଲେଖାଅଛି ବୋଲି ଯେଉଁମାନେ କହନ୍ତି ସେମାନେ ଏ ବିଷୟରେ ପ୍ରମାଣ ସ୍ୱରୂପ ପ୍ରାୟତଃ ଗୀତାର ନିମ୍ନ ଶ୍ଳୋକର ଉଦ୍ଧରଣ ଦିଅନ୍ତି —

**ସଂକରୋ ନରକାୟୈବ କୁଲଘ୍ନାନାଂ କୁଲସ୍ୟ ଚ ।**
**ପତନ୍ତି ପିତରୋ ହ୍ୟେଷାଂ ଲୁପ୍ତପିଣ୍ଡୋଦକକ୍ରିୟାଃ ॥**

(ଗୀତା. ୧:୪୨)

ବର୍ଣ୍ଣସଂକରତା ସେହି କୁଳଘାତୀମାନଙ୍କର ଓ କୁଳର ନର୍କ ପ୍ରାପ୍ତିର କାରଣ ହୋଇଯାଏ । ପିଣ୍ଡକ୍ରିୟା ଓ ଜଳକ୍ରିୟା ନଷ୍ଟ ହୋଇଯିବା କାରଣରୁ ଏମାନଙ୍କ ପିତୃଗଣ ନିଜ ସ୍ଥାନରୁ ପତିତ ହୋଇଯାନ୍ତି ।

ଏଠାରେ ଉଲ୍ଲେଖ ଥିବା **'ପିଣ୍ଡୋଦକକ୍ରିୟା'**ର ଅର୍ଥ ମୃତ ପିତୃଙ୍କୁ ପିଣ୍ଡଦାନ ବୋଲି ବହୁ ବ୍ୟାଖ୍ୟାକାର ଅର୍ଥ (ଅନର୍ଥ) କରିଥିବାରୁ ସାଧାରଣ ଲୋକ ବିଭ୍ରାନ୍ତିରେ ପଡ଼ିଯାଇଛନ୍ତି । ଏଠାରେ ଥିବା 'ପିତର' ଶବ୍ଦର ଅର୍ଥ 'ମୃତ ପିତାଦି' କରିବା ପ୍ରସଙ୍ଗବିରୁଦ୍ଧ, ପ୍ରକରଣବିରୁଦ୍ଧ । ପିଣ୍ଡକ୍ରିୟା ଓ ଜଳକ୍ରିୟା ନଷ୍ଟ ହୋଇଯିବାରୁ ପିତୃଗଣ କାହିଁକି ଓ କିପରି ପତିତ ହୁଅନ୍ତି ସେ କଥାକୁ ପୂର୍ବାପର ପ୍ରସଙ୍ଗ ସହ ବୁଦ୍ଧିପୂର୍ବକ ବିଚାର କଲେ ଏ କଥନର ଆଶୟ ସ୍ପଷ୍ଟ ହେବ । ଏଥିପାଇଁ କାଳ୍ପନିକ ପିତୃଲୋକକୁ ଛାଡ଼ି ବାସ୍ତବବାଦୀ ଦୃଷ୍ଟିକୋଣ ଗ୍ରହଣ କରିବାକୁ ହେବ । ଯେହେତୁ ଗୀତା(୧:୩୪,୩୫)ରେ ଥିବା 'ପିତର' ଶବ୍ଦର ଅର୍ଥ 'ଜୀବିତ ପିତା ଆଦି' ଅଟନ୍ତି, ତେଣୁ ଏଇ ଅର୍ଥକୁ ନେଇ ପରବର୍ତ୍ତୀ ଶ୍ଳୋକଗୁଡ଼ିକର ପ୍ରକରଣ ସଂଗତ ଅର୍ଥ କରିବାକୁ ହେବ । ଆମେ ପୂର୍ବାଗ୍ରହର ବଶବର୍ତ୍ତୀ ହୋଇ 'ପିତର' ଶବ୍ଦ ଅର୍ଥ 'ମୃତ ପିତୃଗଣ' କଲେ ଭୁଲ୍ ହେବ, ପ୍ରକରଣ ବିରୁଦ୍ଧ କଥା ହେବ ।

ଅର୍ଜୁନଙ୍କ ମନରେ ଏ ବିଚାର ଜାଗ୍ରତ ହେଲା ଯେ— ଏହି ମହାଭାରତ ମହାଯୁଦ୍ଧର ପ୍ରଥମ ଦୁଷ୍ପରିଣାମ ହେବ ଯେ ସମାଜରେ ବର୍ଣ୍ଣ-ମର୍ଯ୍ୟାଦା ସମାପ୍ତ ହୋଇଯିବ। କାରଣ ଏ ଯୁଦ୍ଧରେ ହେବା ନରସଂହାର ଉଭୟ କୁଳ ପାଇଁ ଘାତକ ହେବ। ଏତେ ବଡ଼ ସଂଖ୍ୟାରେ କ୍ଷତ୍ରିୟ ଏ ଯୁଦ୍ଧରେ ମୃତ୍ୟୁବରଣ କରିବା ଦ୍ୱାରା କ୍ଷତ୍ରିୟ କନ୍ୟାଙ୍କର ପାଣିଗ୍ରହଣ ପାଇଁ କ୍ଷତ୍ରିୟ ପୁରୁଷଙ୍କ ଅଭାବ ହେବ, ବିବାହ ଆଉ ଗୁଣ-କର୍ମ-ସ୍ୱଭାବ ଅନୁସାରେ ହେବା ସମ୍ଭବ ହେବ ନାହିଁ। କ୍ଷତ୍ରିୟ କନ୍ୟାଗଣ ଅନ୍ୟ ବର୍ଣ୍ଣରେ ବିବାହ କରିବାକୁ ବାଧ୍ୟ ହେବେ ଓ କ୍ଷତ୍ରିୟ କୁଳବଧୂଗଣ ଅନ୍ୟର ଆଶ୍ରୟ ନେବାକୁ ବାଧ୍ୟ ହେବେ ତଥା ସମାଜରେ ବ୍ୟବସ୍ଥା-ଶୃଙ୍ଖଳା ରକ୍ଷାକାରୀ କ୍ଷତ୍ରିୟଙ୍କ ଅଭାବରେ ଚତୁର୍ଦ୍ଦିଗରେ ଅଧର୍ମର ପ୍ରଭାବ ବଢ଼ି ଅନାଚାର, ଗୁପ୍ତ ବ୍ୟଭିଚାରାଦି ମଧ୍ୟ ବଢ଼ିଯିବ। ଏସବୁର ପରିଣାମସ୍ୱରୂପ ବର୍ଣ୍ଣସଙ୍କରତା ବ୍ୟାପିଯିବ। ଯୁଦ୍ଧର ଦ୍ୱିତୀୟ ଦୁଷ୍ପରିଣାମ ଏହା ହେବ ଯେ ସମାଜରେ ଆଶ୍ରମ-ବ୍ୟବସ୍ଥା ବି ଧରାଶାୟୀ ହୋଇଯିବ। ବିରାଟସଂଖ୍ୟକ କ୍ଷତ୍ରିୟ ଗୃହସ୍ଥଙ୍କ ଯୁଦ୍ଧରେ ମୃତ୍ୟୁ ଯୋଗୁଁ ସେମାନଙ୍କ ଉପରେ ନିର୍ଭରଶୀଳ ହୋଇ ଜୀବିତ ଥିବା ସେମାନଙ୍କ ବୃଦ୍ଧ ମାତା-ପିତାଙ୍କ ଅବସ୍ଥା କ'ଣ ହେବ ? ଯେଉଁ ଗୃହସ୍ଥ ପୁତ୍ରର ଆଶ୍ରୟରେ ଏମାନଙ୍କ ଜୀବନ-ନିର୍ବାହ ହେଉଥିଲା, ଏମାନଙ୍କୁ ପିଣ୍ଡ ଓ ଉଦକ ଅର୍ଥାତ୍ ଖାଦ୍ୟ ଓ ପାନୀୟ ଠିକ୍ ରୂପେ ମିଳୁଥିଲା ସେହି ଗୃହସ୍ଥର ମୃତ୍ୟୁରେ ଏମାନଙ୍କ ଅବସ୍ଥା ଶୋଚନୀୟ ହୋଇଯିବ। ଯେଉଁ ବୃଦ୍ଧ ପିତା-ମାତା ଗୃହକର୍ମରୁ ନିବୃତ୍ତ ହୋଇ ସନ୍ତାନଙ୍କଠାରୁ ଭୋଜନ-ପାନାଦି ପ୍ରାପ୍ତ କରି ବାନପ୍ରସ୍ଥ ଜୀବନ ଅତିବାହିତ କରୁଥିଲେ, ଆତ୍ମସାଧନାରେ ରତ ଥିଲେ ସେମାନଙ୍କୁ ଏ ପରିଣତ ବୟସରେ ଆତ୍ମସାଧନାରୁ ବିରତ ହୋଇ ପୁନର୍ବାର ଖାଦ୍ୟ-ପାନୀୟର ଚିନ୍ତାରେ ଛଟପଟ ହୋଇ ବାଧ୍ୟବାଧକତାରେ କୌଣସି ଉପାର୍ଜନ ପନ୍ଥା, ବୃତ୍ତି ଆପଣେଇବାକୁ ପଡ଼ିବ। ସେମାନଙ୍କ ମୁଣ୍ଡରେ ତ ବର୍ତ୍ତମାନ ଚଡ଼କ ପଡ଼ିଲା। କାରଣ ନିଜର ଉଦର ପୋଷଣ ପାଇଁ ଏ ବୟସରେ ଅନ୍ନମୁଠାଏ ଯୋଗାଡ଼ କରିବାକୁ ପରିଶ୍ରମ କରିବା ସାଙ୍ଗକୁ ଘରେ ଥିବା ପିତୃହୀନ ସନ୍ତାନ ଓ କୁଳବଧୂଙ୍କ ଦାୟିତ୍ୱ ମଧ୍ୟ ବୁଝିବାକୁ ହେବ। ସେମାନଙ୍କ ସୁରକ୍ଷା, ଖାଦ୍ୟପାନୀୟ ଆଦିର ଚିନ୍ତାରେ ଏମାନେ ଛଟପଟ ହେବେ। ଅତଃ ସେ ପିତୃଗଣ ପିଣ୍ଡ-ପାଣି ଅଭାବରୁ ବାନପ୍ରସ୍ଥାଶ୍ରମରୁ ପତିତ ହୋଇ, ବାନପ୍ରସ୍ଥାଶ୍ରମ ତ୍ୟାଗ କରି ଗୃହସ୍ଥାଶ୍ରମର କାର୍ଯ୍ୟ କୁଟୁମ୍ବ ପୋଷଣ, ଅର୍ଥୋପାର୍ଜନାଦି ପାଇଁ ବିବିଧ ବୃତ୍ତି କରିବାକୁ ବାଧ୍ୟ ହେବେ। ବର୍ଣ୍ଣସଂକରତା ଯୋଗୁଁ ଏଭଳି ଆଶ୍ରମ ସଂକରତା ହେବ।

ଅତଏବ ଆପଣ ନିଜେ ବିଚାର କରନ୍ତୁ ଯେ ଏହି ଶ୍ଳୋକରେ ମୃତ ପିତୃଗଣଙ୍କ ପିଣ୍ଡ-ପାଣିର ବର୍ଣ୍ଣନା ଅଛି ନା ଜୀବିତ ପିତୃଗଣ ପିଣ୍ଡ-ପାଣି ଅଭାବରେ ପତିତ ହେବା ବିଷୟ ଉଲ୍ଲେଖ ଅଛି।

**ପ୍ର.କ.**— ଆପଣଙ୍କ କଥା ତ ଠିକ୍। ତେବେ ମୃତବ୍ୟକ୍ତିଙ୍କ ମୃତ୍ୟୁ ଦିବସରେ ସେମାନଙ୍କ ସନ୍ତାନାଦି ନଈ-ପୋଖରୀକୁ ଯାଇ ଯେଉଁ ତିଳତର୍ପଣ କରନ୍ତି, ଆକାଶରେ ପିତୃଲୋକରେ ଥିବା ପିତୃଗଣଙ୍କୁ ଆଞ୍ଜୁଳା-ଆଞ୍ଜୁଳା ପାଣି ଦେଇ ତର୍ପଣ କରନ୍ତି, ସେଇଟା ପୁଣି କ'ଣ ?

**ସ୍ୱାମୀଜୀ** — ପ୍ରଥମେ ବୁଝନ୍ତୁ ଯେ ତର୍ପଣ କାହାକୁ କହନ୍ତି। ଯେଉଁ କର୍ମ ଦ୍ୱାରା ବିଦ୍ୱାନ୍ ରୂପକ ଦେବ, ଋଷି ଓ ପିତରଙ୍କୁ ତୃପ୍ତ ବା ପ୍ରସନ୍ନ କରାଯାଏ ତାକୁ ତର୍ପଣ କହନ୍ତି। ଅର୍ଥାତ୍ ମାତା, ପିତା, ଆଚାର୍ଯ୍ୟ ଆଦିଙ୍କୁ ପ୍ରତ୍ୟହ ପ୍ରାତଃକାଳରେ ପ୍ରଣାମ କରିବା, ଭୋଜନ-ବସ୍ତ୍ରାଦି ପ୍ରଦାନ କରି ତୃପ୍ତ କରିବା ତଥା ସେମାନଙ୍କ ପକ୍ଷପାତରହିତ ଧର୍ମାନୁକୂଳ ଆଦେଶ ପାଳନ ଓ ଇଚ୍ଛା ପୂରଣ ନିମନ୍ତେ ଯଥାଶକ୍ତି ପ୍ରୟାସ କରି ସେମାନଙ୍କୁ ପ୍ରସନ୍ନ ରଖିବାକୁ ତର୍ପଣ କୁହାଯାଏ।

ନଈ-ପୋଖରୀରେ ପାଣି ଆଞ୍ଜୁଳା ଉପରକୁ ଟେକି ପିତୃଲୋକଙ୍କୁ ତର୍ପଣ କରିବା ବିଷୟରେ ଯେଉଁ ପ୍ରଶ୍ନ ଆପଣ ପଚାରିଲେ, ଗୁରୁ ନାନକ ଦେବଙ୍କ ଜୀବନରେ ଏ ବିଷୟକ ଏକ ଘଟଣା ପ୍ରସିଦ୍ଧ। ନାନକ ଦେବ ଥରେ ହରିଦ୍ୱାର ଯାଇଥିଲେ। ସେ ଦେଖିଲେ ଯେ କିଛି ଲୋକ ଗଙ୍ଗାରେ ଠିଆ ହୋଇ ଅଞ୍ଜଳିରେ ଗଙ୍ଗାଜଳ ଭରି ଆଞ୍ଜୁଳା-ଆଞ୍ଜୁଳା କରି ଦକ୍ଷିଣ ଦିଗକୁ ଢାଳୁଥାଆନ୍ତି। ନାନକ ସେମାନଙ୍କୁ

କ'ଣ କରୁଛନ୍ତି ବୋଲି ପଚାରିଲେ । ସେମାନେ କହିଲେ — 'ଆମେ ଆମର ପିତୃଲୋକରେ ଥିବା ପିତୃଗଣଙ୍କୁ ତର୍ପଣ କରୁଛୁ, ସେମାନଙ୍କ ତୃପ୍ତି ପାଇଁ ଗଙ୍ଗାଜଳ ପ୍ରଦାନ କରୁଛୁ ।' ତା' ପରେ ନାନକ କ'ଣ କଲେ ନା ? ସେ ମଧ୍ୟ ଗଙ୍ଗାରେ ଗାଧୋଇଲେ । ଲୋକମାନେ ଯେଉଁ ଦିଗକୁ ଆଞ୍ଜୁଳା-ଆଞ୍ଜୁଳା ପାଣି ଢାଳୁଥିଲେ, ନାନକ ସେ ଦିଗକୁ ପଛ କରି ସେମିତି ଆଞ୍ଜୁଳାଏ ଲେଖାଏଁ ପାଣି ଉଠାଇ ତା'ର ବିପରୀତ ଦିଗରେ ଢାଳିବାକୁ ଲାଗିଲେ । ଲୋକେ ଆଶ୍ଚର୍ଯ୍ୟ ହେଲେ ଯେ ଅନ୍ୟ ସମସ୍ତେ ତ ଏ ଦିଗକୁ ପାଣି ଢାଳୁଛନ୍ତି । ଏ ବାବା ତା'ର ବିପରୀତ ଦିଗକୁ କ'ଣ ଢାଳୁଛନ୍ତି ? କିଛି ସମୟ ପର୍ଯ୍ୟନ୍ତ ଲୋକେ ସେ କାମ ଦେଖିଲେ । ତା' ପରେ ଲୋକେ ତାଙ୍କୁ ପଚାରିଲେ — 'ଆପଣ ଏ ଦିଗକୁ କ'ଣ ପାଣି ଦେଉଛନ୍ତି ?' ନାନକ ଓଲଟି ପଚାରିଲେ— 'ସେମାନେ ସେ ଦିଗକୁ କ'ଣ ପାଇଁ ପାଣି ଢାଳୁଛନ୍ତି ?' ଲୋକେ ଉତ୍ତର ଦେଲେ — 'ସେମାନେ ସେମାନଙ୍କ ପିତୃଗଣଙ୍କୁ ଜଳଦାନ କରୁଛନ୍ତି ।' ନାନକ ପଚାରିଲେ — 'ସେମାନଙ୍କ ପିତୃଗଣ କେଉଁଠି ଅଛନ୍ତି ?' ଲୋକେ କହିଲେ — 'ପିତୃଲୋକରେ ।' ନାନକ ପଚାରିଲେ— 'ପିତୃଲୋକ କେଉଁଠି ଅଛି ?' ଲୋକେ କହିଲେ— 'ଦକ୍ଷିଣ ଦିଗରେ ଆକାଶରେ ।' ନାନକ ପଚାରିଲେ— 'କେତେ ଦୂରରେ ?' ଲୋକେ କହିଲେ— 'କିଏ ଦେଖିଛି ଯେ କହିପାରିବ କେତେ ଦୂରରେ ? ଆକାଶରେ କେଉଁଠି ଏକ ସ୍ଥାନରେ ଅଛି ବୋଲି ତ ଲୋକେ କହନ୍ତି ।' ବର୍ତ୍ତମାନ ନାନକ କହିଲେ — 'ମୁଁ ମୋ କ୍ଷେତକୁ ପାଣି ଦେଉଛି ।' ଲୋକେ ପଚାରିଲେ — ' ଆପଣଙ୍କ କ୍ଷେତ କେଉଁଠି ଅଛି ?' ନାନକ ଉତ୍ତରଦେଲେ —' ପଞ୍ଜାବରେ ଅଛି ।' ଲୋକେ କହିଲେ— 'ପଞ୍ଜାବ ତ ହରିଦ୍ୱାରଠୁ ବହୁତ ଦୂର । ଆପଣଙ୍କ ପାଣି ଏତେ ଦୂରରେ ପଞ୍ଜାବରେ ଥିବା କ୍ଷେତରେ କେମିତି ପହଞ୍ଚିବ ? ଇଏ ତ ଅସମ୍ଭବ କଥା ।' ନାନକ କହିଲେ — ' ଆପଣମାନଙ୍କୁ ଜଣାନାହିଁ ଯେ, ଆପଣଙ୍କ ପିତୃଲୋକ କେଉଁଠି, କେତେ ଦୂରରେ ଅଛି । ଅଥଚ ଆପଣ ଆଞ୍ଜୁଳା-ଆଞ୍ଜୁଳା ପାଣି ଦେଇଚାଲିଛନ୍ତି ଯେ ସେ ପାଣି ପିତୃଲୋକରେ ପହଞ୍ଚିଯିବ ବୋଲି । ଆଉ ମୋ କ୍ଷେତ ତ ପଞ୍ଜାବରେ କେତେ ଦୂରରେ ଅଛି ତାହା ମୋତେ ଜଣା । ଆପଣ ପିତୃଲୋକର ସ୍ଥାନ ଓ ଦୂରତା ନ ଜାଣି ବି ଯଦି ଆପଣଙ୍କ ପାଣି ପିତୃଲୋକରେ ପହଞ୍ଚିଯିବ, ତେବେ ଜାଗା ଓ ଦୂରତା ଜଣାଥିବା ମୋ କ୍ଷେତରେ ମୋ ପାଣି ପହଞ୍ଚିବ ନାହିଁ କାହିଁକି ? ଆଉ ଯଦି ମୋ ଆଞ୍ଜୁଳା ପାଣି ପଞ୍ଜାବର ମୋ କ୍ଷେତରେ ପହଞ୍ଚିବା ଅସମ୍ଭବ, ତେବେ ଆପଣମାନଙ୍କ ପାଣି ମଧ୍ୟ ପିତୃଲୋକରେ ପହଞ୍ଚିବା ସମ୍ଭବ ନୁହେଁ ।' ଲୋକେ ସେମାନଙ୍କ ଭୁଲ୍ ବୁଝିପାରିଲେ ଯେ ଇଏ ତ ସତକଥା । ପାଣି ପିତୃଲୋକରେ ପହଞ୍ଚିବା ଅସମ୍ଭବ ।

ଅତଏବ ପିତୃଲୋକ ବୋଲି କୌଣସି ଆକାଶରେ କିଛି ନାହିଁ । ଏ ସବୁ ଭ୍ରାନ୍ତ କଳ୍ପନା । ଏ ସଂସାରରେ ହିଁ ଜ୍ଞାନୀ ରୂପକ ଦେବ, ବୟୋବୃଦ୍ଧ ପିତୃ ରହନ୍ତି । ଏ ସଂସାର ହିଁ ପିତୃଲୋକ, ବୟୋବୃଦ୍ଧ-ଜ୍ଞାନବୃଦ୍ଧଙ୍କ ନିବାସସ୍ଥଳୀ । ଏ ଜୀବିତମାନଙ୍କୁ ଭୋଜନ-ବସ୍ତ୍ରାଦି ଦେଇ ତୃପ୍ତ କରିବା ହିଁ ବାସ୍ତବିକ ତର୍ପଣ । ନଈ-ପୋଖରୀରେ ପଶି ଆଞ୍ଜୁଳା କରି ପାଣି ଢାଳିବା ଆଦି କାମ ତର୍ପଣ ନୁହେଁ । ଏ ସବୁ ନିରର୍ଥକ କ୍ରିୟା ମାତ୍ର ।

**ପ୍ର.କ.—** ତା' ହେଲେ ଶ୍ରାଦ୍ଧର କିଛି ଆବଶ୍ୟକତା ନାହିଁ ?

**ସ୍ୱାମୀଜୀ —** ଶ୍ରାଦ୍ଧ ଏକାନ୍ତ ଆବଶ୍ୟକ । ଶ୍ରାଦ୍ଧ ତ କରିବା ଉଚିତ । କିନ୍ତୁ ଶ୍ରାଦ୍ଧର ଯେଉଁ ବିକୃତ ରୂପ ବର୍ତ୍ତମାନ ସମାଜରେ ପ୍ରଚଳିତ ତାହା ସମ୍ପୂର୍ଣ୍ଣ ଅନାବଶ୍ୟକ, ତ୍ୟାଜ୍ୟ । କାରଣ ଶ୍ରାଦ୍ଧ ବଞ୍ଚିଥିବା ଲୋକର କରାଯାଏ, ଜୀବିତ ରଖିବା ପାଇଁ କରାଯାଏ, ମୃତ ବ୍ୟକ୍ତି ପାଇଁ ନୁହେଁ ।

**ପ୍ର.କ.—** ଆଚ୍ଛା ! ଆଉ ଗୋଟିଏ କଥା ମୁଁ ଦେଖିଛି ଶ୍ରାଦ୍ଧରେ । ବ୍ରାହ୍ମଣ ପରିବାରରେ ଭାତ, ଡାଲି, ତରକାରି ଆଦି ରନ୍ଧା-ବଢ଼ା କରି ଶ୍ରାଦ୍ଧ ଦିଅନ୍ତି । ଖାଦ୍ୟର କିଛି ବାହାରେ ଫୋପଡ଼ାଯାଏ ଅଥବା ନଈ-ପୋଖରୀରେ ବିସର୍ଜନ କରାଯାଏ । ଆଉ କିଛି ବ୍ରାହ୍ମଣାଦି ଖାଆନ୍ତି । କିନ୍ତୁ ବ୍ରାହ୍ମଣ ବ୍ୟତୀତ ଅନ୍ୟମାନେ ରୋଷେଇ ନ କରି ଚାଉଳ, ମୁଗଡାଲି, କଞ୍ଚାକଦଳୀ, ସାରୁ ଆଦି ଦେଲେ ପତ୍ରରେ ବାଢ଼ି ପରେ

ପୁରୋହିତ ସେସବୁ ନେଇଯାଆନ୍ତି । ପ୍ରଶ୍ନ ହେଲା ଯେ ବ୍ରାହ୍ମଣ ପରିବାରର ଲୋକେ କାହିଁକି ରାନ୍ଧିକି ଦିଅନ୍ତି ? ଅନ୍ୟମାନେ କାହିଁକି ରାନ୍ଧିକି ଦେଇପାରିବେନି ?

**ସ୍ୱାମୀଜୀ —** ମୁଖ୍ୟ କଥା ହେଉଛି ଶ୍ରାଦ୍ଧରେ ପୌରୋହିତ୍ୟ ବ୍ରାହ୍ମଣମାନେ ହିଁ କରନ୍ତି, ସେ ଶ୍ରାଦ୍ଧ ବ୍ରାହ୍ମଣ ପରିବାରରେ ହେଉ କି ବ୍ରାହ୍ମଣ-ଇତର ବର୍ଣ୍ଣରେ ହେଉ। ମହାଳୟା ସମୟରେ ଯେଉଁ ପିତୃପକ୍ଷ ଶ୍ରାଦ୍ଧ ଏବେ ହେଉଛି ସେ ସମୟରେ ୧୫ ଦିନ ଭିତରେ ପ୍ରାୟ ସମସ୍ତେ ଶ୍ରାଦ୍ଧ ଦେଉଛନ୍ତି । ପୁରୋହିତ ଗୋଟିଏ ଦିନରେ କେତେ ଜଣଙ୍କ ଘରେ ଖାଇପାରିବେ ? ତେଣୁ ବ୍ରାହ୍ମଣ ଜାତିର ଲୋକଙ୍କ ଘରେ ଖାଇବା ଏବଂ ଅନ୍ୟ ଲୋକଙ୍କ ଘରୁ ଅରନ୍ଧା ଜିନିଷ ନେଇଆସିଲେ ପରେ ରାନ୍ଧି ନିଜ ଘରେ ସମସ୍ତେ ଖାଇପାରିବେ ଓ ଅନେକ ଦିନ ପର୍ଯ୍ୟନ୍ତ ଚଳିହେବ- ଏଇ ଯୋଜନା ଅନୁସାରେ ପୁରୋହିତମାନେ ଏଭଳି ପନ୍ଥାର ଉଦ୍‌ଭାବନ କରିଛନ୍ତି । ଏମାନେ ନିଜ ଜାତିଭାଇଙ୍କ ସ୍ୱାର୍ଥକୁ କିଛି-କିଛି ଜଗିଛନ୍ତି । ନଚେତ୍ ଜଣକର ସାମାନ୍ୟ କାଣ୍ଡଜ୍ଞାନ ଥିଲେ ଏ ପ୍ରଶ୍ନ ଉଠିବ ଯେ ଆମେ ଶ୍ରାଦ୍ଧରେ ଯାହା ବାଢୁ ତାହା ଯଦି ଆମ ପିତୃଲୋକ ଖାଆନ୍ତି, ତେବେ ବ୍ରାହ୍ମଣ ଲୋକଙ୍କ ଘରେ ଯେଉଁମାନେ ମରିଛନ୍ତି ବଞ୍ଚିଥିବା ବେଳେ ସେମାନେ ତ ଭାତ, ଡାଲି, ତରକାରି ଆଦି ରନ୍ଧା ଖାଦ୍ୟ ଖାଉଥିଲେ ଏବଂ ବ୍ରାହ୍ମଣ-ଇତର ଘରେ ଯେଉଁମାନେ ମରିଛନ୍ତି ବଞ୍ଚିଥିବା ବେଳେ ସେମାନେ କ'ଣ ଅରନ୍ଧା ଚାଉଳ, ଡାଲି ସହ କଞ୍ଚା ପରିବା ଚୋବାଉଥିଲେ ? ନା, ବ୍ରାହ୍ମଣ-ଇତର ଲୋକଙ୍କ ପିତୃପୁରୁଷ ପିତୃଲୋକରେ ଚୁଲି, ହାଣ୍ଡି, କରେଇ, କାଠ, କିରାସିନି, ଗ୍ୟାସ୍ ଆଦି ଧରି ବସିଛନ୍ତି ଯେ, କଞ୍ଚା ଜିନିଷ ଦେଲେ ରୋଷେଇ କରି ଖାଇବେ ?

ଆଉ କେତେକ ସ୍ଥାନରେ ଦେଖିବାକୁ ମିଳେ ଯେ ପୁରୋହିତମାନେ ବ୍ରାହ୍ମଣ ପରିବାରରେ ତ ସଙ୍ଖୁଡି ଭୋଜନ କରନ୍ତି ଅର୍ଥାତ୍ ଭାତ, ଡାଲି, ତରକାରି ଆଦି ଖାଆନ୍ତି । ବ୍ରାହ୍ମଣ-ଇତର ପରିବାରରେ ନିସଙ୍ଖୁଡ଼ି ଅର୍ଥାତ୍ ଘିଅରେ ଛଣା, ଭଜା ହୋଇଥିବା ଖାଦ୍ୟ ଖାଆନ୍ତି । ବ୍ରାହ୍ମଣ ପରିବାର ପାଇଁ ନିସଙ୍ଖୁଡ଼ିର ନିୟମ କାହିଁକି ନାହିଁ ? କାରଣ ବ୍ରାହ୍ମଣ ଲୋକ ଯଦି ନିସଙ୍ଖୁଡ଼ି ଖାଦ୍ୟ କରିବେ ତେବେ ସେମାନଙ୍କର ବେଶୀ ପଇସା ଖର୍ଚ୍ଚ ହୋଇଯିବ । ତେଣୁ ଗୋସେଇଁ ନିଜ ଜାତିଭାଇଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ନିୟମ କରିଛନ୍ତି ଯେ, ଆମ ଜାତି ଭାଇଙ୍କଠୁ ଭାତ-ଡାଲିରେ ଚଳେଇ ଦେବା ଓ ଅନ୍ୟମାନଙ୍କଠୁ ଦେଶୀ ଘିଅର ମାଲ୍ ଉଡ଼େଇବା । ବେଦ-ଶାସ୍ତ୍ରରେ ଏଭଳି ଶ୍ରାଦ୍ଧର, ସ୍ୱାର୍ଥପର କାର୍ଯ୍ୟର କୌଣସି ବିଧାନ ନାହିଁ ।

**ପ୍ର.କ.—** ସ୍ୱାମୀଜୀ ! ମୋ ମନରେ ଗୋଟିଏ ପ୍ରଶ୍ନ ଆସୁଛି — ଆମେ ଭାରତରୁ ଟଙ୍କା ଆମେରିକାରେ ଥିବା କୌଣସି ଲୋକଙ୍କ ପାଖକୁ ପଠାଇଲେ ଆମ ଟଙ୍କା ଡଲାର୍‌ରେ ପରିବର୍ତ୍ତିତ ହୋଇ ସେଠାରେ ପହଞ୍ଚୁଛି । ସେମିତି ଶ୍ରାଦ୍ଧରେ ଆମେ ପତ୍ରରେ ବାଢ଼ିଲେ କି ପୁରୋହିତ ଆଦିଙ୍କୁ ଖାଇବାକୁ ଦେଲେ ସେ ଖାଦ୍ୟ ସେମିତି କିଛିରେ ପରିବର୍ତ୍ତିତ ହୋଇ ଆମ ପିତୃପୁରୁଷଙ୍କ ପାଖରେ ହୁଏତ ପହଞ୍ଚୁଥିବ ? ଏମିତି କ'ଣ ହୋଇପାରିବନି ?

**ସ୍ୱାମୀଜୀ —** ଆପଣ ଯେଉଁ କଥାଟି କହିଲେ ଯେ- ମନେକରନ୍ତୁ ଆମର କୌଣସି ବନ୍ଧୁ ଆମେରିକାରେ ଅଛନ୍ତି । ଆମର Currency ହେଲା Rupee, ତାଙ୍କର Currency ହେଲା Dollar । ଆମେ ଏଇଠୁ ଟଙ୍କା Rupee ଆକାରରେ ପଠାଇଦେଲେ । ତାଙ୍କ ପାଖରେ Dollar ଆକାରରେ ପହଞ୍ଚିଗଲା । ସେମିତି ଆମେ ଭାତ, ଡାଲି, ତରକାରୀ ଆଦି ପିତୃଲୋକଙ୍କ ଉଦ୍ଦେଶ୍ୟରେ ଦେଲେ । ତାହା ସୂକ୍ଷ୍ମ ଆକାରରେ ପିତୃଲୋକରେ ପହଞ୍ଚିଯିବ ।

ଇଏ ଯଉଁ ସଂଶୟ ଆମର, ଏଇଠି ଆମେ ଗୋଟିଏ ମୌଳିକ କଥା ଭୁଲିଯାଉଛେ । ତାହା ହେଲା ଯେ, ବିଦେଶକୁ ପଠାଇବା ଉଦ୍ଦେଶ୍ୟରେ ଆମେ ଯେତେବେଳେ ବ୍ୟାଙ୍କ, ଡାକଘରକୁ ଟଙ୍କା ଦେଉଛେ, ସେମାନେ ଆମଠୁ ଟଙ୍କା ନେବା ପରେ ତାକୁ ପରିବର୍ତ୍ତିତ କରୁଛନ୍ତି । ଠିକ୍ ନା ଭୁଲ୍ ? **ପ୍ର.କ.—** ଠିକ୍ ! **ସ୍ୱାମୀଜୀ** — ନା, ଆମ ଟଙ୍କା ଆମ ପକେଟ୍‌ରେ ଯେମିତି-ସେମିତି ଥାଇ ସେମାନେ ଆମେରିକାକୁ ଟଙ୍କା ପଠାଇ ଦେଉଛନ୍ତି ?

**ପ୍ର.କ.—** ନା, ନା ! ଆମେ ଟଙ୍କା ଦେଲା ପରେ ସେମାନେ ପଠାନ୍ତି ।

**ସ୍ୱାମୀଜୀ** — ଆମେ ଯେତେବେଳେ ଟଙ୍କା ଦେଉଛେ, ସେମାନେ ଆମଠାରୁ ଗ୍ରହଣ କରନ୍ତି, ତା' ପରେ ତାକୁ ପରିବର୍ତ୍ତିତ କରନ୍ତି । ଆମ ପକେଟ୍‌ରୁ ଟଙ୍କା ଗଲା ପରେ Convert ହୁଏ । ଆମେ କଦଳୀ ପତ୍ରରେ କି ଥାଳିରେ ପିଣ୍ଡ ଆକାରରେ ଯାହା ବାଢୁଛେ, ସେ ପିଣ୍ଡ ଯଦି କଦଳୀ ପତ୍ରରୁ ଖାଲି ହେଉଥାଆନ୍ତା, ତେବେ ଆମେ ବିଚାର କରିଥାଆନ୍ତେ ଯେ ଭଗବାନ ସେ ଖାଦ୍ୟ ନେଇଗଲେ, ତା' ପରେ ପିତୃପୁରୁଷ ବୋଲି ଆମେ ଯାହାକୁ ଭାବୁଛେ ସେମାନେ ଯେଉଁ ପ୍ରକାର ଖାଦ୍ୟ ଖାଉଥିବେ ତାଙ୍କ ବ୍ୟବସ୍ଥାନୁସାରେ ସେ ତାକୁ ସେ ପ୍ରକାର ଖାଦ୍ୟରେ ପରିବର୍ତ୍ତିତ କରି ନେଇ ପିତୃପୁରୁଷଙ୍କ ପାଖରେ ପହଞ୍ଚାଇବେ । ଆପଣ ତ ଦେଖିଥିବେ ଯେ ଶ୍ରାଦ୍ଧରେ କଦଳୀପତ୍ରରେ ଯାହା ବଢ଼ା ହୋଇଥାଏ ସେଥିରୁ ଗୋଟିଏ ବି ଦାନା କମେନି । ସବୁ ସେମିତି କଦଳୀପତ୍ରରେ ଥାଏ । ଯେମିତିକି ପଇସା ପକେଟ୍‌ରେ ଥିବ ତ ପରିବର୍ତ୍ତିତ (Convert) ହେବ କେମିତି ? ପ୍ରଥମେ ପରିବର୍ତ୍ତିତ (Convert ) ହେଲେ ସିନା ତା' ପରେ ଯିବ କି ନ ଯିବ ସେ ପ୍ରଶ୍ନ ଉଠିବ । ଆମେ ତ ଯେଉଁ ପିଣ୍ଡ ବାଢ଼ିଛେ, ତାହା ଖାଲି ତ ହୋଇନି ସେ ପତ୍ରରୁ, ସେ ତ ପରିବର୍ତ୍ତିତ ହୋଇନି । ତାହା ପିତୃଲୋକ ପାଖରେ ପହଞ୍ଚିବ କେମିତି ?

ଦ୍ୱିତୀୟରେ, ପୁରୋହିତ ଆଦିଙ୍କ ପେଟ କ'ଣ ଡାକଘର ନା ବ୍ୟାଙ୍କ ଯେ ଏଇଠି ଖାଦ୍ୟ ଦେଲେ ପିତୃପୁରୁଷଙ୍କ ପାଖରେ ପହଞ୍ଚିଯିବ ? ତୃତୀୟରେ, ଆମେ ପଠାଇଥିବା ଟଙ୍କା ଆମ ବନ୍ଧୁଙ୍କ ନିକଟରେ ସେତେବେଳେ ପହଞ୍ଚେ ଯେତେବେଳେ ତାହା ବ୍ୟାଙ୍କ କି ଡାକଘରୁ ଯାଏ । ବ୍ୟାଙ୍କରେ ଥାଇ ତ ବନ୍ଧୁଙ୍କ ପାଖରେ ଟଙ୍କା ପହଞ୍ଚି ପାରିବ ନାହିଁ । ପୁରୋହିତ ଶ୍ରାଦ୍ଧରେ ଯାହା ଖାଆନ୍ତି ତା'ର ସାର ଭାଗ ତ ତାଙ୍କ ରକ୍ତରେ ମିଶେ ଓ ଅସାର ଭାଗ ମଳ ଆକାରରେ ବାହାରି ଯାଏ । ତେବେ ଆଉ ପିତୃପୁରୁଷଙ୍କ ପାଖରେ ପହଞ୍ଚିବ କ'ଣ ?

**ପ୍ର.କ.—** ତେବେ ପିତୃଶ୍ରାଦ୍ଧ ବିଷୟରେ ଆପଣଙ୍କ ଅନ୍ତିମ ମନ୍ତବ୍ୟ କ'ଣ ?

**ସ୍ୱାମୀଜୀ** — ପିତୃଶ୍ରାଦ୍ଧର ଉଦ୍ଦେଶ୍ୟ ହେଲା ପିତୃଗଣଙ୍କ ପ୍ରତି କୃତଜ୍ଞତା ପ୍ରଦର୍ଶନ ପୂର୍ବକ ସେମାନଙ୍କ ପାଳନ-ପୋଷଣ, ସ୍ୱାସ୍ଥ୍ୟ ଆଦିର ଯତ୍ନ, ସେମାନଙ୍କ ପ୍ରୀତି ସମ୍ପାଦନ। ଏସବୁ ଜୀବିତ ଲୋକଙ୍କ ପାଇଁ ଆବଶ୍ୟକ। ମାତା-ପିତାଦି ପିତୃଗଣ ବଞ୍ଚିଥିବା ପର୍ଯ୍ୟନ୍ତ ଅହରହ ଆମେ ପିତୃଶ୍ରାଦ୍ଧ କରିବା ଉଚିତ। ମୃତ ବ୍ୟକ୍ତିଙ୍କୁ ଭୋଜନ, ବସ୍ତ୍ର, ଚିକିତ୍ସା ଆଦି କିଛି ଆବଶ୍ୟକ ନାହିଁ। ତେଣୁ ଶ୍ରାଦ୍ଧ ମୃତକର କରାଯାଏ ନାହିଁ। ମୃତବ୍ୟକ୍ତିଙ୍କ ଭଲ ଗୁଣାବଳୀକୁ ଆମେ ନିରନ୍ତର ମନେ ପକାଇବା, ସେମାନଙ୍କ ଭଲ ଗୁଣକୁ ଆମେ ଜୀବନରେ ଧାରଣ କରିବା। ସେମାନଙ୍କ ସ୍ମୃତିରେ ସମାଜରେ ଭଲ ଗୁଣର ପ୍ରସାର ପାଇଁ ବୈଦିକ ଧର୍ମର ପ୍ରସାରରେ ସହଯୋଗ କରିପାରିବା, ଗୋରକ୍ଷାରେ ସହଯୋଗ ଦେଇପାରିବା, ଅନାଥଙ୍କ ପାଳନରେ ସହଯୋଗ କରିପାରିବା। ଏସବୁ ସେମାନଙ୍କ ପୁଣ୍ୟ ସ୍ମୃତିରେ ଯଥାର୍ଥ ଶ୍ରଦ୍ଧାଞ୍ଜଳି ହେବ।

ଉପସ୍ଥାପନା

**ଡଃ. ଲଳିତମଞ୍ଜରୀ ସାହୁ**

**ଗାୟତ୍ରୀ ପାଣିଗ୍ରାହୀ**

❖❖❖

'ଶ୍ରୁତିସୌରଭ'ର ସମସ୍ତ ଗ୍ରାହକଙ୍କୁ ଏ ପତ୍ରିକା ବହି ଆକାରରେ ଉପଲବ୍ଧ କରାଇବା ସହ ସେମାନଙ୍କ ନିକଟକୁ Whats app ମାଧ୍ୟମରେ ପତ୍ରିକାର PDF Copy ପଠାଯିବା ଯୋଜନା ଆରମ୍ଭ ହୋଇଛି । ଏଥିପାଇଁ ସମସ୍ତ ସଦସ୍ୟଙ୍କୁ ବିନମ୍ର ନିବେଦନ ଯେ, ସମସ୍ତେ ନିଜ-ନିଜ Whats app ନମ୍ବର ଦିଅନ୍ତୁ । ନମ୍ବର ସିଧା ଆମ ପାଖକୁ ପଠାଇ ପାରନ୍ତି କିମ୍ବା ନିଜ ଅଞ୍ଚଳର ସଂଯୋଜକଙ୍କୁ ଦେଇ ପାରନ୍ତି । ସମସ୍ତ ସଂଯୋଜକଙ୍କୁ ଅନୁରୋଧ ଯେ, ନିଜେ କରିଥିବା ସମସ୍ତ ସଦସ୍ୟଙ୍କ Whats app ନମ୍ବର ଦୟାକରି ସଂଗ୍ରହ କରି ପଠାଇବେ ।

*ସହଯୋଗାକାଂକ୍ଷୀ*

***ସଂପାଦକ***

সিদ্ধান্ত চর্চ্চা :

# ଦୁଃଖର କାରଣ - ଅବିଦ୍ୟା

ସ୍ୱାମୀ ବିବେକାନନ୍ଦ ପରିବ୍ରାଜକ

ଦୁଃଖର ମୂଳ କାରଣ 'ମିଥ୍ୟାଜ୍ଞାନ' ଅଟେ । 'ମିଥ୍ୟାଜ୍ଞାନ'ର ଅନ୍ୟ ନାମ ହିଁ 'ଅବିଦ୍ୟା' । ଆସନ୍ତୁ, ଅବିଦ୍ୟା କ'ଣ ଏବଂ ଏହା ଦ୍ୱାରା ଦୁଃଖ କିପରି ଉତ୍ପନ୍ନ ହୁଏ, ଏ ସମ୍ବନ୍ଧରେ ଟିକିଏ ବିସ୍ତୃତ ଭାବେ ବୁଝିବା ଓ ଜାଣିବାକୁ ଚେଷ୍ଟା କରିବା । ଏହି ବିଷୟକୁ ଭଲ ଭାବରେ ବୁଝିବା ପାଇଁ ଆମେ ଯୋଗଦର୍ଶନର ଏହି ସୂତ୍ର ଦେଖିବା —

**ଅନିତ୍ୟାଶୁଚିଦୁଃଖାନାତ୍ମସୁ ନିତ୍ୟଶୁଚିସୁଖାତ୍ମ ଖ୍ୟାତିରବିଦ୍ୟା ।**

(ଯୋଗ. ୨:୫)

୧. ଅନିତ୍ୟକୁ ନିତ୍ୟ ବୋଲି ବୁଝିବା, ୨. ଅଶୁଦ୍ଧକୁ ଶୁଦ୍ଧ ବୋଲି ବୁଝିବା, ୩. ଦୁଃଖକୁ ସୁଖ ବୋଲି ବୁଝିବା ଏବଂ ୪. ଅନାତ୍ମାକୁ ଆତ୍ମା ବୋଲି ବୁଝିବା ଅବିଦ୍ୟା ଅଟେ । ଏହିପରି ଭାବରେ ଅବିଦ୍ୟାର ଚାରିଭାଗ ହେଲା । ଏହା ସହିତ ଏହି ଚାରି ପ୍ରକାର କଥାକୁ ଓଲଟା କରି ଦେଖିବା । ଅର୍ଥାତ୍- ୧. ନିତ୍ୟକୁ ଅନିତ୍ୟ ବୁଝିବା, ୨. ଶୁଦ୍ଧକୁ ଅଶୁଦ୍ଧ ବୁଝିବା, ୩. ସୁଖକୁ ଦୁଃଖ ବୋଲି ବୁଝିବା ଏବଂ ୪. ଆତ୍ମାକୁ ଅନାତ୍ମା ବୁଝିବା ମଧ୍ୟ ଅବିଦ୍ୟା ହିଁ ଅଟେ ।

ସଂକ୍ଷେପରେ ଅବିଦ୍ୟାର ପରିଭାଷା ଏହା ହେଲା ଯେ- ଯେଉଁ ବସ୍ତୁ ଯେପରି ଅଟେ, ତାହାକୁ ସେପରି ନ ବୁଝି ; ଅନ୍ୟ କିଛି ବୁଝିବା କିମ୍ବା ତାହାକୁ ଓଲଟା ବୁଝିବା 'ଅବିଦ୍ୟା' ଅଟେ । ଯାହା ଯେପରି ତାକୁ ତାହା ହିଁ ବୁଝିବା 'ବିଦ୍ୟା' ।

**୧. ଅନିତ୍ୟକୁ ନିତ୍ୟ ମାନିବା—** ନିତ୍ୟର ଅର୍ଥ ହେଉଛି, ଯେଉଁ ପଦାର୍ଥ ସବୁବେଳେ ରହେ, କେବେ ହେଲେ ନଷ୍ଟ ହୁଏ ନାହିଁ । ନିତ୍ୟ ଶବ୍ଦର ଆରମ୍ଭରେ 'ଅ' ଅକ୍ଷର ଯୋଡ଼ି ଦେଲେ (ନଞ୍ ତତ୍ପୁରୁଷ ସମାସ ଅନୁସାରେ) ଶବ୍ଦଟି ହୋଇଯାଏ- ଅନିତ୍ୟ । ବର୍ତ୍ତମାନ ଏହାର ଅର୍ଥ ଓଲଟା ହୋଇଗଲା ଅର୍ଥାତ୍ ଯେଉଁ ଜିନିଷ ସବୁବେଳେ ରହେ ନାହିଁ, ନଷ୍ଟ ହୋଇଯାଏ । ତାହାହେଲେ ଏବେ ପ୍ରଥମ ଅବିଦ୍ୟାର ସ୍ୱରୂପ ହୋଇଗଲା, ଅନିତ୍ୟ (ନଷ୍ଟ ହୋଇ ଯାଉଥିବା) ବସ୍ତୁକୁ ନିତ୍ୟ (ନଷ୍ଟ ହେଉ ନଥିବା ବୋଲି) ମାନିବା । ଏଭଳି ଅନେକ ବସ୍ତୁ ଅଛି, ଯାହା ସମୟ ଆସିଲେ କିମ୍ବା ଯେକୌଣସି ସମୟରେ ନଷ୍ଟ ହୋଇଯାଏ । ଯଥା- ଶରୀର, ଧନ, ସମ୍ପତ୍ତି, ପୁତ୍ର-ପରିବାର, ପଦ-ପ୍ରତିଷ୍ଠା ଇତ୍ୟାଦି । ଏବୁକୁ ଅନିତ୍ୟ କୁହାଯାଏ, କାରଣ ଏହା କେବେ ବି ନଷ୍ଟ ହୋଇଯାଇପାରେ ଏବଂ ହୋଇଯାଏ ମଧ୍ୟ । କିନ୍ତୁ ସଂସାରରେ ଲୋକମାନେ ଏ ଅନିତ୍ୟ ବସ୍ତୁକୁ ନିତ୍ୟ (ସବୁବେଳେ ରହିବ) ବୋଲି ଭାବିଥାଆନ୍ତି । ଏଥିପାଇଁ ଦୁଃଖୀ ହୋଇଥାନ୍ତି ।

ଯଦି କୌଣସି ଲୋକକୁ ପଚାରିବା କି, ଆପଣଙ୍କ ଶରୀର ନିତ୍ୟ ନା ଅନିତ୍ୟ ? ସେ ଉତ୍ତର ଦେବ- ଅନିତ୍ୟ ! ଅର୍ଥାତ୍ ସବୁ ଦିନ ପାଇଁ ଜୀବିତ ରହିବ ନାହିଁ । ଶବ୍ଦ ଅନୁସାରେ ଉତ୍ତର ତ ଠିକ୍ ଅଛି । କିନ୍ତୁ ପ୍ରକୃତରେ ଏହି କଥା କ'ଣ ମନ ଓ ବୁଦ୍ଧିରେ ଦୃଢ଼ ଥାଏ ? ନା । ମନରେ ତ ମଣିଷ ଏହା ବୁଝେ ଯେ- ମୁଁ ସବୁବେଳେ ବଞ୍ଚି ରହିବି, କେବେ ହେଲେ ମରିବି ନାହିଁ । ଏହାର ନାମ ଅବିଦ୍ୟା ଅଟେ ।

ଜ୍ଞାନ ଦୁଇ ପ୍ରକାର ଅଟେ- ୧. ଶାବ୍ଦିକ ଜ୍ଞାନ, ୨. ବାସ୍ତବିକ ଜ୍ଞାନ । ଯେତେବେଳେ ଜ୍ଞାନ ଯାହା ଥାଏ ଆଚରଣ ଅନ୍ୟ କିଛି ହୁଏ, ତାହାକୁ ଶାବ୍ଦିକ ଜ୍ଞାନ କୁହାଯାଏ । ଯେପରିକି ସିଗାରେଟ୍ ପିଉଥିବା ବ୍ୟକ୍ତି କହେ ଯେ- "ମୁଁ ଜାଣେ ସିଗାରେଟ୍ ପିଇବା ଦ୍ୱାରା କ୍ଷତି ହୋଇଥାଏ ।"

ତଥାପି ସେ ପୁଣି ପିଇଥାଏ । ଆଚରଣ, ଜ୍ଞାନ ଅନୁସାରେ ନାହିଁ, ତା' ଠାରୁ ଅଲଗା । ଅତଏବ ସିଗାରେଟ୍ ପିଉଥିବା ଲୋକର ଜ୍ଞାନ 'ଶାବ୍ଦିକ ଜ୍ଞାନ' ଅଟେ ।

ଯେତେବେଳେ ଜ୍ଞାନ ଓ ଆଚରଣ ଏକ ହୁଏ ତାହାକୁ 'ବାସ୍ତବିକ ଜ୍ଞାନ' କୁହାଯାଏ । ଅର୍ଥାତ୍ ଉଭୟେ ସମାନ, ଅଲଗା ନୁହଁନ୍ତି । ଯେମିତିକି ବିଦ୍ୟୁତ୍ ତାରକୁ ଛୁଇଁଲେ କ୍ଷତି ହୁଏ (କରେଣ୍ଟ ଲାଗିଯାଏ, ମୃତ୍ୟୁ ମଧ୍ୟ ହୋଇପାରେ) । ଏହି କଥାକୁ ଜାଣୁଥିବା ଲୋକର ଆଚରଣ ମଧ୍ୟ ସେପରି ହୋଇଥାଏ । ବିଦ୍ୟୁତ୍ ତାରକୁ କେହି ହେଲେ ଛୁଇଁ ନଥାନ୍ତି । ଏହାକୁ 'ବାସ୍ତବିକ ଜ୍ଞାନ କୁହାଯାଏ । ତେଣୁ ଯେଉଁ ବ୍ୟକ୍ତି କଥାରେ କହେ ଯେ- ମୁଁ ସବୁବେଳେ ବଞ୍ଚିବି ନାହିଁ । କିନ୍ତୁ ମନରେ ଭାବେ ଓ ଆଚରଣ ଏପରି କରେ ଯେ- ମୁଁ ସବୁବେଳେ ବଞ୍ଚି ରହିବି; ତାହାର ଜ୍ଞାନ 'ଶାବ୍ଦିକ ଜ୍ଞାନ' । ଶାବ୍ଦିକ ଜ୍ଞାନ ଠିକ୍ ହୋଇଥିଲେ ମଧ୍ୟ ସେଭଳି ଆଚରଣ ନ କରିବା ଅଥବା ଶାବ୍ଦିକ ଜ୍ଞାନ ମଧ୍ୟ ଭୁଲ୍ ହେବା- ଏ ଉଭୟ 'ଅବିଦ୍ୟା' ଅଟେ । ବାସ୍ତବିକ ଜ୍ଞାନର ହିଁ ଅନ୍ୟ ନାମ- ଯଥାର୍ଥ ଜ୍ଞାନ, ତତ୍ତ୍ୱଜ୍ଞାନ ବା ବିଦ୍ୟା ଅଟେ ।

ଆଜିକାଲି କିଛି ତତ୍ତ୍ୱଜ୍ଞାନୀ ଲୋକଙ୍କୁ ବାଦ୍ ଦେଲେ- ଅନ୍ୟ ସମସ୍ତଙ୍କ ମନରେ ଏହି ଅବିଦ୍ୟା ଗଭୀର ଭାବେ ଚେର ମାଡ଼ି ବସିଛି ଯେ- "ଆମେ ସବୁବେଳେ ବଞ୍ଚି ରହିବୁ, କେବେ ହେଲେ ମରିବୁ ନାହିଁ ।" ଆଉ ଯେତେବେଳେ ମୃତ୍ୟୁ ଆସେ, ସେତେବେଳେ କାନ୍ଦନ୍ତି, ଦୁଃଖୀ ହୁଅନ୍ତି । ଏହି ଦୁଃଖର କାରଣ ହେଲା 'ଅନିତ୍ୟ ଶରୀରକୁ ନିତ୍ୟ ମାନିବା' ଯାହାକି ସେହି ଚାରି ପ୍ରକାର ମଧ୍ୟରୁ ପ୍ରଥମ ଅବିଦ୍ୟା ଅଟେ ।

**ପ୍ରଶ୍ନ —** ଆପଣ କିପରି କହି ପାରୁଛନ୍ତି ଯେ ଲୋକମାନଙ୍କ ମଧ୍ୟରେ ଏହି ଅବିଦ୍ୟା ଅଛି ଏବଂ ସେମାନେ ଅନିତ୍ୟ ଶରୀରକୁ ନିତ୍ୟ ମାନନ୍ତି ?

**ଉତ୍ତର —** ଯେ କୌଣସି ବ୍ୟକ୍ତିର ବ୍ୟବହାର / ଆଚରଣ ତାହାର ବାସ୍ତବିକ ଜ୍ଞାନର ସ୍ଥିତିକୁ ଜଣାଇଦିଏ । ଉଦାହରଣ – କିଛି ଲୋକ ଦିଲ୍ଲୀରୁ ମୁମ୍ବାଇ ପର୍ଯ୍ୟନ୍ତ ରେଳ ଯୋଗେ ଯାତ୍ରା କରୁଥିଲେ । ପିଲାମାନେ ମଧ୍ୟ ଥିଲେ, କିଛି ବଡ଼ (ପ୍ରୌଢ଼) ଲୋକ ମଧ୍ୟ ଥିଲେ । ରେଳଯାତ୍ରା ସୁଖକର ଥିଲା । ସମସ୍ତ ପିଲା ହସିଖେଳି, ରେଳର ସିଟ୍ ଉପରେ ନାଚକୁଦ କରି ମୁମ୍ବାଇ ପହଞ୍ଚିଗଲେ । ମୁମ୍ବାଇ ପହଁଚିବା ପରେ ବଡ଼ମାନେ ପିଲାମାନଙ୍କୁ କହିଲେ- 'ଚାଲ, ରେଳରୁ ଓହ୍ଲାଅ, ମୁମ୍ବାଇ ଆସିଗଲା ।' ପିଲାମାନଙ୍କୁ ରେଳଯାତ୍ରାରେ ବଡ଼ ଆନନ୍ଦ ଲାଗୁଥିଲା । ସେମାନେ ରେଳଗାଡ଼ିରୁ ଓହ୍ଲାଇବାକୁ ଚାହୁଁ ନଥିଲେ । କିନ୍ତୁ ବଡ଼ମାନଙ୍କ ଆଦେଶ ଯୋଗୁଁ ରେଳଗାଡ଼ି ଛାଡ଼ିବାକୁ ପଡ଼ିଲା । ବଡ଼ କଷ୍ଟ ଲାଗିଲା । ବଡ଼ମାନଙ୍କୁ ରେଳଗାଡି ଛାଡ଼ିବାରେ କିଛି କଷ୍ଟ ହେଲା ନାହିଁ, ପିଲାମାନଙ୍କୁ ହେଲା । କାହିଁକି ? ପ୍ରୌଢ଼ମାନେ 'ବିଦ୍ୟା'ରେ ଥିଲେ । ସେମାନେ ବାସ୍ତବରେ ଜାଣିଥିଲେ ଯେ- ରେଳର ସିଟ୍ ଗୁଡ଼ିକ ଆମକୁ ମୁମ୍ବାଇ ପର୍ଯ୍ୟନ୍ତ ଯିବା ପାଇଁ ମିଳିଛି । ମୁମ୍ବାଇରେ ତାହା ଛାଡ଼ିବାକୁ ପଡ଼ିବ ଏବଂ ସେମାନେ ମୁମ୍ବାଇରେ ସିଟ୍ ଛାଡ଼ିବାକୁ ମାନସିକ ରୂପେ ପ୍ରସ୍ତୁତ ଥିଲେ । ଏଣୁ ସିଟ୍ ଛାଡ଼ିବାରେ ସେମାନଙ୍କୁ କଷ୍ଟ ହୋଇ ନଥିଲା । ପିଲାମାନେ 'ଅବିଦ୍ୟା'ରେ ଥିଲେ । ସେମାନେ ରେଳ-ଯାତ୍ରାର ସୁଖ ଅନୁଭବ କରିବା ପରେ ଏହା ଭାବି ନେଇଥିଲେ ଯେ- ରେଳର ଏହି ସିଟ୍‌ଗୁଡ଼ିକ ଆମ ପାଖରେ ସବୁବେଳେ ରହିବ ଏବଂ ଆମେ ସବୁବେଳେ ରେଳରେ ଏହି ପ୍ରକାର ଆନନ୍ଦ ମନେଇବୁ । ଏହି ଅବିଦ୍ୟା କାରଣରୁ ଯେତେବେଳେ ପିଲାମାନେ ମୁମ୍ବାଇରେ ସିଟ୍ ଛାଡିଲେ (ସିଟ୍‌ରୁ ଓହ୍ଲାଇଲେ) ସେମାନଙ୍କୁ ଦୁଃଖ ହେଲା ।

ସଂସାରରେ ଲୋକମାନଙ୍କର ମଧ୍ୟ ସ୍ଥିତି ଏପରି । କିଛି ବର୍ଷ ପର୍ଯ୍ୟନ୍ତ ବଞ୍ଚିବା ପାଇଁ ପ୍ରଭୁଙ୍କ ଦ୍ୱାରା ମଣିଷକୁ ଏହି ଶରୀର ମିଳିଅଛି । ଲୋକମାନେ ଅବିଦ୍ୟା ହେତୁ ସବୁଦିନ ପାଇଁ ବଞ୍ଚିବେ ବୋଲି ମାନି ନିଅନ୍ତି । ମୃତ୍ୟୁ ଆସିଲେ ଯେତେବେଳେ ଶରୀର ତ୍ୟାଗ କରିବାକୁ ପଡ଼େ ସେତେବେଳେ ଦୁଃଖ ଲାଗେ । ଯେପରି ପିଲାମାନେ ଅବିଦ୍ୟା କାରଣରୁ ଟ୍ରେନ୍ ଛାଡ଼ିବା ବେଳେ ଦୁଃଖିତ ହୋଇଥିଲେ ।

ସେହିଭଳି ସଂସାରର ଲୋକମାନେ ଅବିଦ୍ୟା କାରଣରୁ ମୃତ୍ୟୁ ସମୟରେ ଶରୀର ଛାଡ଼ିବା ବେଳେ ଦୁଃଖିତ ହୁଅନ୍ତି । ସେମାନଙ୍କ ଦୁଃଖୀ ହେବାର ବ୍ୟବହାରରୁ ଜଣାଯାଏ ଯେ, ସେମାନଙ୍କ ଭିତରେ କାରଣ 'ଅବିଦ୍ୟା' (ଶାବ୍ଦିକ ଜ୍ଞାନ)ଅଛି । ଏହି ଶାବ୍ଦିକ ଜ୍ଞାନ ବା ଅବିଦ୍ୟା ଦ୍ୱାରା ଆମର ମଙ୍ଗଳ ହୋଇପାରିବ ନାହିଁ । ବାସ୍ତବିକ କଲ୍ୟାଣ ତ 'ତତ୍ତ୍ୱଜ୍ଞାନ' ଅଥବା 'ବିଦ୍ୟା' ଦ୍ୱାରା ହିଁ ହୋଇଥାଏ । ଅବିଦ୍ୟା ଦୁଃଖକୁ ହିଁ ଜାତ କରିଥାଏ ।

ଏହିପରି ଭାବରେ ଧନ-ସମ୍ପତ୍ତି, ପଦ-ପ୍ରତିଷ୍ଠା ସନ୍ତାନ-ପରିବାର ଆଦି ସମ୍ବନ୍ଧରେ ବୁଝିବାକୁ ହେବ ଯେ, ଏସବୁ ମଧ୍ୟ 'ଅନିତ୍ୟ' ଅଟେ (କେତେବେଳେ ବି ନଷ୍ଟ ହୋଇପାରେ); କିନ୍ତୁ ଲୋକମାନେ ଏ ସବୁକୁ ମଧ୍ୟ ନିତ୍ୟ (ସବୁଦିନ ଆମ ସହ ରହିବ) ବୋଲି ଭାବନ୍ତି । ଅର୍ଥାତ୍ ଲୋକେ 'ଅବିଦ୍ୟା'ରେ ଅଛନ୍ତି । ଏହି ଅବିଦ୍ୟା କାରଣରୁ ହିଁ ଯେତେବେଳେ କୌଣସି ଜିନିଷ ନଷ୍ଟ ହୋଇଯାଏ, ସେତେବେଳେ ଦୁଃଖୀ ହୁଅନ୍ତି, କାନ୍ଦନ୍ତି-ବୋବାନ୍ତି ।ଅତଏବ ଦୁଃଖର କାରଣ 'ଅବିଦ୍ୟା' ଅଟେ । ଏହି ଭାଗରେ ଆଲୋଚନା ହେଲା- ଅନିତ୍ୟକୁ ନିତ୍ୟ ମାନିବା ଅବିଦ୍ୟା ଅଟେ ।

ବର୍ତ୍ତମାନ ଏହାର ବିପରୀତ କଥା ଦେଖିବା । ଅର୍ଥାତ୍ ନିତ୍ୟ ବସ୍ତୁକୁ ଅନିତ୍ୟ ମାନିବା ମଧ୍ୟ ଅବିଦ୍ୟା ଅଟେ । ଆତ୍ମା ନିତ୍ୟ ନା ଅନିତ୍ୟ ? ନିତ୍ୟ । କ'ଣ ଆତ୍ମାର ଉତ୍ପତ୍ତି ହୋଇଥାଏ ? ନାହିଁ । କ'ଣ ଆତ୍ମାର ବିନାଶ ହୋଇଥାଏ ? ନା । ଆପଣ କିଏ – ଶରୀର ନା ଆତ୍ମା ? ଆତ୍ମା । ତେବେ ଆପଣ (ଆତ୍ମା) ମରିଯିବେ କି ? ନା । ତେବେ ମରଣ ପାଇଁ ଭୟ କରୁଛନ୍ତି କାହିଁକି ? ଦୁଃଖୀ କାହିଁକି ହେଉଛନ୍ତି ? ଉତ୍ତର ସ୍ପଷ୍ଟ ଅଟେ – 'ଅବିଦ୍ୟା' କାରଣରୁ । 'ଆତ୍ମା ଜନ୍ମ ହୁଏ ନାହିଁ କି ମରେ ନାହିଁ' ଆପଣଙ୍କ ପଖରେ ଏହି ଜ୍ଞାନ ଶାବ୍ଦିକ ଜ୍ଞାନ ଆକାରରେ ହିଁ ଅଛି । ମନରେ ତ ଅବିଦ୍ୟା ହିଁ ରହିଛି କି 'ମୁଁ ମରିଯିବ ।' ଏହି ଅବିଦ୍ୟା କାରଣରୁ ବ୍ୟକ୍ତି ମୃତ୍ୟୁକୁ ଭୟ କରେ ଓ ଦୁଃଖୀ ହୁଏ । ଏ ପର୍ଯ୍ୟନ୍ତ ଅବିଦ୍ୟାର ଚାରୋଟି ଭାଗରୁ ପ୍ରଥମ ଭାଗର ହିଁ ଆଲୋଚନା ହୋଇଛି । ବର୍ତ୍ତମାନ ଦ୍ୱିତୀୟ ଭାଗକୁ ଦେଖିବା ।

**୨. ଅଶୁଚିକୁ ଶୁଚି ବୋଲି ବୁଝିବା —** ଶୁଚିର ଅର୍ଥ – ଶୁଦ୍ଧ । ଏହି ଶୁଚି ଶବ୍ଦରେ ପୂର୍ବ ଭଳି 'ଅ' ଅକ୍ଷର ଯୋଡ଼ି ଦେଲେ 'ଅଶୁଚି' ଶବ୍ଦ ହୋଇଯାଏ ଏବଂ ଅର୍ଥ ମଧ୍ୟ ଓଲଟା ହୋଇଯିବ- ଅଶୁଦ୍ଧ । ତେବେ ଦ୍ୱିତୀୟ ଅବିଦ୍ୟା ହେଲା- ଅଶୁଦ୍ଧକୁ ଶୁଦ୍ଧ ମାନିବା । ଏହାର ଦୁଇଟି ରୂପ ଅଛି । କ. ଅଶୁଦ୍ଧ ବସ୍ତୁକୁ ଶୁଦ୍ଧ ମାନିବା, ଖ. ଅଶୁଦ୍ଧ କର୍ମକୁ ଶୁଦ୍ଧ ମାନିବା ।

**କ. ଅଶୁଦ୍ଧ ବସ୍ତୁକୁ ଶୁଦ୍ଧ ମାନିବା —** କିଛି ଜିନିଷ ଅଶୁଦ୍ଧ ଅଟେ । ଯଥା- ଶରୀର, ମାଂସ, ମଦ, ଅଣ୍ଡା, ଅଫିମ, ତମ୍ବାଖୁ ଇତ୍ୟାଦି । ଲୋକମାନେ ଏହି ଶରୀର ଆଦି ବସ୍ତୁକୁ ଶୁଦ୍ଧ ମନେକରନ୍ତି- ଏହା ଅବିଦ୍ୟା ଅଟେ । ଯେତେବେଳେ ପୁରୁଷ ନାରୀକୁ ଦେଖେ ଅଥବା ନାରୀ ପୁରୁଷକୁ ଦେଖେ, ସେତେବେଳେ ଜଣକୁ ଅନ୍ୟର ଶରୀର ଅଶୁଦ୍ଧ ମନେ ହୁଏ ନାହିଁ, ବରଂ ବହୁତ ଶୁଦ୍ଧ ଦେଖାଯାଏ । ଏହା ଅବିଦ୍ୟା ଅଟେ । ଯେତେବେଳେ ଗମ୍ଭୀରତାର ସହିତ ଶରୀର ବିଷୟରେ ଚିନ୍ତା କରାଯାଏ, ସେତେବେଳେ ଶରୀର କେତେ ଅଶୁଦ୍ଧ ତାହା ଜାଣିହୁଏ । ଶରୀରରେ ମଳ-ମୂତ୍ର, ରକ୍ତ, ମାଂସ, ଚର୍ବି ଆଦି ଭରପୂର ହୋଇ ରହିଛି । ପ୍ରତିଦିନ ଶୌଚ, ସ୍ନାନ ଆଦି କରି ସାରା ଜୀବନ ଏହାକୁ ଶୁଦ୍ଧ କରି ଚାଲିଥାଉ, ତଥାପି ମଧ୍ୟ ସମ୍ପୂର୍ଣ୍ଣ ଶୁଦ୍ଧ ହୋଇପାରେ ନାହିଁ । ପ୍ରତିଦିନ ନୂଆ-ନୂଆ ମଇଳା ଉତ୍ପନ୍ନ ହେଉଥାଏ । ଚବିଶ ଘଣ୍ଟା ଶୁଦ୍ଧ ବାୟୁ (ଅମ୍ଳଜାନ) ଗ୍ରହଣ କରିଥାଉ ଏବଂ ଅଶୁଦ୍ଧ ବାୟୁ (ଅଙ୍ଗାରକାମ୍ଳ) ଛାଡ଼ିଥାଉ । ସର୍ଦ୍ଦି, ଜ୍ୱର, ଟି.ବି.(ଯକ୍ଷ୍ମା), କ୍ୟାନସର, ଏଡ୍ସ ଆଦି ଭୟଙ୍କର ରୋଗ ଶରୀରରେ ହିଁ ଉତ୍ପନ୍ନ ହୋଇଥାଏ । ଗୋଟିଏ ଇଞ୍ଜେକ୍ସନ୍‌ର ଛୁଞ୍ଚ ଜଣେ ବ୍ୟକ୍ତି ପାଇଁ ବ୍ୟବହାର କରି ଅନ୍ୟ ଜଣେ ବ୍ୟକ୍ତି ପାଇଁ ବ୍ୟବହାର କରାଯାଏ ନାହିଁ । ନଚେତ୍ ଗୋଟିଏ ଲୋକର ରୋଗ ଅନ୍ୟ ଲୋକକୁ ସଂକ୍ରମଣ କରିପାରେ । ଡାକ୍ତରମାନେ ଘା'ରେ ପଟି ବାନ୍ଧିଲେ

ହାତକୁ ସାବୁନ୍‌ରେ ଧୁଅନ୍ତି । ମୃତ୍ୟୁ ହୋଇଯିବା ପରେ ଲୋକମାନେ ଦୁଇ ଦିନ ପାଇଁ ମଧ୍ୟ ଶବକୁ ଘରେ ରଖିବାକୁ ଚାହାନ୍ତି ନାହିଁ । ଏହିପରି ଘଟଣାଗୁଡ଼ିକରୁ ଜଣାଯାଏ ଯେ, ଶରୀର କେତେ ଅଶୁଦ୍ଧ ଅଟେ । ତଥାପି ଆଜି ସଂସାରର ଲୋକମାନେ ଏହି ଅଶୁଦ୍ଧ ଶରୀରକୁ ଅତ୍ୟନ୍ତ ଶୁଦ୍ଧ ମନେକରି ତା' ପଛରେ ପାଗଳ ହେଉଛନ୍ତି । ଏହା ଘୋର ଅବିଦ୍ୟା ନୁହେଁ ତ ଆଉ କ'ଣ ? ଅଶୁଦ୍ଧ ଶରୀରକୁ ଶୁଦ୍ଧ ବୋଲି ମନେ କଲେ ତା' ପ୍ରତି ଆସକ୍ତି (Attachment) ଉତ୍ପନ୍ନ ହୁଏ । ଯେତେବେଳେ ଶରୀର ନିଜର ଅଶୁଦ୍ଧ ରୂପ ଦେଖାଏ, ସେତେବେଳେ ବ୍ୟକ୍ତିକୁ ଦୁଃଖ ହୁଏ; ସେ ଆଶ୍ଚର୍ଯ୍ୟ ହୋଇଯାଏ ଯେ – 'ଆରେ ! ଏ ସେହି ଶରୀର, ଯାହାକୁ ମୁଁ ଅତି ଶୁଦ୍ଧ ବୋଲି ଭାବୁଥିଲି । ତା' ଭିତରେ ତ ଯକ୍ଷ୍ମା, ରକ୍ତକର୍କଟ ଆଦି ଭୟଙ୍କର ରୋଗ ଉତ୍ପନ୍ନ ହୋଇଗଲା ।'

ଏହିପରି ଖାଇବା-ପିଇବା ବିଷୟରେ ମାଂସ, ଅଣ୍ଡା, ମଦ, ଅଫିମ, ତମ୍ବାଖୁ, ଗୁଟ୍‌କା-ଜର୍ଦ୍ଦା ଆଦି ଜିନିଷ ମଧ୍ୟ ଅଶୁଦ୍ଧ (ଅଖାଦ୍ୟ) ଏବଂ ସ୍ୱାସ୍ଥ୍ୟ ଓ ବୁଦ୍ଧିନାଶକ ଅଟେ । ଏହାକୁ ମଧ୍ୟ ଲୋକମାନେ ଅଶୁଦ୍ଧ ବୋଲି ମାନନ୍ତି ନାହିଁ ଅଥବା ଅଖାଦ୍ୟ ଜାଣି ମଧ୍ୟ ତାହା ଖାଇଥାଆନ୍ତି । ଏହା ମଧ୍ୟ ଅବିଦ୍ୟା ଅଟେ । ଏହିପରି ଜିନିଷ ଖାଇବା ଦ୍ୱାରା ଅନେକ ପ୍ରକାର ଶାରୀରିକ ଓ ମାନସିକ ଦୁଃଖ ଭୋଗିବାକୁ ପଡ଼େ । ଏହିପରି 'ଅବିଦ୍ୟା' ଦୁଃଖର କାରଣ ହୋଇଥାଏ ।

**ଖ. ଅଶୁଦ୍ଧ କର୍ମକୁ ଶୁଦ୍ଧ ମାନିବା—** କିଛି କାମ ଅଶୁଦ୍ଧ ଅଟେ । ଯଥା-କ୍ରୋଧ କରିବା, ମିଛ କହିବା, ଚୋରି କରିବା, ଲାଞ୍ଚ ନେବା ଓ ଦେବା ଆଦି । ଏଭଳି ଖରାପ କାମକୁ ମଧ୍ୟ ଲୋକମାନେ ଅଶୁଦ୍ଧ (ଖରାପ) ବୋଲି ମନେ କରନ୍ତି ନାହିଁ । ଅପରନ୍ତୁ ପରିସ୍ଥିତି ଆଦିର ଅନେକ ବାହାନା ଦେଖାଇ ଏହି ଖରାପ କାମକୁ କରି ଥାଆନ୍ତି । ଏହି ଅଶୁଦ୍ଧ (ଖରାପ) କାମକୁ ଶୁଦ୍ଧ ବୋଲି ମନେ କରିବା ଏବଂ କରିବା କିମ୍ବା ଖରାପ ବୋଲି ଜାଣିଲେ ମଧ୍ୟ ପରିସ୍ଥିତିର ବାହାନା ନେଇ କରିବା ଯୋଗୁଁ ଅପରାଧ ବୋଲି ନ ମାନିବା ଅବିଦ୍ୟା ଅଟେ । ଖରାପ କାମ ତ ଖରାପ ହିଁ ହୋଇଥାଏ । ତାହାର ଦଣ୍ଡ ତ ନିଶ୍ଚୟ ମିଳିବ; ଆପଣ ଯେ କୌଣସି ବାହାନାରେ କରନ୍ତୁ ନା କାହିଁକି । କ'ଣ ବାଧ୍ୟବାଧକତାରେ କରୁଥିବା ଚୋରିକୁ ଅପରାଧ ବୋଲି କୁହାଯାଏ ନାହିଁ ? ଯଦି ଆପଣ ଦୁର୍ବଳ ଅଟନ୍ତି ଏବଂ ଚୋରି, ମିଥ୍ୟା, ଲାଞ୍ଚ ଆଦି ଖରାପ କାମରୁ ମୁକୁଳି ପାରୁନାହାନ୍ତି: ତାହା ହେଲେ ନିଜର ଦୁର୍ବଳତା ସ୍ୱୀକାର କରନ୍ତୁ । ବାହାନା କରିବା ଦ୍ୱାରା ଆପଣ ଏହି ସବୁ ମନ୍ଦ କାମ କରି ଦୋଷରୁ ମୁକ୍ତ ହୋଇପାରିବେ ନାହିଁ । କିନ୍ତୁ ପରିସ୍ଥିତିର ବାହାନାରେ ଏଭଳି ଖରାପ କାମ କରି ତାହା ଦୋଷଯୁକ୍ତ ବୋଲି ନ ମାନିବା ଅବିଦ୍ୟା ଅଟେ । ଏହି କାରଣରୁ ପରବର୍ତ୍ତୀ ସମୟରେ ଏହି କାମ ପାଇଁ ଦଣ୍ଡ (ଦୁଃଖ) ଭୋଗିବାକୁ ପଡ଼ିବ । ଏହିପରି ଭାବରେ ଏହି ଅବିଦ୍ୟା ଦୁଃଖର କାରଣ ହେବ ।

ବର୍ତ୍ତମାନ ଏହାକୁ ବିପରୀତ ଭାବେ ଦେଖିବା । ଅର୍ଥାତ୍ ଶୁଦ୍ଧ ଜିନିଷ (ଘିଅ, ଦୁଧ, ଫଳ, ସାତ୍ତ୍ୱିକ ଭୋଜନ ଆଦି)କୁ ଅଶୁଦ୍ଧ ଅଥବା ପୁରୁଣାକାଳିଆ ଭୋଜନ ଭାବି ତାହାକୁ ଘୃଣା କରିବା, ତାହା ନ ଖାଇବା ମଧ୍ୟ ଅବିଦ୍ୟା ଅଟେ । ଏହି ପରି ସତ କହିବା, ପ୍ରେମ-ସଭ୍ୟତା-ନମ୍ରତାର ସହିତ ବ୍ୟବହାର କରିବା, ସେବା, ଦୟା, ପରୋପକାର ଆଦି ଶୁଭ କର୍ମକୁ ଅଶୁଭ କର୍ମ ମନେ କରିବା ଅଥବା ତାହା ପୁରୁଣାକାଳିଆ କର୍ମ ମନେ କରି ଘୃଣା କରବା ମଧ୍ୟ ଅବିଦ୍ୟା ଅଟେ । ବର୍ତ୍ତମାନ ଅବିଦ୍ୟାର ତୃତୀୟ ଭାଗର ଆଲୋଚନା କରିବା ।

**୩. ଦୁଃଖକୁ ସୁଖ ବୋଲି ବୁଝିବା—** ଦୁଃଖ ଦୁଇ ପ୍ରକାରର ଅଟେ । ୧. ଶୁଦ୍ଧ ଦୁଃଖ; ଯଥା- ମୁଣ୍ଡବ୍ୟଥା, ପେଟବ୍ୟଥା ଆଦି ଯୋଗୁଁ ହୋଇଥାଏ । ଏହାକୁ ତ ସମସ୍ତେ ଦୁଃଖ ହିଁ ମାନିଥାଆନ୍ତି । ଏହାକୁ ସୁଖ ବୋଲି କେହି ମଧ୍ୟ ମାନି ନ ଥାଏ । କିନ୍ତୁ ୨. ସୁଖରେ ମିଶ୍ରିତ ଦୁଃଖ, ଯାହାକି ଚାରି ପ୍ରକାରର ହୋଇଥାଏ । ପରିଣାମ ଦୁଃଖ, ତାପ ଦୁଃଖ, ସଂସ୍କାର ଦୁଃଖ ଏବଂ ଗୁଣବୃତ୍ତିବିରୋଧ ଦୁଃଖ । ଏହାର ବ୍ୟାଖ୍ୟା ଆପଣ ଏହି ବହିର ପ୍ରଥମ ଭାଗରେ ପଢ଼ି ସାରିଛନ୍ତି । ସାଂସାରିକ ବସ୍ତୁରେ ଥିବା ଏହି ଚାରି ପ୍ରକାର ଦୁଃଖକୁ ବ୍ୟକ୍ତି

ଦୁଃଖ ବୋଲି ମାନେ ନାହିଁ, ବରଂ ଏହି ସବୁ ଜିନିଷରେ ଶୁଦ୍ଧ ସୁଖ ଥିବା ମନେକରେ । ବର୍ତ୍ତମାନ ଏହାକୁ ମଧ୍ୟ ବିପରୀତ ଭାବେ ଦେଖିବା ଅର୍ଥାତ୍ ସୁଖକୁ ଦୁଃଖ ବୋଲି ବୁଝିବା ଅବିଦ୍ୟା ଅଟେ । ମାଆ-ବାପାଙ୍କ ସେବା, ଗୁରୁଜନଙ୍କୁ ଆଦର-ସମ୍ମାନ କରିବା, ବିଦ୍ୟା-ସତ୍‌ସଙ୍ଗ, ଈଶ୍ୱରଙ୍କ ଉପାସନା ଆଦି କର୍ମରେ ସୁଖ ମିଳିଥାଏ । କିନ୍ତୁ ସାଂସାରିକ ଲୋକମାନେ (ବିଶେଷ କରି ଆଜିକାଲିର ନୂଆ ପିଢିର ଯୁବଗୋଷ୍ଠୀ) ଏଭଳି କାମରେ ଦୁଃଖ ଅନୁଭବ କରନ୍ତି ଏବଂ ଏଭଳି ସୁଖଦାୟକ କର୍ମର ଥଟ୍ଟା(ପରିହାସ) କରିଥାନ୍ତି । ଏହା ମଧ୍ୟ ଅବିଦ୍ୟା ହିଁ ଅଟେ । ଏହା ଅବିଦ୍ୟାର ତୃତୀୟ ଭାଗ । ଏହା କାରଣରୁ ବ୍ୟକ୍ତି ଦୁଃଖୀ ହୋଇଥାଏ । ବର୍ତ୍ତମାନ ଅବିଦ୍ୟାର ଚତୁର୍ଥ ଭାଗକୁ ଦେଖିବା ।

**୪. ଅନାତ୍ମାକୁ ଆତ୍ମା ବୁଝିବା —** ଆତ୍ମାର ଅର୍ଥ ହେଉଛି- ଚେତନ ପଦାର୍ଥ । ଚେତନ ପଦାର୍ଥ ଦୁଇଟି । ଏକ ଜୀବାତ୍ମା ଏବଂ ଅନ୍ୟଟି ପରମାତ୍ମା (ଈଶ୍ୱର) । ଆତ୍ମା ଶବ୍ଦର ଆରମ୍ଭରେ 'ଅନ୍' ଯୋଡ଼ିଲେ (ନଞ୍ ତତ୍‌ପୁରୁଷ ସମାସ ଅନୁସାରେ) ଶବ୍ଦ ହୁଏ ଅନାତ୍ମା । ବର୍ତ୍ତମାନ ଏହାର ଅର୍ଥ ମଧ୍ୟ ଓଲଟା ହୋଇଗଲା । 'ଅନାତ୍ମା'ର ଅର୍ଥ ହେଲା- ଯିଏ ଆତ୍ମା ନୁହେଁ (ଜୀବାତ୍ମା ଓ ଈଶ୍ୱରଙ୍କ ଠାରୁ ଭିନ୍ନ ବସ୍ତୁ) । ଜୀବାତ୍ମା (ବା ଜୀବ) ତଥା ଈଶ୍ୱରଙ୍କ ଠାରୁ ଅଲଗା ଅନେକ ଜଡ଼ ବସ୍ତୁ ଅଛି । ଯଥା - ଶରୀର, ମନ, ଇନ୍ଦ୍ରିୟଗଣ, ଧନ-ସମ୍ପତ୍ତି, ସନ୍ତାନାଦିଙ୍କ ଶରୀର, ମୂର୍ତ୍ତି, ଚିତ୍ର ଆଦି । ଏହି ଅନାତ୍ମା (ଜଡ଼) ବସ୍ତୁଗୁଡ଼ିକୁ ଲୋକମାନେ ଆତ୍ମା ମାନି ଥାଆନ୍ତି । ଅର୍ଥାତ୍ ନିଜ ଆତ୍ମାର ରୂପ ବୋଲି ମାନନ୍ତି, କିମ୍ବା ନିଜ ଆତ୍ମାର ଏକ ଅଂଶ ବୋଲି ମାନନ୍ତି । ଅଥବା ଏହି ଜଡ଼ ବସ୍ତୁଗୁଡ଼ିକୁ ଚେତନ ତତ୍ତ୍ୱ ମାନିଥାଆନ୍ତି । ଯଥା - ଜଡ଼ ମୂର୍ତ୍ତିଗୁଡ଼ିକୁ ଚେତନ ଈଶ୍ୱର ମାନି ତାହାକୁ ଖୁଆଇବା-ପିଆଇବା, ଶୁଆଇବା-ଉଠାଇବା, ଗାଧୁଆ-ପାଧୁଆ କରିବା ଆଦି ବ୍ୟବହାର କରନ୍ତି । ଏ ସବୁ ଅବିଦ୍ୟା ।

ଲୋକମାନେ ଶରୀରକୁ (ଯାହା ଆତ୍ମା ନୁହେଁ, ଆତ୍ମାରୁ ଭିନ୍ନ ଅଟେ, ଜଡ଼ ଅଟେ) ଆତ୍ମା (ଚେତନ) ମାନିଥାଆନ୍ତି । ଏହା ଅବିଦ୍ୟା । ଜଡ଼ ଶରୀରକୁ ଚେତନ ଆତ୍ମା ମାନିବା ଯୋଗୁଁ ଏହି ଅବିଦ୍ୟା ଦ୍ୱାରା ଶରୀର ପ୍ରତି ଆସକ୍ତି ଉତ୍ପନ୍ନ ହୁଏ । ଯାହା କି ଦୁଃଖର କାରଣ ହୋଇଥାଏ । (ଯେତେବେଳେ ମରିବା ପରେ ଶରୀର ଜଡ଼ ପ୍ରତୀତ ହୋଇଥାଏ) ।

ଏହିପରି ମନ ମଧ୍ୟ ଜଡ଼ ଅଟେ । ଅବିଦ୍ୟା କାରଣରୁ ଏହାକୁ ମଧ୍ୟ ଲୋକମାନେ ଚେତନ ମାନିଥାନ୍ତି । ପୁଣି ଅଭିଯୋଗ କରନ୍ତି ଯେ - 'ମନ ବଡ଼ ଚଞ୍ଚଳ ଅଟେ । କଥା ମାନୁନି । ସଂସାରରେ ଘୂରି ବୁଲୁଛି ।' ଏହି ସବୁ ମାନିବା ଅବିଦ୍ୟା । ଏହି କାରଣରୁ ବ୍ୟକ୍ତି ମନକୁ ନିୟନ୍ତ୍ରଣ କରିପାରେ ନାହିଁ ଏବଂ ଅନେକ ଦୁଃଖ ଭୋଗ କରେ । ସ୍କୁଟର, କାର୍ ଆଦି ଜଡ଼ ବସ୍ତୁ ଅଟନ୍ତି (ନିଜେ କ୍ରିୟାଶୀଳ ହୋଇପାରନ୍ତି ନାହିଁ) । ଏହାକୁ ତ ଲୋକମାନେ ଜଡ଼ ମାନନ୍ତି । ଏଣୁ ଅଭିଯୋଗ କରନ୍ତି ନାହିଁ ଯେ - 'ମୋର ସ୍କୁଟର୍ ବା କାର୍ କଥା ମାନୁ ନାହିଁ । ଏହା ରାସ୍ତାରୁ ଆପେ-ଆପେ ତଳକୁ ଓହ୍ଲାଇ ଯାଉଛି ।' କିନ୍ତୁ ମନ ବିଷୟରେ ଲୋକଙ୍କଂଠାରେ ଅବିଦ୍ୟା ଅଛି । ଯଦିଓ ମନ ମଧ୍ୟ କାର୍ ଆଦି ଭଳି ଜଡ଼ ଅଟେ, କିନ୍ତୁ ଲୋକମାନେ ଏହାକୁ ଚେତନ ମାନନ୍ତି ।

ଏହିଭଳି ଭାବରେ ଧନ-ସମ୍ପତ୍ତି, ସନ୍ତାନ ଆଦିଙ୍କ ଶରୀର ଇତ୍ୟାଦି ବସ୍ତୁଗୁଡ଼ିକ ସମ୍ବନ୍ଧରେ ଜାଣିବା ଉଚିତ ଯେ - ଏସବୁ ମଧ୍ୟ ଅନାତ୍ମା (ଆତ୍ମାର ରୂପ କିମ୍ବା ଆମ ଆତ୍ମାର ଅଂଶ ନୁହେଁ) । କିନ୍ତୁ ଅବିଦ୍ୟା ଯୋଗୁଁ ଲୋକମାନେ ଏହି ବସ୍ତୁଗୁଡ଼ିକୁ ମଧ୍ୟ ନିଜ ଆତ୍ମାର ଅଂଶ ମାନିଥାଆନ୍ତି । ପୁଣି ଦୁଃଖୀ ହୋଇଥାନ୍ତି ।

**ପ୍ରଶ୍ନ—** ଆପଣ କିପରି କହନ୍ତି ଯେ ଲୋକମାନେ ଧନ-ସମ୍ପତ୍ତି ଆଦିକୁ ନିଜ ଆତ୍ମାର ଅଂଶ ମାନନ୍ତି ?

**ଉତ୍ତର —** ଯେତେବେଳେ ବ୍ୟବସାୟରେ କିମ୍ବା କାର୍ ଆଦି ଅନ୍ୟ କୌଣସି ବସ୍ତୁ ଭାଙ୍ଗି ଗଲେ ଧନ ହାନି ହୋଇଥାଏ, ସେତେବେଳେ ବ୍ୟକ୍ତିର ହୃଦୟକୁ ଝଟ୍‌କା

(Heart - attack) ଲାଗିଥାଏ । କେବେ କେବେ ମୃତ୍ୟୁ ମଧ୍ୟ ହୋଇଯାଏ । ଏହା ସେତେବେଳେ ହୋଇଥାଏ ଯେତେବେଳେ ବ୍ୟକ୍ତି ସେହି ସମ୍ପତ୍ତିକୁ ନିଜ ଆତ୍ମାର ଅଂଶ ବୋଲି ମାନେ । ଯେତେବେଳେ ସମ୍ପତ୍ତି ବଢ଼େ, ସେତେବେଳେ ନିଜ ଆତ୍ମାର ବୃଦ୍ଧି ହେଉଛି ମନେ କରି ଖୁସି ହୋଇଥାଏ । ଯେତେବେଳେ ସମ୍ପତ୍ତି ନଷ୍ଟ ହୁଏ, ସେତେବେଳେ ଆତ୍ମାର ହାନି ହେଉଛି ଭାବି ଦୁଃଖୀ ହୋଇଥାଏ । ଏଭଳି ମନେକରିବା ଅବିଦ୍ୟା ହିଁ ଅଟେ । କାରଣ ଆତ୍ମା ସେହି କାର୍, ଘର, ଧନସମ୍ପତ୍ତିଠାରୁ ସମ୍ପୂର୍ଣ୍ଣ ଭିନ୍ନ ବସ୍ତୁ ଅଟେ । କାର୍ ଆଦି ନଷ୍ଟ ହୋଇଗଲେ ଆତ୍ମାର କିଛି ହେଲେ କ୍ଷତି ହୋଇ ନଥାଏ । ସେ ପୂରାପୂରି ସୁରକ୍ଷିତ ଥାଏ । କିନ୍ତୁ ଲୋକମାନେ ଅବିଦ୍ୟା କାରଣରୁ ଦୁଃଖୀ ହୋଇଥାନ୍ତି । ଏହାର ଅର୍ଥ ଏପରି ବି ନୁହେଁ ଯେ କାର୍ ଆଦି ସଂପତ୍ତିର ସୁରକ୍ଷା କରିବା ଉଚିତ ନୁହେଁ, ଯେହେତୁକି କାର୍ ଆଦି ନଷ୍ଟ ହେଲେ ଆତ୍ମାର ତ କିଛି କ୍ଷୟ ହୋଇନଥାଏ । ଆମେ ଏହା କହିବାକୁ ଚାହୁଁଛୁ ଯେ- କାର୍ ଆଦି ସଂପତ୍ତି, ଜୀବନ-ରକ୍ଷା ଏବଂ ମୋକ୍ଷ-ପ୍ରାପ୍ତିର ସାଧନ । ଏହି ସାଧନଗୁଡ଼ିକର ସୁରକ୍ଷା ଓ ଉପଯୋଗ ତ କରିବା ଆବଶ୍ୟକ । କିନ୍ତୁ ଏ ସବୁ ସାଧନ ଅନିତ୍ୟ ହୋଇଥିବା ଯୋଗୁଁ କେବେ ହେଲେ ନଷ୍ଟ ହୋଇପାରେ । ସମ୍ପୂର୍ଣ୍ଣ ସୁରକ୍ଷା କରିବା ପାଇଁ ଚେଷ୍ଟା କରିବା ସତ୍ତ୍ୱେ ଯଦି ତାହା ନଷ୍ଟ ହୋଇଯାଏ, ତେବେ ଦୁଃଖୀ ହେବା ଉଚିତ ନୁହେଁ । ସେତେବେଳେ ଜ୍ଞାନପୂର୍ବକ ଏପରି ଚିନ୍ତା କରିବା ଆବଶ୍ୟକ ଯେ 'କାର୍ ଆଦି ବସ୍ତୁ ଅନିତ୍ୟ । କେବେ ନା କେବେ ନଷ୍ଟ ହେବ ହିଁ ହେବ । ଆମେ ଏହାର ସୁରକ୍ଷା ପାଇଁ ପୂରାପୂରି ଚେଷ୍ଟା କଲୁ । ନିଜର କର୍ତ୍ତବ୍ୟ ପୂରା କଲୁ । ତଥାପି ଯଦି ନଷ୍ଟ ହୋଇଗଲା, ତେବେ ଆମେ(ଆତ୍ମା) ତ ସୁରକ୍ଷିତ ଅଛୁ, ପୁନର୍ବାର ଧନ ରୋଜଗାର କରି ତାହା ପାଇଯିବୁ ।" ଯଦି ଏପରି ଭାବିବା ତେବେ 'ବିଦ୍ୟା' (ଜ୍ଞାନ) ଯୋଗୁଁ ଦୁଃଖୀ ହେବା ନାହିଁ । ଅନ୍ୟଥା ଅବିଦ୍ୟା ଯୋଗୁଁ ନିଶ୍ଚୟ ଦୁଃଖୀ ହେବା ।

ବର୍ତ୍ତମାନ ଶେଷରେ ଏହାକୁ ମଧ୍ୟ ଓଲଟା କରି ଦେଖିବା । ଅର୍ଥାତ୍ ଆତ୍ମାକୁ ଅନାତ୍ମା (ଚେତନକୁ ଜଡ଼) ମାନିବା ମଧ୍ୟ ଅବିଦ୍ୟା ଅଟେ । ଈଶ୍ୱର ଚେତନ, ସର୍ବଜ୍ଞ ଓ ସର୍ବବ୍ୟାପକ ଅଟନ୍ତି । ସେ ଆମର ସମସ୍ତ ବିଚାର ଓ କର୍ମକୁ ଜାଣୁଛନ୍ତି ଏବଂ ଦେଖୁଛନ୍ତି । ତଦନୁସାରେ ନ୍ୟାୟପୂର୍ବକ ଆମର କର୍ମର ଯଥାଯଥ ଫଳ ମଧ୍ୟ ଦେଉଛନ୍ତି । ଏଭଳି ଚେତନ, ସର୍ବଜ୍ଞ, ସର୍ବବ୍ୟାପକ, ନ୍ୟାୟକାରୀ ଈଶ୍ୱରଙ୍କ ବିଷୟରେ (ପାପ କାମ କଲାବେଳେ) ଏଭଳି ଭାବିବା ଯେ- 'ମୋତେ କେହି ଦେଖୁନାହିଁ କି ଜାଣୁନାହିଁ । ଈଶ୍ୱର ତ ଏଠାରେ ନାହାନ୍ତି । ଅଥବା ଈଶ୍ୱରଙ୍କୁ ଜଡ଼ ମୂର୍ତ୍ତି ରୂପରେ ମନେ କରି ଆମର ପାପ କର୍ମର ସେ ଦ୍ରଷ୍ଟା (ଜ୍ଞାତା/ସାକ୍ଷୀ) ନୁହଁନ୍ତି', ଏଭଳି ଭାବିବା ମଧ୍ୟ ଅବିଦ୍ୟା ଅଟେ । ଏଥିପାଇଁ ଆଗକୁ ଦଣ୍ଡ/ ଦୁଃଖ ମିଳିବ ।

ଏହିଭଳି ଭବେ ଆମ ସମ୍ମୁଖରେ ଥିବା ବୁଦ୍ଧିମାନ୍ ବ୍ୟକ୍ତିକୁ ମଧ୍ୟ ମୂର୍ଖ ମନେକରି ଏଭଳି ଭାବିବା ଯେ – 'ଏହି ବ୍ୟକ୍ତି ମୋର ଚତୁରତାକୁ କ'ଣ ବୁଝି ପାରିବ ?' ଏହା ମଧ୍ୟ ଅବିଦ୍ୟା ଅଟେ । ଏହି ଅବିଦ୍ୟା ଯୋଗୁଁ ବ୍ୟକ୍ତି ପାପ / ଅପରାଧ କର୍ମ କରିଥାଏ ଏବଂ ପରେ ଏହି କର୍ମର ଦୁଃଖରୂପୀ ଫଳ ଈଶ୍ୱର ଏବଂ ଅନ୍ୟ ଅଧିକାରୀ ମଣିଷଠାରୁ ପ୍ରାପ୍ତ କରିଥାଏ । ଏହା ଚତୁର୍ଥ ପ୍ରକାର ଅବିଦ୍ୟାର ଆଲୋଚନା ସଂପୂର୍ଣ୍ଣ ହେଲା ।

ସାରାଂଶ ଏହା ଯେ- ଆମର ଅଧିକାଂଶ ଦୁଃଖର କାରଣ ଆମ ନିଜର ଅବିଦ୍ୟା ହିଁ ଅଟେ । ଆସନ୍ତୁ, ଏହାକୁ ଦୂର କରିବାର ଉପାୟ ଜାଣିବା ପାଇଁ ପରବର୍ତ୍ତୀ ପର୍ଯ୍ୟାୟରେ ଚେଷ୍ଟା କରିବା । ◆

ଭାଷାନ୍ତର

**ଡଃ. ଉଷା ପାଢ଼ୀ**

❖❖❖

# ଅଥ ଚତୁର୍ଥସମୁଲ୍ଲାସାରମ୍ଭଃ

## ଅଥ ସମାବର୍ତ୍ତନବିବାହଗୃହାଶ୍ରମବିଧିଂ ବକ୍ଷ୍ୟାମଃ

ପୂର୍ବାନୁକ୍ରମିକ....

**ମହର୍ଷି ଦୟାନନ୍ଦ ସରସ୍ୱତୀ**

### ବିବାହ ଲକ୍ଷଣ

**ବ୍ରାହ୍ମୋ ଦୈବସ୍ତଥୈବାର୍ଷଃ ପ୍ରାଜାପତ୍ୟସ୍ତଥାଽଽସୁରଃ ।**
**ଗାନ୍ଧର୍ବୋ ରାକ୍ଷସଶ୍ଚୈବ ପୈଶାଚଶ୍ଚାଷ୍ଟମୋଽଧମଃ ।।** (ମନୁ. ୩:୨୧)

ବିବାହ ଆଠ ପ୍ରକାର; ଯଥା - ୧. ବ୍ରାହ୍ମ, ୨. ଦୈବ, ୩. ଆର୍ଷ, ୪. ପ୍ରାଜାପତ୍ୟ, ୫. ଆସୁର, ୬. ଗାନ୍ଧର୍ବ, ୭. ରାକ୍ଷସ, ୮. ପୈଶାଚ । ଏ ସବୁର ପରିଚୟ ହେଲା -

**୧. ବ୍ରାହ୍ମ ବିବାହ** — ବର-କନ୍ୟା ଉଭୟେ ଯଥାବିଧି ବ୍ରହ୍ମଚର୍ଯ୍ୟ ଆଶ୍ରମ ଅନୁଷ୍ଠାନ ପୂର୍ବକ ଉତ୍ତମ ବିଦ୍ୱାନ୍, ଧାର୍ମିକ ଓ ସୁଶୀଳ ହୋଇ ପାରସ୍ପରିକ ପ୍ରସନ୍ନତାରେ ଉଭୟଙ୍କ ବିବାହ କରିବାକୁ ବ୍ରାହ୍ମ ବିବାହ କୁହାଯାଏ ।

**୨. ଦୈବ ବିବାହ** — ବିବାହ ଉଦ୍ଦେଶ୍ୟରେ ଆୟୋଜିତ ବିସ୍ତୃତ ଯଜ୍ଞରେ ଋତ୍ୱିକ କର୍ମ କରୁଥିବା ବ୍ୟକ୍ତି(ଜାମାତା)ଙ୍କୁ ଅଳଂକୃତା କନ୍ୟା ପ୍ରଦାନ କରିବାକୁ ଦୈବ ବିବାହ କୁହାଯାଏ ।

**୩. ଆର୍ଷ ବିବାହ** — ବର ଠାରୁ କିଛି ନେଇ ବର-କନ୍ୟାଙ୍କ ପ୍ରସନ୍ନତାରେ ବିବାହ କରିବାକୁ ଆର୍ଷ ବିବାହ କୁହାଯାଏ ।

**୪. ପ୍ରାଜାପତ୍ୟ ବିବାହ** — ଗୃହସ୍ଥ ଧର୍ମର ରକ୍ଷା ଓ ବୃଦ୍ଧି ନିମନ୍ତେ ଉଭୟଙ୍କ ମଧ୍ୟରେ ଯେଉଁ ବିବାହ ଅନୁଷ୍ଠିତ ହୁଏ ତାକୁ ପ୍ରାଜାପତ୍ୟ ବିବାହ କହନ୍ତି ।

**୫. ଆସୁର ବିବାହ** — ବର ଓ କନ୍ୟାକୁ କିଛି ଦେଇ ଯେଉଁ ବିବାହ କରାଯାଏ ତାକୁ ଆସୁର ବିବାହ କହନ୍ତି ।

**୬. ଗାନ୍ଧର୍ବ ବିବାହ** — ବିନା ନିୟମରେ ଓ ଅସମୟରେ କୌଣସି କାରଣବଶତଃ କୌଣସି ପୁଅ-ଝିଅ ସ୍ୱେଚ୍ଛାରେ ପରସ୍ପରକୁ ପତ୍ନୀ-ପତି ମାନି ସଂଯୁକ୍ତ ହେବାକୁ ଗାନ୍ଧର୍ବ ବିବାହ କୁହାଯାଏ ।

**୭. ରାକ୍ଷସ ବିବାହ** — ଯୁଦ୍ଧ କରି, ବଳପୂର୍ବକ ଅପହରଣ କରି କିମ୍ବା କପଟତା ପୂର୍ବକ କୌଣସି କନ୍ୟାକୁ ବିବାହ କରିବାକୁ ରାକ୍ଷସ ବିବାହ କୁହାଯାଏ ।

**୮. ପୈଶାଚ ବିବାହ** — ଶୟନରତା ବା ମଦ୍ୟାଦି ପାନ ଯୋଗୁଁ ଉନ୍ମତ୍ତା ସହ ବଳାତ୍କାର ସଂଯୋଗ କରିବାକୁ ପୈଶାଚ ବିବାହ କୁହାଯାଏ ।

ଏସବୁ ବିବାହ ମଧ୍ୟରେ 'ବ୍ରାହ୍ମବିବାହ' **ସର୍ବୋତ୍କୃଷ୍ଟ**; 'ଦୈବ' ଓ 'ପ୍ରାଜାପତ୍ୟ' ବିବାହ **ମଧ୍ୟମ**; 'ଆର୍ଷ', 'ଆସୁର' ଓ 'ଗାନ୍ଧର୍ବ' **ନିକୃଷ୍ଟ**; 'ରାକ୍ଷସ' ବିବାହ **ଅଧମ** ଏବଂ 'ପୈଶାଚ' ବିବାହ **ମହାଭ୍ରଷ୍ଟ** ଅଟେ । ଏଣୁ ବିବାହ ପୂର୍ବରୁ ବର ଓ କନ୍ୟାଙ୍କର ଏକାନ୍ତରେ ମିଳନ ଆଦୌ ନ ହେବା ଉଚିତ । କାରଣ ଯୌବନାବସ୍ଥାରେ ଅବିବାହିତ ପୁରୁଷ-ନାରୀଙ୍କ ଏକତ୍ର ଅବସ୍ଥାନ ଦୋଷାବହ ଅଟେ ।

ଯେତେବେଳେ ଝିଅ ଓ ପୁଅମାନଙ୍କର ବିବାହ ସମୟ ଆସିବ ଅର୍ଥାତ୍ ବ୍ରହ୍ମଚର୍ଯ୍ୟାଶ୍ରମ ଓ ବିଦ୍ୟାଶିକ୍ଷା ପୂର୍ଣ୍ଣ ହେବାକୁ ଯେତେବେଳେ ଏକ ବର୍ଷ ବା ଛଅ ମାସ ବାକି ଥିବ, ସେତେବେଳେ ସେସବୁ କନ୍ୟାମାନଙ୍କ ଓ ସେସବୁ ପୁଅମାନଙ୍କ ଛାୟାଚିତ୍ର (ଫଟୋ) ଉଠାଇ ବା ପ୍ରତିକୃତି ତିଆରି କରି ଝିଅଙ୍କ ଅଧ୍ୟାପିକାଙ୍କ ପାଖକୁ ପୁଅମାନଙ୍କର ଓ ପୁଅଙ୍କ ଅଧ୍ୟାପକଙ୍କ ନିକଟକୁ ଝିଅମାନଙ୍କର ପ୍ରତିକୃତି ପଠାଇ ଦେବେ । ଯେଉଁ ପୁଅ-ଝିଅମାନଙ୍କ ରୂପ ପରସ୍ପର ସହ ମେଳ ଖାଇବ ସେମାନଙ୍କ ଇତିହାସ ଅର୍ଥାତ୍ ଜନ୍ମରୁ ନେଇ ସେହିଦିନ ପର୍ଯ୍ୟନ୍ତ ଲିଖିତ ଥିବା ଜନ୍ମ ଚରିତ୍ର ପୁସ୍ତକ ଅଧ୍ୟାପକ-ଅଧ୍ୟାପିକାମାନେ ମଗାଇ ଦେଖିବେ । ଯେତେବେଳେ ଉଭୟଙ୍କ ଗୁଣ-କର୍ମ ଏକା ଭଳି ଥିବା ଜଣାଯିବ, ସେତେବେଳେ ଯାହା-ଯାହା ସହ ଯାହା-ଯାହାର ବିବାହ ହେବା ଯୋଗ୍ୟ ମନେକରିବେ, ସେ-ସେ ପୁଅ ଓ ଝିଅର ଛାୟାଚିତ୍ର ଓ ଇତିହାସ ସେ-ସେ ଝିଅ ଓ ପୁଅ ହାତରେ ଦେଇ କହିବେ- 'ଏ ବିଷୟରେ ତୁମର ମତାମତ କ'ଣ ଆମକୁ ଜଣାଇବ' । ଯେଉଁ ପୁଅ-ଝିଅ ଦୁହେଁ ପରସ୍ପରକୁ ବିବାହ କରିବାକୁ ନିଶ୍ଚିତ କରିବେ ଏକା ସମୟରେ ସେ ଦୁହିଁଙ୍କ ସମାବର୍ତ୍ତନ ସଂସ୍କାର କରିବେ । ଯଦି ସେ ଦୁହେଁ ଅଧ୍ୟାପକମାନଙ୍କ ସମ୍ମୁଖରେ ବିବାହ କରିବାକୁ ଚାହାଁନ୍ତି, ତେବେ ସେଠାରେ ବିବାହ କରାଇବେ ନଚେତ୍ କନ୍ୟାର ମାତା-ପିତାଙ୍କ ଘରେ ବିବାହ କରାଇବେ । ବିବାହ ପୂର୍ବରୁ ସେ ଦୁହେଁ ଯେତେବେଳେ ପରସ୍ପରର ସମ୍ମୁଖୀନ ହେବେ ସେତେବେଳେ ସେ ଅଧ୍ୟାପକଗଣ ବା କନ୍ୟାର ମାତା-ପିତା ଆଦି ଭଦ୍ରବ୍ୟକ୍ତିଗଣଙ୍କ ସମ୍ମୁଖରେ ସେ ଦୁହିଁଙ୍କ ମଧ୍ୟରେ କଥୋପକଥନ ଓ ଶାସ୍ତ୍ରାର୍ଥ କରାଇବେ । ଯଦି କାହାର କୌଣସି ଗୋପନୀୟ ବ୍ୟବହାର ବିଷୟରେ ପଚାରିବାର ଥାଏ, ତାହା ବି ସମସ୍ତଙ୍କ ଉପସ୍ଥିତିରେ ଲେଖି ଜଣେ ଅନ୍ୟ ଜଣଙ୍କ ହାତରେ ଦେଇ ପ୍ରଶ୍ନୋତ୍ତର କରିନେବେ ।

ଯେତେବେଳେ ପରସ୍ପରକୁ ବିବାହ କରିବା ପାଇଁ ଦୁହେଁ ପୂର୍ଣ୍ଣତଃ ନିଶ୍ଚୟ କରିନେବେ ସେତେବେଳେ ପରଠାରୁ ଉଭୟଙ୍କ ଖାଦ୍ୟ-ପେୟର ଉତ୍ତମ ବ୍ୟବସ୍ଥା କରିବା ଉଚିତ । ଯଦ୍ଦ୍ୱାରାକି ବ୍ରହ୍ମଚର୍ଯ୍ୟ ଓ ବିଦ୍ୟାଧ୍ୟୟନ ରୂପକ ତପଶ୍ଚର୍ଯ୍ୟା ଓ କଷ୍ଟ ଦ୍ୱାରା ଦୁର୍ବଳ ହୋଇଥିବା ସେମାନଙ୍କ ଶରୀର ଶୁକ୍ଳ ପକ୍ଷର ଚନ୍ଦ୍ରମା ଭଳି ବୃଦ୍ଧି ପାଇ ଅଳ୍ପ ଦିନ ମଧ୍ୟରେ ହୃଷ୍ଟପୁଷ୍ଟ ହୋଇଯାଏ ।

କନ୍ୟା ରଜସ୍ୱଳା ହୋଇ ଯେଉଁ ଦିନ ଶୁଦ୍ଧ ହେବ, ସେଦିନ ବେଦୀ ଓ ମଣ୍ଡପ ତିଆରି କରି ଅନେକ ସୁଗନ୍ଧାଦି ଦ୍ରବ୍ୟ ଓ ଘୃତାଦି ଦ୍ୱାରା ହୋମ କରିବେ । ଉପସ୍ଥିତ ବିଦ୍ୱାନ୍ ପୁରୁଷ ଓ ବିଦୁଷୀ ମହିଳାମାନଙ୍କୁ ଯଥାଯୋଗ୍ୟ ସତ୍କାର କରିବେ । ତା'ପରେ ଋତୁଦାନ କରିବା ପାଇଁ ଯେଉଁ ଦିନଟିକୁ ଉଚିତ ବୋଲି ମନେକରିବେ, ସେଦିନ 'ସଂସ୍କାରବିଧି' ପୁସ୍ତକର ବିବାହ ବିଧି ଅନୁସାରେ ଅତି ପ୍ରସନ୍ନତା ପୂର୍ବକ ସମସ୍ତଙ୍କ ସମ୍ମୁଖରେ ପାଣିଗ୍ରହଣ ପୂର୍ବକ ବିବାହ ବିଧିର ସମସ୍ତ କର୍ମ ସମାପନ କରି ରାତ୍ରି ଦଶଟା ବା ମଧ୍ୟରାତ୍ରି ସୁଦ୍ଧା ବର-କନ୍ୟା ଏକାନ୍ତରେ ଅବସ୍ଥାନ କରିବେ । ପୁରୁଷ ବୀର୍ଯ୍ୟ ସ୍ଥାପନ କରିବା ଓ ସ୍ତ୍ରୀ ବୀର୍ଯ୍ୟାକର୍ଷଣ କରିବାର ଯେଉଁ ବିଧି ଅଛି ତଦନୁସାରେ ପତି-ପତ୍ନୀ ଉଭୟେ କାର୍ଯ୍ୟ କରିବେ । କଠୋର ବ୍ରହ୍ମଚର୍ଯ୍ୟ ଦ୍ୱାରା ସଂରକ୍ଷିତ ବୀର୍ଯ୍ୟକୁ କଦାପି ବୃଥାରେ ବ୍ୟୟ କରିବେ ନାହିଁ । କାରଣ ବ୍ରହ୍ମଚର୍ଯ୍ୟ ଦ୍ୱାରା ଉତ୍ତମ ଗୁଣଯୁକ୍ତ ଏହି ବୀର୍ଯ୍ୟ ଓ ରଜର ସଂଯୋଗରେ ଯେଉଁ ଶରୀର ଉତ୍ପନ୍ନ ହୁଏ ସେ ସନ୍ତାନ ଅତି ଉତ୍ତମ ହୋଇଥାଏ । ଯେତେବେଳେ ଗର୍ଭାଶୟରେ ବୀର୍ଯ୍ୟ ପତନର ସମୟ ଉପସ୍ଥିତ ହେବ ସେ ସମୟରେ ସ୍ତ୍ରୀ-ପୁରୁଷ ଉଭୟେ ସ୍ଥିର ରହିବେ ଓ ନାସିକା ସମ୍ମୁଖରେ ନାସିକା, ଚକ୍ଷୁ ସମ୍ମୁଖରେ ଚକ୍ଷୁ ରଖିବେ ଅର୍ଥାତ୍ ଶରୀରକୁ ସିଧା-ସଳଖ ରଖିବେ ଏବଂ ଅତ୍ୟନ୍ତ ପ୍ରସନ୍ନଚିତ୍ତ ରହିବେ, ହଲଚଲ ହେବେ ନାହିଁ । ପୁରୁଷ ନିଜ ଶରୀରକୁ ଶିଥିଳ କରିବେ । ବୀର୍ଯ୍ୟଗ୍ରହଣ ସମୟରେ ସ୍ତ୍ରୀ ଅପାନ ବାୟୁକୁ ଉପରକୁ ଟାଣି, ଯୋନିକୁ ଉପରଆଡ଼କୁ ସଂକୋଚନ କରି ବୀର୍ଯ୍ୟକୁ

ଉପରକୁ ଆକର୍ଷଣ କରି ଗର୍ଭାଶୟରେ ସ୍ଥାପନ କରିବେ । ତତ୍‌ପରେ ଉଭୟେ ଶୁଦ୍ଧ ଜଳରେ ସ୍ନାନ କରିବେ ।* ଶୁଣ୍ଠି, କେଶର, ଅଶ୍ୱଗନ୍ଧା, ଛୋଟ ଅଳେଇଚ ଓ ସାଳ ମିଶ୍ରିକୁ ପକାଇ ପୂର୍ବରୁ ଗରମ କରି ରଖାଯାଇଥିବା ଶୀତଳ ଦୁଧ ଉଭୟେ ଯଥାରୁଚି ପିଇ ନିଜ-ନିଜ ଶଯ୍ୟାରେ ଅଲଗା-ଅଲଗା ଶୟନ କରିବେ । ପ୍ରତ୍ୟେକ ଥର ଗର୍ଭାଧାନ ସମୟରେ ଏହି ବିଧି ଅବଲମ୍ବନ କରିବେ ।

ଗର୍ଭ ସ୍ଥିତ ହେବା ବିଷୟ ବିଦୁଷୀ ସ୍ତ୍ରୀଲୋକ ତ ସେହି ସମୟରେ ଜାଣିପାରେ; କିନ୍ତୁ ମାସେ ପରେ ପୁଣି ରଜସ୍ୱଳା ନ ହେଲେ ଗର୍ଭ ସଂଚାର ହୋଇଥିବାର ନିଶ୍ଚୟ ହୋଇଯାଏ । ଗର୍ଭ ସଞ୍ଚାର ହୋଇଥିବା ଜଣାପଡ଼ିଲେ ସେବେଠାରୁ ଏକବର୍ଷ ପର୍ଯ୍ୟନ୍ତ ସ୍ତ୍ରୀ-ପୁରୁଷଙ୍କ ସମାଗମ ସଂପୂର୍ଣ୍ଣ ରୂପେ ନିଷିଦ୍ଧ । କାରଣ ଏପରି ନ ହେଲେ ଗର୍ଭସ୍ଥ ସନ୍ତାନ ଉତ୍ତମ ହୁଏ ନାହିଁ କି ପରବର୍ତ୍ତୀ ସନ୍ତାନ ଶ୍ରେଷ୍ଠ ହୁଏ ନାହିଁ, ବୀର୍ଯ୍ୟ ଭଳି ଅମୂଲ୍ୟ ସମ୍ପଦ ବୃଥାରେ ନଷ୍ଟ ହୁଏ, ପତି-ପତ୍ନୀ ଉଭୟଙ୍କ ଆୟୁ ହ୍ରାସ ପାଏ ଓ ଅନେକ ପ୍ରକାର ରୋଗ ଉତ୍ପନ୍ନ ହୁଏ । ସନ୍ତାନ ଗର୍ଭରେ ଥିବା ସମୟରେ ଦୈହିକ ସମ୍ପର୍କ ନ ରଖିଲେ ବି ପାରସ୍ପରିକ କଥାବାର୍ତ୍ତାଦି ପ୍ରେମପୂର୍ଣ୍ଣ ବ୍ୟବହାର ଅବଶ୍ୟ ରଖିବେ । ସ୍ୱାମୀ ବୀର୍ଯ୍ୟ ରକ୍ଷା ପ୍ରତି ଯତ୍ନବାନ୍ ହେବେ ଓ ସ୍ତ୍ରୀ ଗର୍ଭର ସୁରକ୍ଷା ପ୍ରତି ସମୁଚିତ ଧ୍ୟାନ ଦେବେ । ଉଭୟେ ଭୋଜନ-ପରିଧାନ ଏପରି କରିବେ ଯଦ୍ଦ୍ୱାରା କି ସ୍ୱପ୍ନରେ ବି ପୁରୁଷର ବୀର୍ଯ୍ୟ ସ୍ଖଳିତ ହେବ ନାହିଁ ଏବଂ ସ୍ତ୍ରୀର ଗର୍ଭରେ ଥିବା ସନ୍ତାନ ଅତ୍ୟୁତ୍ତମ ରୂପ, ଲାବଣ୍ୟ, ପୁଷ୍ଟି, ବଳ ଓ ପରାକ୍ରମଯୁକ୍ତ ହୋଇ ଦଶମ ମାସରେ ଜନ୍ମ ହେବ । ଗର୍ଭର ରକ୍ଷା ବିଶେଷ ରୂପେ ଚତୁର୍ଥ ମାସରୁ ଓ ଅତିବିଶେଷ ରୂପେ ଅଷ୍ଟମ ମାସ ପରଠାରୁ କରିବା ଉଚିତ । ଗର୍ଭବତୀ ସ୍ତ୍ରୀ ରେଚକ, ରୁକ୍ଷ, ମାଦକଦ୍ରବ୍ୟ, ବୁଦ୍ଧି ଓ ବଳନାଶକ ପଦାର୍ଥ କଦାପି ସେବନ କରିବ ନାହିଁ । ଘିଅ, କ୍ଷୀର, ଉତ୍ତମ ଚାଉଳ, ଗହମ, ମୁଗ, ବିରି ଆଦି ଖାଦ୍ୟ-ପେୟ ଦେଶ-କାଳ ଅନୁସାରେ ଯଥାଯୋଗ୍ୟ ଗ୍ରହଣ କରିବ । ସନ୍ତାନ ଗର୍ଭରେ ଥିବା ସମୟରେ ଚତୁର୍ଥ ମାସରେ **'ପୁଂସବନ'** ସଂସ୍କାର ଓ ଅଷ୍ଟମ ମାସରେ **'ସୀମନ୍ତୋନ୍ନୟନ'** ସଂସ୍କାର ଯଥାବିଧି କରିବେ ।

ସନ୍ତାନ ଜନ୍ମ ହେବା ପରେ ମାଆ ଓ ଛୁଆ ଉଭୟଙ୍କ ଶରୀରର ରକ୍ଷା ବହୁତ ସାବଧାନତା ସହକାରେ କରିବେ । ସନ୍ତାନର ନାଡ଼ିଛେଦନ – ଶିଶୁର ନାଭି ମୂଳଠୁ ଚାରି ଆଙ୍ଗୁଳି ଛାଡ଼ି ଏକ କୋମଳ ସୂତା ବାନ୍ଧି, ସୂତାର ଅପର ପାର୍ଶ୍ୱରୁ କାଟିବେ । ସୂତା ଏପରି ବାନ୍ଧିବେ ଯେପରିକି ଶରୀରରୁ ବିନ୍ଦୁଏ ସୁଦ୍ଧା ରକ୍ତ ବୋହିବ ନାହିଁ । ସୁବାସିତ ଈଷଦୁଷ୍ଣ ଜଳରେ ମାଆ ସ୍ନାନ କରିବ ଓ ଶିଶୁକୁ ମଧ୍ୟ ସ୍ନାନ କରାଇବେ । ତା'ପରେ ପ୍ରସୂତି ଗୃହ ପରିଷ୍କାର କରି ସେଠାରେ ସୁଗନ୍ଧାଦିଯୁକ୍ତ ଘିଅ ଆଦି ଦ୍ୱାରା ହୋମ କରିବେ । ତା'ପରେ ପିତା ଶିଶୁର କାନରେ **'ବେଦୋଽସି'** ଅର୍ଥାତ୍ ତୁମ ନାମ ବେଦ ଏହି ବଚନ ଶୁଣାଇ ଏକ ସୁନା କାଠିରେ ଘିଅ ଓ ମହୁ ନେଇ ଶିଶୁର ଜିଭ ଉପରେ **'ଓ୩ମ୍'** ଲେଖି, ମହୁ ଓ ଘିଅ ସେହି ସୁବର୍ଣ୍ଣ ଶଳାକା ଦ୍ୱାରା ଚଟାଇବେ । ତା'ପରେ ଶିଶୁକୁ ମାଆକୁ ଦେବେ । ମାଆ ଶିଶୁକୁ ସ୍ତନ୍ୟପାନ କରାଇବେ । ଯଦି ମାଆର କ୍ଷୀର ନ ହୁଏ, ତେବେ ଅନ୍ୟ କୌଣସି ସ୍ତ୍ରୀ ଲୋକକୁ ପରୀକ୍ଷା କରି ସୁସ୍ଥ-ସବଳ ସ୍ତ୍ରୀ ଲୋକର କ୍ଷୀର ପିଆଇବେ । ତଦନନ୍ତର ବିଶୁଦ୍ଧ ବାୟୁ ଚଳାଚଳ କରୁଥିବା କୋଠରୀରେ ପ୍ରସୂତି ଓ ଶିଶୁକୁ ରଖିବେ ଏବଂ ସେଠାରେ ପ୍ରତ୍ୟହ ପ୍ରାତଃ ଓ ସାୟଂ କାଳରେ ସୁଗନ୍ଧିତ ଘିଅରେ ହୋମ କରିବେ ।

ଛଅ ଦିନ ପର୍ଯ୍ୟନ୍ତ ଶିଶୁକୁ ମାଆ ସ୍ତନ୍ୟପାନ କରାଇବେ । ମାଆର ସ୍ୱାସ୍ଥ୍ୟ ପାଇଁ ଶୁଣ୍ଠିପାକ ବା ସୌଭାଗ୍ୟଶୁଣ୍ଠିପାକ ପୂର୍ବରୁ ତିଆରି କରି ରଖିଥିବେ । ମାଆ ନିଜ ଶରୀରର ପୁଷ୍ଟି ପାଇଁ ବିବିଧ ପ୍ରକାର ଉତ୍ତମ ପଦାର୍ଥ ଭୋଜନ କରିବେ

ଓ ଯୋନି ସଂକୋଚନ ବି କରିବେ । ଛଅ ଦିନ ପରେ ମାଆର ସ୍ତନ୍ୟପାନରେ ଅସୁବିଧା ହେଲେ ଶିଶୁକୁ ସ୍ତନ୍ୟପାନ କରାଇବା ପାଇଁ କୌଣସି ଉତ୍ତମ ଗୁଣ ସମ୍ପନ୍ନା ଧାଈର ବ୍ୟବସ୍ଥା କରିବେ । ଧାଈ ପାଇଁ ଉତ୍ତମ ଖାଦ୍ୟ-ପେୟର ବ୍ୟବସ୍ଥା କରିବେ । ଧାଈ ଶିଶୁକୁ କ୍ଷୀର ପିଆଇବ ଓ ଲାଳନ-ପାଳନ ବି କରିବ । କିନ୍ତୁ ଶିଶୁର ମାତା ଶିଶୁ ଉପରେ ପୂର୍ଣ୍ଣ ଦୃଷ୍ଟି ରଖିବେ, ଯେପରିକି ତା'ର ଲାଳନ-ପାଳନରେ କୌଣସି ପ୍ରକାର ତ୍ରୁଟି ନ ହୁଏ । ସ୍ତନରୁ ଦୁଗ୍ଧ ସ୍ରାବ ବନ୍ଦ କରାଇବା ଆବଶ୍ୟକ ହେଲେ ପ୍ରସୂତା ସ୍ତ୍ରୀ ସ୍ତନର ଅଗ୍ରଭାଗରେ ସ୍ରାବ ବନ୍ଦ କଲା ଭଳି ଔଷଧ ଲେପନ କରିବେ । ତା'ସହ ଖାଦ୍ୟ-ପେୟ ଆଦି ମଧ୍ୟ ଯଥୋଚିତ କରିବେ । 'ସଂସ୍କାରବିଧି' ପୁସ୍ତକ ଅନୁସାରେ ଶିଶୁର 'ନାମକରଣ' ଆଦି ସଂସ୍କାର ଯଥା ସମୟରେ କରିବେ । ସ୍ତ୍ରୀ ପୁର୍ନବାର ରଜସ୍ୱଳା ହୋଇ ଶୁଦ୍ଧ ହେବା ପରେ ପୂର୍ବୋକ୍ତ ପଦ୍ଧତିରେ ଋତୁଦାନ କରିବେ ।

**ଋତୁକାଲାଭିଗାମୀ ସ୍ୟାତ୍ ସ୍ୱଦାରନିରତଃ ସଦା ।** (ମନୁ. ୩:୪୫)

**ବ୍ରହ୍ମଚାର୍ଯ୍ୟେବ ଭବତି ଯତ୍ର ତତ୍ରାଶ୍ରମେ ବସନ୍ ।** (ମନୁ. ୩:୫୦)

ଯେଉଁ ବ୍ୟକ୍ତି ନିଜ ସ୍ତ୍ରୀରେ ହିଁ ସନ୍ତୁଷ୍ଟ ରହେ ଏବଂ ଋତୁଗାମୀ ହୁଏ ଅର୍ଥାତ୍ କେବଳ ଋତୁକାଳରେ ହିଁ ସ୍ତ୍ରୀ ସହ ସହବାସ କରେ ସେ ଗୃହସ୍ଥ ହେଲେ ମଧ୍ୟ ବ୍ରହ୍ମଚାରୀ ସଦୃଶ ଅଟେ ।

## ନାରୀ-ପୁରୁଷଙ୍କ ବ୍ୟବହାର

**ସନ୍ତୁଷ୍ଟୋ ଭାର୍ଯ୍ୟୟା ଭର୍ତ୍ତା ଭର୍ତ୍ରା ଭାର୍ଯ୍ୟା ତଥୈବ ଚ ।**
**ଯସ୍ମିନ୍ନେବ କୁଲେ ନିତ୍ୟଂ କଲ୍ୟାଣଂ ତତ୍ର ବୈ ଧ୍ରୁବମ୍ ॥ ୧ ॥**
**ଯଦି ହି ସ୍ତ୍ରୀ ନ ରୋଚେତ ପୁମାଂସଂ ନ ପ୍ରମୋଦୟେତ୍ ।**
**ଅପ୍ରମୋଦାତ୍ପୁନଃ ପୁଂସଃ ପ୍ରଜନଂ ନ ପ୍ରବର୍ତ୍ତତେ ॥ ୨ ॥**
**ସ୍ତ୍ରିୟାଂ ତୁ ରୋଚମାନାୟାଂ ସର୍ବଂ ତଦ୍ରୋଚତେ କୁଲମ୍ ।**
**ତସ୍ୟାଂ ତ୍ୱରୋଚମାନାୟାଂ ସର୍ବମେବ ନ ରୋଚତେ ॥ ୩ ॥** (ମନୁ. ୩:୬୦-୬୨)

ଯେଉଁ ପରିବାରରେ ପତ୍ନୀ ପ୍ରତି ପତି ଏବଂ ପତି ପ୍ରତି ପତ୍ନୀ ସଦା ପ୍ରସନ୍ନ ରହନ୍ତି ସେହି ଗୃହରେ ସମସ୍ତ ସୌଭାଗ୍ୟ ଓ ଐଶ୍ୱର୍ଯ୍ୟ ନିବାସ କରେ । ଯେଉଁଠି ପରସ୍ପର ମଧ୍ୟରେ କଳହ ହୁଏ, ସେଠାରେ ଦୁର୍ଭାଗ୍ୟ ଓ ଦାରିଦ୍ର୍ୟ ବସାବାନ୍ଧି ରହେ ॥ ୧ ॥

ଯଦି ପତ୍ନୀ ପତିଙ୍କୁ ପ୍ରୀତି ନ କରେ ଓ ପତିଙ୍କୁ ପ୍ରସନ୍ନ ନ କରେ, ତେବେ ପତି ଅପ୍ରସନ୍ନ ରହିଲେ କାମୋତ୍ପତ୍ତି ହୁଏ ନାହିଁ ଓ ସନ୍ତାନ ଉତ୍ପନ୍ନ ହୁଅନ୍ତି ନାହିଁ ॥ ୨ ॥

ସ୍ତ୍ରୀ ପ୍ରସନ୍ନ ରହିଲେ ସାରା କୁଳ ପ୍ରସନ୍ନ ହୋଇଯାଏ ଏବଂ ସ୍ତ୍ରୀର ଅପ୍ରସନ୍ନତାରେ ସମସ୍ତ ଦୁଃଖଦାୟକ ହୋଇପଡ଼େ ॥ ୩ ॥

**ପିତୃଭିର୍ଭ୍ରାତୃଭିଶ୍ଚୈତାଃ ପତିଭିର୍ଦେବରୈସ୍ତଥା ।**
**ପୂଜ୍ୟା ଭୂଷୟିତବ୍ୟାଶ୍ଚ ବହୁକଲ୍ୟାଣମୀପ୍ସୁଭିଃ ॥ ୧ ॥**
**ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ ।**
**ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରାଽଫଲାଃ କ୍ରିୟାଃ ॥ ୨ ॥**

**ଶୋଚନ୍ତି ଜାମୟୋ ଯତ୍ର ବିନଶ୍ୟତ୍ୟାଶୁ ତତ୍‌କୁଳମ୍ ।**
**ନ ଶୋଚନ୍ତି ତୁ ଯତ୍ରୈତା ବର୍ଦ୍ଧତେ ତଦ୍ଧି ସର୍ବଦା ॥ ୩ ॥**
**ତସ୍ମାଦେତାଃ ସଦା ପୂଜ୍ୟା ଭୂଷଣାଚ୍ଛାଦନାଶନୈଃ ।**
**ଭୂତିକାମୈର୍ନରୈର୍ନିତ୍ୟଂ ସତ୍କାରେଷୂତ୍ସବେଷୁ ଚ ॥ ୪ ॥** (ମନୁ. ୩:୫୫-୫୭,୫୯)

ବାପା, ଭାଇ, ସ୍ୱାମୀ ଓ ଦିଅର - ଏମାନେ ଗୃହର ମହିଳାଙ୍କୁ (ଯଥାକ୍ରମେ ଝିଅ, ଭଉଣୀ, ସ୍ତ୍ରୀ ଓ ଭାଉଜଙ୍କୁ) ଯଥାଯୋଗ୍ୟ ସତ୍କାର ଓ ଅଳଙ୍କାରାଦି ଦ୍ୱାରା ପ୍ରସନ୍ନ ରଖିବେ । ଯେଉଁମାନେ ବହୁତ କଲ୍ୟାଣ ଚାହାଁନ୍ତି, ସେମାନେ ଏପରି କରିବା ବିଧେୟ ॥ ୧ ॥

ଯେଉଁ ଗୃହରେ ନାରୀମାନଙ୍କ ସତ୍କାର ହୁଏ, ସେ ଗୃହରେ ସନ୍ତାନମାନେ, ପୁରୁଷମାନେ ଦେବ ଅର୍ଥାତ୍ ବିଦ୍ୱାନ୍ ହୋଇ ଆନନ୍ଦରେ ରହନ୍ତି । କିନ୍ତୁ ଯେଉଁ ଘରେ ମହିଳାମାନଙ୍କର ସତ୍କାର ହୁଏ ନାହିଁ, ସେ ଘରେ ସମସ୍ତ କ୍ରିୟା ନିଷ୍ଫଳ ହୋଇଯାଏ ॥ ୨ ॥

ଯେଉଁ ଗୃହରେ ବା କୁଳରେ ନାରୀମାନେ ଶୋକାତୁରା ହୋଇ ଦୁଃଖ ଭୋଗ କରନ୍ତି, ସେହି ପରିବାର ଶୀଘ୍ର ନଷ୍ଟ-ଭ୍ରଷ୍ଟ ହୋଇଯାଏ ଏବଂ ଯେଉଁ ଘରେ ବା କୁଳରେ ମହିଳାମାନେ ଆନନ୍ଦ, ଉତ୍ସାହ ଓ ପ୍ରସନ୍ନତାରେ ପରିପୂର୍ଣ୍ଣ ହୋଇ ରହନ୍ତି, ସେ କୁଳର ସର୍ବଦା ଉନ୍ନତି ହୋଇ ଚାଲିଥାଏ ॥ ୩ ॥

ଏଣୁ ଐଶ୍ୱର୍ଯ୍ୟ ଅଭିଳାଷୀ ବ୍ୟକ୍ତିମାନେ ସତ୍କାର ଅବସରରେ ଓ ଉତ୍ସବ ଅନୁଷ୍ଠାନ ସମୟରେ ଅଳଙ୍କାର, ବସ୍ତ୍ର ଓ ଭୋଜନ ଇତ୍ୟାଦି ଦ୍ୱାରା ମହିଳାମାନଙ୍କୁ ସର୍ବଦା ସତ୍କାର କରିବେ ॥ ୪ ॥

ଏକଥା ସର୍ବଦା ମନେରଖିବା ଉଚିତ ଯେ '**ପୂଜା**'ର ଅର୍ଥ ସତ୍କାର । ଦିନ ଓ ରାତିରେ ପତି-ପତ୍ନୀ ଯେତେବେଳେ ପ୍ରଥମ ଦେଖା ହେବେ ଓ ଯେତେବେଳେ ଜଣେ ଅନ୍ୟଠୁ ବିଦାୟ ନେବେ ସେତେବେଳେ ଜଣେ ଅନ୍ୟକୁ ପ୍ରୀତିପୂର୍ବକ '**ନମସ୍ତେ**' କରିବେ ।

**ସଦା ପ୍ରହୃଷ୍ଟୟା ଭାବ୍ୟଂ ଗୃହକାର୍ଯ୍ୟେଷୁ ଦକ୍ଷୟା ।**
**ସୁସଂସ୍କୃତୋପସ୍କରୟା ବ୍ୟୟେ ଚାମୁକ୍ତହସ୍ତୟା ॥** (ମନୁ. ୫:୧୫୦)

ଗୃହିଣୀମାନେ ଅତି ପ୍ରସନ୍ନତା ସହକାରେ ଦକ୍ଷତା ପୂର୍ବକ ଗୃହ କର୍ମ ସମ୍ପାଦନ କରିବେ, ସବୁ ଜିନିଷର ଉତ୍ତମ ସଂସ୍କାର କରିବେ, ଗୃହକୁ ଶୁଦ୍ଧ ରଖିବେ ଏବଂ ଘରର ସବୁ ଜିନିଷ ବ୍ୟବସ୍ଥିତ ଓ ପରିଷ୍କାର ରଖିବେ, ବ୍ୟୟ ସମ୍ବନ୍ଧରେ ଅତ୍ୟନ୍ତ ଉଦାର ନ ହୋଇ ମିତବ୍ୟୟୀ ହେବେ । ଏପରି ଖାଦ୍ୟ ରୋଷେଇ କରିବେ ବା କରାଇବେ ଯେ ତାହ ଔଷଧ ଭଳି ହୋଇ ଘରେ, ଶରୀରରେ ଓ ଆତ୍ମାରେ ରୋଗକୁ ପ୍ରବେଶ ହେବାକୁ ଦେବ ନାହିଁ । ଯାହା-ଯାହା ବ୍ୟୟ ହେବ ସେସବୁର ହିସାବ ଠିକ୍ ଭାବେ ରଖି ଗୃହକର୍ତ୍ତାଙ୍କୁ ଜଣାଇବେ । ଘରର ସେବକ-ଭୃତ୍ୟ ଆଦିଙ୍କ ଦ୍ୱାରା ଯଥାଯଥ ଭାବେ କାମ କରାଇବେ । ଘରର କୌଣସି କାମ ବିଗିଡ଼ିବାକୁ ଦେବେ ନାହିଁ ।

**ସ୍ତ୍ରିୟୋ ରତ୍ନାନ୍ୟଥୋ ବିଦ୍ୟା ସତ୍ୟଂ ଶୌଚଂ ସୁଭାଷିତମ୍ ।**
**ବିବିଧାନି ଚ ଶିଳ୍ପାନି ସମାଦେୟାନି ସର୍ବତଃ ॥** (ମନୁ. ୨:୨୪୦)

ଉତ୍ତମ ସ୍ତ୍ରୀ, ନାନାପ୍ରକାରର ରତ୍ନ, ବିଦ୍ୟା, ସତ୍ୟ, ପବିତ୍ରତା, ଶିକ୍ଷାପୂର୍ଣ୍ଣ କଥା ଓ ନାନାବିଧ ଶିଳ୍ପବିଦ୍ୟା ଅର୍ଥାତ୍ କାରିଗରୀ ସମସ୍ତେ ସବୁ ଦେଶରୁ ଓ ସକଳ ମନୁଷ୍ୟଙ୍କଠାରୁ ଗ୍ରହଣ କରିବା ଉଚିତ ।

**ସତ୍ୟଂ ବ୍ରୂୟାତ୍ପ୍ରିୟଂ ବ୍ରୂୟାନ୍ନ ବ୍ରୂୟାତ୍ ସତ୍ୟମପ୍ରିୟମ୍ ।**
**ପ୍ରିୟଂ ଚ ନାନୃତଂ ବ୍ରୂୟାଦେଷ ଧର୍ମଃ ସନାତନଃ ॥ ୧ ॥**
**ଭଦ୍ରଂ ଭଦ୍ରମିତି ବ୍ରୂୟାଦ୍ ଭଦ୍ରମିତ୍ୟେବ ବା ବଦେତ୍ ।**
**ଶୁଷ୍କବୈରଂ ବିବାଦଂ ଚ ନ କୁର୍ଯ୍ୟାତ୍କେନଚିତ୍ ସହ ॥ ୨ ॥** (ମନୁ. ୪:୧୩୮,୧୩୯)

ସର୍ବଦା ପ୍ରିୟ ସତ୍ୟ, ଅନ୍ୟର ହିତକର କଥା କହିବା ଉଚିତ । ଅପ୍ରିୟ ସତ୍ୟ ଅର୍ଥାତ୍ କଣାକୁ କଣା ବୋଲି କହିବା ଅନୁଚିତ । ଅନ୍ୟକୁ ପ୍ରସନ୍ନ କରିବା ପାଇଁ ଅନୃତ ବା ମିଥ୍ୟା କହିବା ଉଚିତ ନୁହେଁ । ଏହା ସନତନ ଧର୍ମ ଅଟେ ॥ ୧ ॥

ସର୍ବଦା ଭଦ୍ର ଅର୍ଥାତ୍ ସମସ୍ତଙ୍କର ହିତକର ବଚନ କହିବା ବିଧେୟ । ଯାହା ଅନ୍ୟ ପାଇଁ ହିତକର ତାହା ଅପ୍ରିୟ ହେଲେ ମଧ୍ୟ, ସେ ଶ୍ରୋତା ଖରାପ ଭାବିଲେ ସୁଦ୍ଧା ନ କହି ଚୁପ୍ ରହିବା ଉଚିତ ନୁହେଁ । ଶୁଷ୍କବୈର ଅର୍ଥାତ୍ ବିନା କାରଣରେ କାହା ସହିତ ଶତ୍ରୁତା ବା ବିବାଦ କରିବା ଅନୁଚିତ ॥ ୨ ॥

**ପୁରୁଷା ବହବୋ ରାଜନ୍ ସତତଂ ପ୍ରିୟବାଦିନଃ ।**
**ଅପ୍ରିୟସ୍ୟ ତୁ ପଥ୍ୟସ୍ୟ ବକ୍ତା ଶ୍ରୋତା ଚ ଦୁର୍ଲଭଃ ॥**

(ମହାଭାରତ ଉଦ୍ୟୋଗ ପର୍ବ- ବିଦୁର ନୀତି. ୩୭:୧୫)

ବିଦୁର କହୁଛନ୍ତି **–** 'ହେ ଧୃତରାଷ୍ଟ୍ର **!** ଅନ୍ୟକୁ ସତତ ପ୍ରସନ୍ନ କରିବା ପାଇଁ ପ୍ରିୟ କଥା କହୁଥିବା ତୋଷାମଦକାରୀ ଲୋକ ଏ ସଂସାରରେ ବହୁତ ଅଛନ୍ତି । କିନ୍ତୁ ଶୁଣିବାକୁ ଅପ୍ରିୟ ଲାଗୁଥିବା ଅଥଚ କଲ୍ୟାଣକାରୀ ହୋଇଥିବା କଥା କହିବା ଓ ଶୁଣିବା ବ୍ୟକ୍ତି ଦୁର୍ଲଭ ।' କୌଣସି ବ୍ୟକ୍ତିର ଆଗରେ ତା' ଦୋଷ-ଦୁର୍ଗୁଣ କଥା କହିବା ଓ ତା'ଠୁ ନିଜ ଦୋଷ ବିଷୟରେ ଶୁଣିବା ଏବଂ ସେ ବ୍ୟକ୍ତିର ପଛରେ ସର୍ବଦା ତା'ର ଗୁଣ ବିଷୟରେ କହିବା ହେଲା ସଜ୍ଜନମାନଙ୍କର କାର୍ଯ୍ୟ । ଦୁର୍ଜନମାନଙ୍କ କାମ ହେଲା କୌଣସି ବ୍ୟକ୍ତିର ସାମ୍ନାରେ ତା'ର ଗୁଣ ବର୍ଣ୍ଣନା କରିବା ଓ ତା' ପଛରେ ତା'ର ଦୋଷ-ଦୁର୍ଗୁଣ ପ୍ରକାଶ କରିବା । **ମନୁଷ୍ୟ ଯେ ପର୍ଯ୍ୟନ୍ତ ଅନ୍ୟଠାରୁ ନିଜ ଦୋଷ ଶୁଣେ ନାହିଁ, ଶୁଣିବାକୁ ଋହେଁ ନାହିଁ କିମ୍ବା କେହି ତାକୁ କହନ୍ତି ନାହିଁ ସେ ପର୍ଯ୍ୟନ୍ତ ସେ ଦୋଷରୁ ରହିତ ହୋଇ, ଗୁଣବାନ୍ ହୋଇପାରେ ନାହିଁ ।**

କେବେ କାହାର ନିନ୍ଦା କରିବେ ନାହିଁ । **'ଗୁଣେଷୁ ଦୋଷାରୋପଣମସୂୟା'** ଏବଂ **'ଦୋଷେଷୁ ଗୁଣାରୋପଣମପ୍ୟସୂୟା', 'ଗୁଣେଷୁ ଗୁଣାରୋପଣଂ ଦୋଷେଷୁ ଦୋଷାରୋପଣଂ ଚ ସ୍ତୁତିଃ'** — ଗୁଣରେ ଦୋଷ ଆରୋପ କରିବା ଓ ଦୋଷରେ ଗୁଣ ଆରୋପ କରିବାକୁ **'ନିନ୍ଦା'** କହନ୍ତି । ଗୁଣକୁ ଗୁଣ ବୋଲି କହିବା ଏବଂ ଦୋଷକୁ ଦୋଷ ବୋଲି କହିବାକୁ **'ସ୍ତୁତି'** କୁହାଯାଏ । ଅର୍ଥାତ୍ ମିଥ୍ୟାଭାଷଣର ନାମ **'ନିନ୍ଦା'** ଓ ସତ୍ୟଭାଷଣର ନାମ **'ସ୍ତୁତି'** ।

**ବୁଦ୍ଧିବୃଦ୍ଧିକରଣ୍ୟାଶୁ ଧନ୍ୟାନି ଚ ହିତାନି ଚ ।**
**ନିତ୍ୟଂ ଶାସ୍ତ୍ରାଣ୍ୟବେକ୍ଷେତ ନିଗମାଂଶ୍ଚୈବ ବୈଦିକାନ୍ ॥ ୧ ॥**
**ଯଥା ଯଥା ହି ପୁରୁଷଃ ଶାସ୍ତ୍ରଂ ସମଧିଗଚ୍ଛତି ।**
**ତଥା ତଥା ବିଜାନାତି ବିଜ୍ଞାନଂ ଚାସ୍ୟ ରୋଚତେ ॥ ୨ ॥** (ମନୁ. ୪:୧୯,୨୦)

ବେଦ-ଶାସ୍ତ୍ର ବୁଦ୍ଧି, ଧନ ଓ କଲ୍ୟାଣର ଶୀଘ୍ର ବର୍ଦ୍ଧନକାରୀ ଅଟନ୍ତି । ଏଣୁ ସେସବୁ ପ୍ରତ୍ୟହ ପଢ଼ିବେ-ପଢ଼ାଇବେ ଓ ଶୁଣିବେ-ଶୁଣାଇବେ । ବ୍ରହ୍ମଚର୍ଯ୍ୟାଶ୍ରମରେ ଯେଉଁ ବେଦ-ଶାସ୍ତ୍ରର ଅଧ୍ୟୟନ କରିଛନ୍ତି, ଗୃହସ୍ଥାଶ୍ରମରେ ପତି-ପତ୍ନୀ ସେ ସବୁ ବିଷୟରେ ଚିନ୍ତନ-ମନନ, ବିଚାର-ଆଲୋଚନା କରିବେ ॥ ୧ ॥

କାରଣ ମନୁଷ୍ୟ କୌଣସି ଶାସ୍ତ୍ରକୁ ଯେତେ-ଯେତେ ଉତ୍ତମ ରୂପେ ହୃଦୟଙ୍ଗମ କରେ, ସେ ବିଷୟରେ ତା' ଜ୍ଞାନ ସେତିକି-ସେତିକି ବୃଦ୍ଧି ପାଇଚାଲେ ଏବଂ ସେଥିପ୍ରତି ତା'ର ରୁଚି ଓ ଶ୍ରଦ୍ଧା ବି ସେତିକି ବଢ଼ିଚାଲେ ॥ ୨ ॥

## ପଞ୍ଚମହାଯଜ୍ଞ

**ଋଷିୟଜ୍ଞଂ ଦେବୟଜ୍ଞଂ ଭୂତୟଜ୍ଞଂ ଚ ସର୍ବଦା ।**
**ନୃୟଜ୍ଞଂ ପିତୃୟଜ୍ଞଂ ଚ ୟଥାଶକ୍ତି ନ ହାପୟେତ୍ ॥ ୧ ॥** (ମନୁ. ୪:୨୧)
**ଅଧ୍ୟାପନଂ ବ୍ରହ୍ମୟଜ୍ଞଃ ପିତୃୟଜ୍ଞସ୍ତୁ ତର୍ପଣମ୍ ।**
**ହୋମୋ ଦୈବୋ ବଲିର୍ଭୌତୋ ନୃୟଜ୍ଞୋଽତିଥିପୂଜନମ୍ ॥ ୨ ॥** (ମନୁ. ୩:୭୦)
**ସ୍ୱାଧ୍ୟାୟେନାର୍ଚ୍ଚୟେତର୍ଷୀନ୍ ହୋମୈର୍ଦେବାନ୍ ୟଥାବିଧି ।**
**ପିତୄନ୍ ଶ୍ରାଦ୍ଧୈଶ୍ଚ ନୄନନ୍ନୈର୍ଭୂତାନି ବଲିକର୍ମଣା ॥ ୩ ॥** (ମନୁ. ୩:୮୧)

ଋଷିଯଜ୍ଞ, ଦେବଯଜ୍ଞ, ଭୂତଯଜ୍ଞ, ନୃଯଜ୍ଞ ଓ ପିତୃଯଜ୍ଞ - ଏ ପାଞ୍ଚୋଟି ଯଜ୍ଞକୁ ଯଥାଶକ୍ତି କଦାପି ପରିତ୍ୟାଗ କରିବେ ନାହିଁ ॥ ୧ ॥

ବ୍ରହ୍ମଚର୍ଯ୍ୟ ବିଷୟକ ଆଲୋଚନାରେ ଦୁଇଟି ଯଜ୍ଞ ସଂପର୍କରେ ଲେଖାଯାଇଛି **- ୧. ଋଷିଯଜ୍ଞ ବା ବ୍ରହ୍ମଯଜ୍ଞ —** ବେଦାଦି ଶାସ୍ତ୍ରର ପଠନ-ପାଠନ, ସନ୍ଧ୍ୟୋପାସନା ଓ ଯୋଗାଭ୍ୟାସ । **୨. ଦେବଯଜ୍ଞ —** ଅଗ୍ନିହୋତ୍ର, ବିଦ୍ୱାନଙ୍କ ସଙ୍ଗ, ସେବା, ପବିତ୍ରତା, ଦିବ୍ୟଗୁଣ ଧାରଣ, ଦାନଶୀଳତା, ବିଦ୍ୟାର ଉନ୍ନତି ସାଧନ । ଏ ଦୁଇ ଯଜ୍ଞ ପ୍ରାତଃ ଓ ସାୟଂ ଉଭୟ କାଳରେ କରିବା ଉଚିତ ।

**ସାୟଂସାୟଂ ଗୃହପତିର୍ନୋ ଅଗ୍ନିଃ ପ୍ରାତଃ ପ୍ରାତଃ ସୌମନସସ୍ୟ ଦାତା ॥ ୧ ॥**
**ପ୍ରାତଃ ପ୍ରାତର୍ଗୃହପତିର୍ନୋ ଅଗ୍ନିଃ ସାୟଂସାୟଂ ସୌମନସସ୍ୟ ଦାତା ॥ ୨ ॥** (ଅଥର୍ବ. ୧୯:୫୫:୩,୪)
**ତସ୍ମାଦହୋରାତ୍ରସ୍ୟ ସଂୟୋଗେ ବ୍ରାହ୍ମଣଃ ସନ୍ଧ୍ୟାମୁପାସୀତ ।**
**ଉଦ୍ୟନ୍ତମସ୍ତଂ ୟାନ୍ତମାଦିତ୍ୟମଭିଧ୍ୟାୟନ୍ ॥ ୩ ॥** (ଷଡ଼ବିଂଶ. ବ୍ରା. ୪:୫, ତୈ.ଆ. ୨:୨)
**ନ ତିଷ୍ଠତି ତୁ ୟଃ ପୂର୍ବାଂ ନୋପାସ୍ତେ ୟସ୍ତୁ ପଶ୍ଚିମାମ୍ ।**
**ସ ସାଧୁଭିର୍ବହିଷ୍କାର୍ୟଃ ସର୍ବସ୍ମାଦ୍ ଦ୍ୱିଜକର୍ମଣଃ ॥ ୪ ॥** (ମନୁ. ୨.୧୦୩)

ପ୍ରତିଦିନ ସାୟଂ କାଳରେ ଯେଉଁ ହୋମ କରାଯାଏ ସେ ହୋମରେ ପ୍ରଯୁକ୍ତ ଘୃତ ଓ ଅନ୍ୟାନ୍ୟ ହୁତ ଦ୍ରବ୍ୟ ଦ୍ୱାରା ପ୍ରାତଃକାଳ ପର୍ଯ୍ୟନ୍ତ ବାୟୁମଣ୍ଡଳ ଶୁଦ୍ଧ ରହେ ଓ ସୁଖଦାୟକ ହୋଇଥାଏ ॥ ୧ ॥

ପ୍ରତ୍ୟହ ପ୍ରାତଃକାଳରେ ଯେଉଁ ମିଷ୍ଟ, ପୌଷ୍ଟିକ, ସୁଗନ୍ଧିତ ଓ ରୋଗନାଶକ ପଦାର୍ଥ ଦ୍ୱାରା ହୋମ କରାଯାଏ, ସେ ହୁତ ଦ୍ରବ୍ୟଗୁଡ଼ିକ ସାୟଂକାଳ ପର୍ଯ୍ୟନ୍ତ ବାୟୁ ଶୁଦ୍ଧ ରଖିବା ଦ୍ୱାରା ବଳ, ବୁଦ୍ଧି ଓ ଆରୋଗ୍ୟଦାୟକ ହୋଇଥାନ୍ତି ॥ ୨ ॥

ଏଣୁ ଦିନ ଓ ରାତିର ସନ୍ଧି ସମୟରେ ଅର୍ଥାତ୍ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସମୟରେ ପରମେଶ୍ୱରଙ୍କ ଧ୍ୟାନ ଓ

ଅଗ୍ନିହୋତ୍ର ଅବଶ୍ୟ କରିବା ଉଚିତ ॥ ୩ ॥

ଯିଏ ଈଶ୍ୱରଙ୍କ ଉପାସନା ଓ ଅଗ୍ନିହୋତ୍ର - ଏ ଦୁଇ କାମ ପ୍ରାତଃ ଓ ସାୟଂକାଳରେ ନ କରେ, ତାକୁ ଶୂଦ୍ର ବୋଲି ଜାଣିବା ଉଚିତ ଏବଂ ସଜ୍ଜନମାନେ ତାକୁ ସମସ୍ତ ଦ୍ୱିଜ କର୍ମରୁ ବହିଷ୍କାର କରିବା ଉଚିତ ॥ ୪ ॥

**ପ୍ରଶ୍ନ —** ତ୍ରିକାଳ ସନ୍ଧ୍ୟା ଅର୍ଥାତ୍ ପ୍ରାତଃ, ମଧ୍ୟାହ୍ନ ଓ ସାୟଂ ଏ ତ୍ରିକାଳରେ ସନ୍ଧ୍ୟୋପାସନା କାହିଁକି କରାନଯିବ ?

**ଉତ୍ତର —** ଆଲୋକ ଓ ଅନ୍ଧାରର ସନ୍ଧି ସମୟରେ ସନ୍ଧ୍ୟୋପାସନା କରାଯାଏ । ଆଲୋକ ଓ ଅନ୍ଧାରର ସନ୍ଧି ଦିନରେ ଦୁଇ ଥର ହିଁ ହୁଏ । ଥରେ ପ୍ରାତଃକାଳରେ, ଯେତେବେଳେ କି ରାତି ଯାଉଥାଏ ଓ ଦିନ ଆସୁଥାଏ ଏବଂ ଆଉଥରେ ସାୟଂକାଳରେ ଯେତେବେଳେ ଦିନ ଯାଉଥାଏ ଓ ରାତି ଆସୁଥାଏ । ଏଣୁ ପ୍ରାତଃ ଓ ସାୟଂ ଏ ଦୁଇ କାଳରେ ହିଁ ସନ୍ଧ୍ୟା କରାଯାଏ । ପ୍ରକାଶ ଓ ଅନ୍ଧକାରର ସନ୍ଧି ଦିନରେ ତିନି ଥର ହୁଏ ନାହିଁ । ଏଣୁ ସନ୍ଧ୍ୟା ତିନି ଥର କରାଯିବା ଉଚିତ ନୁହେଁ । ଯିଏ ଏହାକୁ ନ ମାନି ମଧ୍ୟାହ୍ନରେ ତୃତୀୟ ସନ୍ଧ୍ୟା କରାଯିବା ଆବଶ୍ୟକ ବୋଲି ମାନନ୍ତି, ସେ ମଧ୍ୟରାତ୍ରରେ ବି ସନ୍ଧ୍ୟୋପାସନା କାହିଁକି କରୁନାହାନ୍ତି ? ଯଦି କେହି କହେ ଯେ ମଧ୍ୟରାତ୍ରରେ ବି ସନ୍ଧ୍ୟା କରାଯିବା ଦରକାର, ତେବେ ପ୍ରତି ପ୍ରହର-ପ୍ରହର, ଘଣ୍ଟା-ଘଣ୍ଟା, ପଳ-ପଳ ଓ କ୍ଷଣ-କ୍ଷଣ ମଧ୍ୟରେ ବି ସନ୍ଧି ହେଉଥିବାରୁ ସେ ସନ୍ଧି ସମୟରେ ବି ସନ୍ଧ୍ୟୋପାସନା କରିବା ଦରକାର । ଯଦି ଏପରି ବି କେହି କରିବାକୁ ଚାହେଁ, ତେବେ ସେ ତାହା କଦାପି କରିପାରିବ ନାହିଁ । ଦ୍ୱିତୀୟତଃ କୌଣସି ପ୍ରାମାଣିକ ଶାସ୍ତ୍ରରେ ମଧ୍ୟାହ୍ନ ସନ୍ଧ୍ୟାର ପ୍ରମାଣ ବି ନାହିଁ । ଅତଏବ ପ୍ରାତଃ ଓ ସାୟଂ ଏ ଦୁଇ କାଳରେ ହିଁ ସନ୍ଧ୍ୟୋପାସନା ଓ ଅଗ୍ନିହୋତ୍ର କରିବା ଯଥାର୍ଥ, ଅନ୍ୟ କୌଣସି ତୃତୀୟ କାଳରେ ନୁହେଁ । ତ୍ରିକାଳ ବୋଲି ଯାହା କୁହାଯାଉଛି ତାହା ସନ୍ଧ୍ୟା ସମ୍ବନ୍ଧରେ କୁହାଯାଇନାହିଁ । ଭୂତ, ବର୍ତ୍ତମାନ ଓ ଭବିଷ୍ୟତ ଭେଦରେ ସମୟର ବିଭାଜନକୁ ତ୍ରିକାଳ କୁହାଯାଏ ।

**୩. ପିତୃଯଜ୍ଞ —** ଦେବ ଅର୍ଥାତ୍ ବିଦ୍ୱାନ୍, ଋଷି ଅର୍ଥାତ୍ ତତ୍ତ୍ୱଦର୍ଶୀ ଅଧ୍ୟୟନ-ଅଧ୍ୟାପନାକାରୀ, ପିତର ଅର୍ଥାତ୍ ମାତା-ପିତା ଆଦି ବୃଦ୍ଧ, ଜ୍ଞାନୀ ଓ ପରମଯୋଗୀଙ୍କ ସେବା କରିବା ପିତୃଯଜ୍ଞ ଅଟେ । ପିତୃଯଜ୍ଞ ଦୁଇ ଭାଗରେ ବିଭକ୍ତ - **'ଶ୍ରାଦ୍ଧ'** ଓ **'ତର୍ପଣ'** । **ଶ୍ରାଦ୍ଧ — 'ଶ୍ରତ୍'** ର ଅର୍ଥ ସତ୍ୟ । **'ଶ୍ରତ୍ ସତ୍ୟଂ ଦଧାତି ୟୟା କ୍ରିୟୟା ସା ଶ୍ରଦ୍ଧା, ଶ୍ରଦ୍ଧୟା ୟତ୍କ୍ରିୟତେ ତଚ୍ଛ୍ରାଦ୍ଧମ୍' —** ଯେଉଁ କ୍ରିୟା ଦ୍ୱାରା ସତ୍ୟକୁ ଗ୍ରହଣ କରାଯାଏ ତାହାକୁ ଶ୍ରଦ୍ଧା କହନ୍ତି । ଶ୍ରଦ୍ଧା ପୂର୍ବକ ଯେଉଁ ସେବା ରୂପକ କର୍ମ କରାଯାଏ ତାହା **'ଶ୍ରାଦ୍ଧ'** । **ତର୍ପଣ — 'ତୃପ୍ୟନ୍ତି ତର୍ପୟନ୍ତି ୟେନ ପିତୃ୍ନ୍ ତତ୍ତର୍ପଣମ୍' —** ଯେଉଁ କର୍ମ ଦ୍ୱାରା ଜୀବିତ ମାତା-ପିତାଦି ପିତର ତୃପ୍ତ ବା ପ୍ରସନ୍ନ ହୁଅନ୍ତି ତଥା ଯେଉଁ କର୍ମ ଦ୍ୱାରା ମାତାପିତା ଆଦି ପିତୃଗଣଙ୍କୁ ତୃପ୍ତ ବା ପ୍ରସନ୍ନ କରାଯାଏ, ତାହାର ନାମ **'ତର୍ପଣ'** । ଏଠାରେ ଧ୍ୟାନ ଦେବା ଉଚିତ ଯେ ଜୀବିତ ମାତା-ପିତାଙ୍କୁ ହିଁ ଭୋଜନାଦି ଦ୍ୱାରା ସତ୍କାର ସମ୍ଭବ । ମୃତ ବ୍ୟକ୍ତିଙ୍କ ସତ୍କାର ସମ୍ଭବ ନୁହେଁ । ଏଣୁ **ତର୍ପଣ ଜୀବିତଙ୍କ ପାଇଁ ହିଁ ଉଦ୍ଦିଷ୍ଟ, ମୃତ ବ୍ୟକ୍ତିମାନଙ୍କ ପାଇଁ ନୁହେଁ ।**

## ଅଥ ଦେବତର୍ପଣମ୍

**ଓ୩ମ୍ ବ୍ରହ୍ମାଦୟୋ ଦେବାସ୍ତୃପ୍ୟନ୍ତାମ୍ । ବ୍ରହ୍ମାଦିଦେବପତ୍ନ୍ୟସ୍ତୃପ୍ୟନ୍ତାମ୍ । ବ୍ରହ୍ମାଦି-ଦେବସୁତାସ୍ତୃପ୍ୟନ୍ତାମ୍ । ବ୍ରହ୍ମାଦିଦେବଗଣାସ୍ତୃପ୍ୟନ୍ତାମ୍ ॥ ଇତି ଦେବତର୍ପଣମ୍ ॥**

(ପାରସ୍କର ଓ ଆଶ୍ୱଲାୟନ ଗୃହ୍ୟସୂତ୍ର)

**'ବିଦ୍ୱାଂସୋ ହି ଦେବାଃ'** (ଶତପଥ. ୩:୫:୬:୧୦) । ବିଦ୍ୱାନଙ୍କୁ **'ଦେବ'** କହନ୍ତି । ସାଙ୍ଗୋପାଙ୍ଗ ଚାରିବେଦର

ଜ୍ଞାତାଙ୍କୁ **'ବ୍ରହ୍ମା'** ଏବଂ ତାଙ୍କଠୁ କମ୍ ପଢ଼ିଥିବା ଓ ଜାଣିଥିବା ବ୍ୟକ୍ତିଙ୍କୁ **'ଦେବ'** ବା ବିଦ୍ୱାନ୍ କୁହାଯାଏ । ବ୍ରହ୍ମାଙ୍କ ସଦୃଶ ବିଦୁଷୀ ତାଙ୍କ ସ୍ତ୍ରୀଙ୍କୁ **'ବ୍ରହ୍ମାଣୀ'** ଏବଂ ଦେବଙ୍କ ସଦୃଶ ବିଦୁଷୀ ତାଙ୍କ ସ୍ତ୍ରୀଙ୍କୁ **'ଦେବୀ'** କୁହାଯାଏ । ଏମାନଙ୍କୁ ତଥା ଏମାନଙ୍କ ତୁଲ୍ୟ ଏମାନଙ୍କ ପୁତ୍ର ଓ ଶିଷ୍ୟ ଏବଂ ଏମାନଙ୍କ ଭଳି ଥିବା ଏମାନଙ୍କ ଗଣ ଅର୍ଥାତ୍ ସେବକମାନଙ୍କୁ ସେବା ଓ ସତ୍କାର କରିବାର ନାମ **'ଶ୍ରାଦ୍ଧ'** ଓ **'ତର୍ପଣ'** ।

## ଅଥର୍ଷିତର୍ପଣମ୍

**ଓଂ ମରୀଚ୍ୟାଦୟ ଋଷୟସ୍ତୃପ୍ୟନ୍ତାମ୍ । ମରୀଚ୍ୟାଦ୍ୟୃଷିପତ୍ନ୍ୟସ୍ତୃପ୍ୟନ୍ତାମ୍ । ମରୀଚ୍ୟାଦ୍ୟୃଷିସୁତାସ୍ତୃପ୍ୟନ୍ତାମ୍ । ମରୀଚ୍ୟାଦ୍ୟୃଷିଗଣାସ୍ତୃପ୍ୟନ୍ତାମ୍ ॥ ଇତି ଋଷିତର୍ପଣମ୍ ॥**

ବ୍ରହ୍ମାଙ୍କ ପ୍ରପୌତ୍ର ମରୀଚିଙ୍କ ପରି ବିଦ୍ୱାନ୍ ହୋଇ ଯେଉଁମାନେ ଲୋକଙ୍କୁ ଶିକ୍ଷା ଦିଅନ୍ତି, ମରୀଚିଙ୍କ ପତ୍ନୀଙ୍କ ଭଳି ବିଦୁଷୀ ହୋଇ ଯେଉଁ ମହିଳାମାନେ ବାଳିକାମାନଙ୍କୁ ବିଦ୍ୟାଦାନ କରନ୍ତି, ସେମାନଙ୍କ ସମ ବିଦ୍ୱାନ୍ ସେମାନଙ୍କ ସନ୍ତାନ, ଶିଷ୍ୟ, ସହକାରୀ ଓ ସେବକ ଥାଆନ୍ତି, ସେମାନଙ୍କ ସେବା ଓ ସତ୍କାର କରିବା **'ଋଷିତର୍ପଣ'** ଅଟେ ।

## ଅଥ ପିତୃତର୍ପଣମ୍

**ଓ୩ମ୍ ସୋମସଦଃ ପିତରସ୍ତୃପ୍ୟନ୍ତାମ୍ । ଅଗ୍ନିଷ୍ୱାତ୍ତାଃ ପିତରସ୍ତୃପ୍ୟନ୍ତାମ୍ । ବର୍ହିଷଦଃ ପିତରସ୍ତୃପ୍ୟନ୍ତାମ୍ । ସୋମପାଃ ପିତରସ୍ତୃପ୍ୟନ୍ତାମ୍ । ହବିର୍ଭୁଜଃ ପିତରସ୍ତୃପ୍ୟନ୍ତାମ୍ । ଆଜ୍ୟପାଃ ପିତରସ୍ତୃପ୍ୟନ୍ତାମ୍ । ସୁକାଲିନଃ ପିତରସ୍ତୃପ୍ୟନ୍ତାମ୍ । ଯମାଦିଭ୍ୟୋ ନମଃ, ଯମାଦୀଂସ୍ତର୍ପୟାମି । ପିତ୍ରେ ସ୍ୱଧା ନମଃ, ପିତରଂ ତର୍ପୟାମି । ପିତାମହାୟ ସ୍ୱଧା ନମଃ, ପିତାମହଂ ତର୍ପୟାମି । ପ୍ରପିତାମହାୟ ସ୍ୱଧା ନମଃ, ପ୍ରପିତାମହଂ ତର୍ପୟାମି । ମାତ୍ରେ ସ୍ୱଧା ନମୋ, ମାତରଂ ତର୍ପୟାମି । ପିତାମହ୍ୟୈ ସ୍ୱଧା ନମଃ, ପିତାମହୀଂ ତର୍ପୟାମି । ପ୍ରପିତାମହ୍ୟୈ ସ୍ୱଧା ନମଃ, ପ୍ରପିତାମହୀଂ ତର୍ପୟାମି । ସ୍ୱପତ୍ନ୍ୟୈ ସ୍ୱଧା ନମଃ, ସ୍ୱପତ୍ନୀଂ ତର୍ପୟାମି । ସମ୍ବନ୍ଧିଭ୍ୟଃ ସ୍ୱଧା ନମଃ, ସମ୍ବନ୍ଧୀନସ୍ତର୍ପୟାମି । ସଗୋତ୍ରେଭ୍ୟଃ ସ୍ୱଧା ନମଃ, ସଗୋତ୍ରାଁସ୍ତର୍ପୟାମି ॥ ଇତି ପିତୃତର୍ପଣମ୍ ॥** (ଯଜୁଃ. ଅ.୧୯, ମନୁ. ଅ.୩)

**(ସୋମସଦଃ.) 'ଯେ ସୋମେ ଜଗଦୀଶ୍ୱରେ ପଦାର୍ଥବିଦ୍ୟାୟାଂ ଚ ସୀଦନ୍ତି ତେ ସୋମସଦଃ'—** ଯେଉଁମାନେ ପରମାତ୍ମା ଓ ପଦାର୍ଥବିଦ୍ୟା ବିଷୟରେ ନିପୁଣ ସେମାନେ **'ସୋମସଦ୍'** । **'ଯୈରଗ୍ନେର୍ବିଦ୍ୟୁତୋ ବିଦ୍ୟା ଗୃହୀତା ତେ ଅଗ୍ନିଷ୍ୱାତ୍ତାଃ'** — ଯେଉଁମାନେ ଅଗ୍ନି ଅର୍ଥାତ୍ ବିଦ୍ୟୁତ୍ ଆଦି ପଦାର୍ଥଗୁଡ଼ିକର ଜ୍ଞାତା ସେମାନେ **'ଅଗ୍ନିଷ୍ୱାତ୍ତ'** । **'ଯେ ବର୍ହିଷି ଉତ୍ତମେ ବ୍ୟବହାରେ ସୀଦନ୍ତି ତେ ବର୍ହିଷଦଃ'** — ଯେଉଁମାନେ ଉତ୍ତମ ବିଦ୍ୟାର ଅଭିବୃଦ୍ଧି କର୍ମରେ ସଂଲଗ୍ନ ଥାଆନ୍ତି ସେମାନେ **'ବର୍ହିଷଦ୍'** । **'ଯେ ସୋମମୈଶ୍ୱର୍ୟମୋଷଧୀରସଂ ବା ପାନ୍ତି ପିବନ୍ତି ବା ତେ ସୋମପାଃ'** — ଯେଉଁମାନେ ଐଶ୍ୱର୍ଯ୍ୟର ରକ୍ଷକ ଓ ମହୌଷଧି ରସ ପାନ କରି ସ୍ୱୟଂ ରୋଗରହିତ ଏବଂ ଅନ୍ୟର ଐଶ୍ୱର୍ଯ୍ୟରକ୍ଷକ ତଥା ଔଷଧ ପ୍ରଦାନ କରି ଅନ୍ୟକୁ ରୋଗମୁକ୍ତ କରନ୍ତି ସେମାନେ **'ସୋମପା'** । **'ଯେ ହବିର୍ହୋତୁମତ୍ତୁମର୍ହଂ ଭୁଞ୍ଜତେ ଭୋଜୟନ୍ତି ବା ତେ ହବିର୍ଭୁଜଃ'** — ଯେଉଁମାନେ ମାଦକଦ୍ରବ୍ୟ ଓ ହିଂସାକାରକ ପଦାର୍ଥ ପରିତ୍ୟାଗ କରି ଅଗ୍ନିହୋତ୍ର ଦ୍ୱାରା ଅନ୍ନ-ଜଳ ଆଦି ଶୁଦ୍ଧ କରି ଭୋଜନ କରନ୍ତି ସେମାନେ **'ହବିର୍ଭୁଜ'** । **'ଯ ଆଜ୍ୟଂ ଜ୍ଞାତୁଂ ପ୍ରାପ୍ତୁଂ ବା ଯୋଗ୍ୟଂ ରକ୍ଷନ୍ତି ବା ପିବନ୍ତି ତେ ଆଜ୍ୟପାଃ'**— ଯେଉଁମାନେ ଜ୍ଞାତବ୍ୟ ବସ୍ତୁର ରକ୍ଷକ ଓ ଘୃତ-ଦୁଗ୍ଧାଦି ଭୋଜନ-ପାନ କରନ୍ତି ସେମାନେ **'ଆଜ୍ୟପା'** । **'ଶୋଭନଃ କାଲୋ ବିଦ୍ୟତେ ଯେଷାଂ ତେ ସୁକାଲିନଃ'** —

ଉତ୍ତମ ରୂପେ ଧର୍ମାଚରଣରେ ଯେଉଁମାନେ ସମୟର ସଦୁପଯୋଗ କରି ସୁଖରେ କାଳାତିପାତ କରନ୍ତି ସେମାନେ **'ସୁକାଳୀ'(ସୁକାଳିନ୍)** । **'ଯେ ଦୁଷ୍ଟାନ୍ ଯଚ୍ଛନ୍ତି ନିଗୃହ୍ଣନ୍ତି ତେ ଯମା ନ୍ୟାୟାଧୀଶାଃ'** — ଯେଉଁମାନେ ଦୁଷ୍ଟଙ୍କ ଦଣ୍ଡଦାତା ଓ ସଜ୍ଜନଙ୍କ ପାଳନକର୍ତ୍ତା ନ୍ୟାୟାଧୀଶ ଅଟନ୍ତି ସେମାନେ **'ଯମ'** । **'ଯଃ ପାତି ସ ପିତା'** — ଯିଏ ଅନ୍ନ ଓ ସତ୍କାର ଦ୍ୱାରା ସନ୍ତାନଙ୍କୁ ପାଳନ ଓ ରକ୍ଷା କରନ୍ତି, ସନ୍ତାନଙ୍କ ଜନ୍ମଦାତା ସେ **'ପିତା'** । **'ପିତୁଃ ପିତା ପିତାମହଃ, ପିତାମହସ୍ୟ ପିତା ପ୍ରପିତାମହଃ'** — ଯିଏ ପିତାଙ୍କର ପିତା ସେ **'ପିତାମହ'** ଓ ଯିଏ ପିତାମହଙ୍କ ପିତା ସେ **'ପ୍ରପିତାମହ'** । **'ୟା ମାନୟତି ସା ମାତା'**— ଯିଏ ଅନ୍ନ ଓ ସ୍ନେହ ଆଦି ଦ୍ୱାରା ସନ୍ତାନଙ୍କୁ ଲାଳନ-ପାଳନ କରେ ସେ **'ମାତା'** । **'ୟା ପିତୁର୍ମାତା ସା ପିତାମହୀ, ପିତାମହସ୍ୟ ଚ ମାତା ପ୍ରପିତାମହୀ'** — ଯିଏ ପିତାଙ୍କ ମାତା ସେ **'ପିତାମହୀ'** ଏବଂ ଯିଏ ପିତାମହଙ୍କ ମାତା ସେ **'ପ୍ରପିତାମହୀ'** । ଏମାନଙ୍କୁ ତଥା ନିଜ ସ୍ତ୍ରୀ, ଭଉଣୀ, ସମ୍ବନ୍ଧୀ, ଜ୍ଞାତିକୁଟୁମ୍ବ, ଅନ୍ୟ ଯେଉଁ ଭଦ୍ରବ୍ୟକ୍ତି ଓ ବୃଦ୍ଧବ୍ୟକ୍ତି ଥିବେ ସେ ସମସ୍ତଙ୍କୁ ଅତ୍ୟନ୍ତ ଶ୍ରଦ୍ଧା ସହକାରେ ଯଥାଶକ୍ତି ଉତ୍ତମ ଅନ୍ନ, ବସ୍ତ୍ର, ସୁନ୍ଦର ଯାନ ଆଦି ଦେଇ ଉତ୍ତମ ରୂପେ ତୃପ୍ତ କରିବା ଅର୍ଥାତ୍ ଯେଉଁ କର୍ମଦ୍ୱାରା ସେମାନଙ୍କ ଆତ୍ମା ତୃପ୍ତ ହୁଏ ଓ ଶରୀର ସୁସ୍ଥ ରହେ, ସେସବୁ କର୍ମ ଦ୍ୱାରା ପ୍ରୀତିପୂର୍ବକ ସେମାନଙ୍କ ସେବା କରିବାକୁ **'ଶ୍ରାଦ୍ଧ'** ଓ **'ତର୍ପଣ'** କୁହାଯାଏ ।

**୪. ବୈଶ୍ୱଦେବ ଯଜ୍ଞ** — ଖାଦ୍ୟ ରୋଷେଇ ହେବା ପରେ ରନ୍ଧା ଯାଇଥିବା ଖାଦ୍ୟ ମଧ୍ୟରୁ ଖଟା, ଲବଣ ଓ କ୍ଷାରଯୁକ୍ତ ଅନ୍ନ-ବ୍ୟଞ୍ଜନାଦି ଛାଡ଼ି ଘୃତ-ମିଷ୍ଟଯୁକ୍ତ ଅନ୍ନ ନେଇ ଚୁଲିରୁ ନିଆଁ ବାହାର କରି ସେ ଅଗ୍ନିରେ ସେହି ଘୃତ-ମିଷ୍ଟଯୁକ୍ତ ଅନ୍ନ ନିମ୍ନଲିଖିତ ମନ୍ତ୍ର ପାଠକରି ଆହୁତି ଦେବେ ।

**ବୈଶ୍ୱଦେବସ୍ୟ ସିଦ୍ଧସ୍ୟ ଗୃହ୍ୟେଽଗ୍ନୌ ବିଧିପୂର୍ବକମ୍ ।**
**ଆଭ୍ୟଃ କୁର୍ଯ୍ୟାଦ୍ଦେବତାଭ୍ୟୋ ବ୍ରାହ୍ମଣୋ ହୋମମନ୍ୱହମ୍ ।।** (ମନୁ. ୩:୮୪)

ଭୋଜନ ନିମନ୍ତେ ପାକଶାଳାରେ ଯାହା କିଛି ରନ୍ଧାଯାଇଥିବ ତହିଁରେ ଦିବ୍ୟ ଗୁଣ ଉତ୍ପନ୍ନ କରିବା ପାଇଁ ସେହି ପାକାଗ୍ନିରେ ନିମ୍ନଲିଖିତ ମନ୍ତ୍ରରେ ପ୍ରତିଦିନ ବିଧିପୂର୍ବକ ହୋମ କରିବେ । **ଏହି ବଳିବୈଶ୍ୱଦେବ ହୋମ ନିମନ୍ତେ ମନ୍ତ୍ର ହେଲା** —

**ଓଓମ୍ ଅଗ୍ନୟେ ସ୍ୱାହା । ସୋମାୟ ସ୍ୱାହା । ଅଗ୍ନୀଷୋମାଭ୍ୟାଂ ସ୍ୱାହା । ବିଶ୍ୱେଭ୍ୟୋ ଦେବେଭ୍ୟଃ ସ୍ୱାହା । ଧନ୍ୱନ୍ତରୟେ ସ୍ୱାହା । କୁହ୍ୱୈ ସ୍ୱାହା । ଅନୁମତ୍ୟୈ ସ୍ୱାହା । ପ୍ରଜାପତୟେ ସ୍ୱାହା । ସହ ଦ୍ୟାବାପୃଥିବୀଭ୍ୟାଂ ସ୍ୱାହା । ସ୍ୱିଷ୍ଟକୃତେ ସ୍ୱାହା ।।** (ମନୁ. ୩:୮୫, ୮୬ ଆଧାରରେ)

ଏହି ଦଶଟି ମନ୍ତ୍ରରୁ ପ୍ରତ୍ୟେକ ମନ୍ତ୍ର ପଢ଼ି ପ୍ରଜ୍ୱଳିତ ଅଗ୍ନିରେ ଗୋଟିଏ ଲେଖାଏଁ କରି ଏପରି ଭାବେ ଦଶଟି ଆହୁତି ଦେବେ । ତା'ପରେ ଏକ ଥାଳିରେ କିମ୍ବା ଭୂମିରେ ପତ୍ର ରଖି ସେଥିରେ ପୂର୍ବ ଆଦି ଦିଗ କ୍ରମରେ ଭାଗ-ଭାଗ କରି ଘୃତ-ମିଷ୍ଟଯୁକ୍ତ ଅନ୍ନ ନିମ୍ନଲିଖିତ ମନ୍ତ୍ର ପଢ଼ି ରଖିବେ ।

**ଓଂ ସାନୁଗାୟେନ୍ଦ୍ରାୟ ନମଃ । ସାନୁଗାୟ ଯମାୟ ନମଃ । ସାନୁଗାୟ ବରୁଣାୟ ନମଃ । ସାନୁଗାୟ ସୋମାୟ ନମଃ । ମରୁଦ୍ଭ୍ୟୋ ନମଃ । ଅଦ୍ଭ୍ୟୋ ନମଃ । ବନସ୍ପତିଭ୍ୟୋ ନମଃ । ଶ୍ରିୟୈ ନମଃ । ଭଦ୍ରକାଲ୍ୟୈ ନମଃ । ବ୍ରହ୍ମପତୟେ ନମଃ । ବାସ୍ତୁପତୟେ ନମଃ । ବିଶ୍ୱେଭ୍ୟୋ ଦେବେଭ୍ୟୋ ନମଃ । ଦିବାଚରେଭ୍ୟୋ ଭୂତେଭ୍ୟୋ ନମଃ । ନକ୍ତଞ୍ଚାରିଭ୍ୟୋ ଭୂତେଭ୍ୟୋ ନମଃ ।**

**ସର୍ବାତ୍ମଭୂତୟେ ନମଃ ॥** (ମନୁ. ୩:୮୭-୯୧ ଆଧାରରେ)

ପ୍ରତ୍ୟେକ ମନ୍ତ୍ରରେ ଗୋଟିଏ ଲେଖାଏଁ କରି ଏପରି ପନ୍ଦର ଭାଗ ରଖିବେ । ଯଦି କୌଣସି ଅତିଥି ଥାଆନ୍ତି ତେବେ ଏ ସବୁ ଭାଗ ତାଙ୍କୁ ଖାଇବାକୁ ଦେବେ । ଅତିଥି ନ ଥିଲେ ଏସବୁ ଭାଗ ଅଗ୍ନିରେ ନିକ୍ଷେପ କରିବେ । ତା' ପରେ ଲବଣାନ୍ନ ଅର୍ଥାତ୍ ଭାତ, ରୁଟି, ଡାଲି, ତରକାରି ଆଦି ନିମ୍ନୋକ୍ତ ମନ୍ତ୍ରରେ ଛଅ ଭାଗ କୌଣସି ଥାଳି ବା ପତ୍ରରେ ରଖିବେ । ଏ ସମ୍ପର୍କରେ ମନୁସ୍ମୃତିରେ କୁହାଯାଇଛି —

**ଶୁନାଂ ଚ ପତିତାନାଂ ଚ ଶ୍ୱପଚାଂ ପାପରୋଗିଣାମ୍ ।**
**ବାୟସାନାଂ କୃମୀଣାଂ ଚ ଶନକୈର୍ନିର୍ବପେଦ୍ ଭୁବି ॥** (ମନୁ. ୩:୯୨)

**'ଶ୍ୱଭ୍ୟୋ ନମଃ, ପତିତେଭ୍ୟୋ ନମଃ, ଶ୍ୱପଗ୍‌ଭ୍ୟୋ ନମଃ, ପାପରୋଗିଭ୍ୟୋ ନମଃ, ବାୟସେଭ୍ୟୋ ନମଃ, କୃମିଭ୍ୟୋ ନମଃ'—** ଏ ଛଅଟି ମନ୍ତ୍ରରେ ଛଅ ଭାଗ ରଖିବେ । ଏସବୁକୁ କୌଣସି ଦୁଃଖୀ, ବୁଭୁକ୍ଷିତ ପ୍ରାଣୀଙ୍କୁ ଅଥବା କୁଆ, କୁକୁର ଆଦିଙ୍କୁ ଦେଇଦେବେ । **ଏଠାରେ 'ନମଃ' ଶବ୍ଦର ଅର୍ଥ 'ଅନ୍ନ' । ଉପରୋକ୍ତ ମନ୍ତ୍ରର ଅର୍ଥ ହେଲା କୁକୁର, ପାପୀ, ଚଣ୍ଡାଳ, ପାପରୋଗୀ, କୁଆ ଓ କୃମି ଅର୍ଥାତ୍ ପିମ୍ପୁଡ଼ି ଆଦିଙ୍କୁ ଅନ୍ନ ଦେବା । ଏହା ମନୁସ୍ମୃତି ଆଦି ଗ୍ରନ୍ଥର ବିଧାନ । ପାକଶାଳାରେ ହବନ କରିବା ତଥା ଉପରୋକ୍ତ ମତେ ଭୋଜନ ଦେବାର ପ୍ରୟୋଜନ ହେଲା ପାକଶାଳାର ବାୟୁ ଶୁଦ୍ଧ ହେବା ଏବଂ ଯେଉଁ ଅଜ୍ଞାତ-ଅଦୃଷ୍ଟ ଜୀବଙ୍କ ହତ୍ୟା ହୋଇଯାଏ ତା' ବଦଳରେ ପ୍ରତ୍ୟୁପକାର କରିବା ।**

**୫. ଅତିଥିଯଜ୍ଞ —** ଯାହାଙ୍କର ଆସିବାରେ କୌଣସି ନିଶ୍ଚିତ ତିଥି ନ ଥାଏ, ସେଭଳି ବ୍ୟକ୍ତି ଅର୍ଥାତ୍ ଅକସ୍ମାତ୍ ଆଗତ ଧାର୍ମିକ, ସତ୍ୟୋପଦେଶକ, ସର୍ବୋପକାରୀ ବିଦ୍ୱାନ୍, ସଂସାରର କଲ୍ୟାଣ ନିମନ୍ତେ ନିରନ୍ତର ଭ୍ରମଣଶୀଳ ଯୋଗୀ, ସନ୍ନ୍ୟାସୀଙ୍କୁ ଅତିଥି କୁହାଯାଏ । ଏଭଳି ବ୍ୟକ୍ତି ଗୃହରେ ଆସି ପହଞ୍ଚିଲେ ତାଙ୍କୁ ପ୍ରଥମେ ପାଦ୍ୟ, ଅର୍ଘ୍ୟ ଓ ଆଚମନୀୟ ଅର୍ଥାତ୍ ଗୋଡ଼ ଧୋଇବା, ମୁହଁ ଧୋଇବା ଓ ପିଇବା ପାଇଁ ପାଣି ଦେବେ । ତା' ପରେ ଆଦର ପୂର୍ବକ ଆସନରେ ବସାଇ ଖଦ୍ୟ-ପେୟ ଆଦି ଉତ୍ତମୋତ୍ତମ ପଦାର୍ଥ ଦ୍ୱାରା ସେବା-ସତ୍କାର କରି ପ୍ରସନ୍ନ କରିବେ । ତତ୍‌ପଶ୍ଚାତ୍ ତାଙ୍କ ସହ ସତ୍‌ସଙ୍ଗ କରିବେ ଓ ତାଙ୍କଠୁ ଧର୍ମ, ଅର୍ଥ, କାମ, ମୋକ୍ଷଦାୟକ ଜ୍ଞାନ-ବିଜ୍ଞାନ ସମ୍ବନ୍ଧୀୟ ଉପଦେଶ ଶ୍ରବଣ କରିବେ ଓ ତାଙ୍କ ସଦୁପଦେଶ ଅନୁସାରେ ଆଚରଣ ବି କରିବେ । ସମୟ-ସମୟରେ ଗୃହସ୍ଥ ଓ ରାଜା ଆଦି ବି ଅତିଥି ରୂପେ ସତ୍କାର ଯୋଗ୍ୟ ଅଟନ୍ତି । କିନ୍ତୁ —

**ପାଷଣ୍ଡିନୋ ବିକର୍ମସ୍ଥାନ୍ ବୈଡ଼ାଲବୃତ୍ତିକାନ୍ ଶଠାନ୍ ।**
**ହୈତୁକାନ୍ ବକବୃତ୍ତୀଂଶ୍ଚ ବାଙ୍‌ମାତ୍ରେଣାପି ନାର୍ଚୟେତ୍ ॥** (ମନୁ. ୪:୩୦)

**(ପାଷଣ୍ଡୀ)** ବେଦନିନ୍ଦକ, ବେଦ-ବିରୁଦ୍ଧ ଆଚରଣକାରୀ, **(ବିକର୍ମସ୍ଥ)** ବେଦ-ବିରୁଦ୍ଧ କର୍ମର କର୍ତ୍ତା, ମିଥ୍ୟାବାଦୀ, ମିଥ୍ୟାଚାରୀ, **(ବୈଡ଼ାଲବୃତ୍ତିକ)** ବିରାଡ଼ି ଚୁପ୍-ଚାପ୍ ଛକି ରହି ମୂଷା ଆଦି ପ୍ରାଣୀଙ୍କ ଉପରେ ଅତର୍କିତ ଆକ୍ରମଣ କରି ତାଙ୍କୁ ବଧ କରି, ନିଜ ଉଦର ପୂର୍ତ୍ତି କଲା ଭଳି ଅନ୍ୟର ଅସାବଧାନତାରୁ ତା'ର ହାନି କରି ନିଜ ସ୍ୱାର୍ଥସାଧନ କରୁଥିବା ବ୍ୟକ୍ତି, **(ଶଠ)** ହଟି, ଦୁରାଗ୍ରହୀ, ଅଭିମାନୀ, ନିଜେ କିଛି ଜାଣିନଥିବା ଅଥଚ ଅନ୍ୟର ଉପଦେଶ ଶୁଣୁନଥିବା ବ୍ୟକ୍ତି, **(ହୈତୁକ)** କୁତର୍କୀ, ଅଯଥା କଥା କହୁଥିବା ଲୋକ, ଯେମିତିକା ଆଜିକାଲିର ନବୀନ ବେଦାନ୍ତୀମାନେ କହନ୍ତି- 'ଆମେ ବ୍ରହ୍ମ, ଜଗତ ମିଥ୍ୟା, ବେଦାଦି ଶାସ୍ତ୍ର ଓ ଈଶ୍ୱର ଏସବୁ କଳ୍ପିତ' ଇତ୍ୟାଦି ଗପ ମାରୁଥିବା ବ୍ୟକ୍ତି, **(ବକବୃତ୍ତି)**

ବଗ ଯେପରି ଗୋଟିଏ ଗୋଡ଼ରେ ଠିଆ ହୋଇ ଧ୍ୟାନମଗ୍ନ ତପସ୍ୱୀ ପରି ରହିଥାଏ, ସୁଯୋଗ ଦେଖି ମାଛକୁ ଚଟ୍ କରି ଧରି ତା'ର ପ୍ରାଣହରଣ କରି ସ୍ୱ ଉଦର ପୂର୍ତ୍ତି କରେ ସେହିପରି ବକବ୍ରତୀ ଥିବା ଆଜିକାଲିର ବୈରାଗୀ, ବାବାଜୀ, ମହନ୍ତ ଆଦି ନିରୀହ ଜନତାଙ୍କୁ ଭଣ୍ଡି ସ୍ୱାର୍ଥସିଦ୍ଧି କରୁଥିବା ଏପରି ବେଦନିନ୍ଦୁକ, ବେଦବିରୁଦ୍ଧ ଆଚରଣକାରୀ, କପଟୀ, ଭଣ୍ଡ, ପ୍ରବଞ୍ଚକଙ୍କୁ ବଚନରେ ବି ସତ୍କାର କରିବା ଅନୁଚିତ । କାରଣ ଏମାନଙ୍କୁ ସତ୍କାର କଲେ ଏମାନେ ବୃଦ୍ଧି ପାଇ ସଂସାରକୁ ପାପ-ଅଧର୍ମରେ ବୁଡ଼ାଇ ଦିଅନ୍ତି । ଏମାନେ ନିଜେ ତ ଭୁଲ୍ ମାର୍ଗରେ ଯାଇ ଆତ୍ମାର ଅବନତି କରନ୍ତି, ତା' ସହ ତାଙ୍କ ସଙ୍ଗରେ ମିଶିବା, ତାଙ୍କ ସେବା କରିବା, ଅନୁଗାମୀ ଲୋକଙ୍କୁ ବି ଅବିଦ୍ୟାରୂପୀ ମହାସାଗରରେ ବୁଡ଼ାଇ ମାରନ୍ତି ।

**ପଞ୍ଚ ମହାଯଜ୍ଞର ଫଳ —**

**୧. ବ୍ରହ୍ମଯଜ୍ଞ** କରିବା ଦ୍ୱାରା ବିଦ୍ୟା, ଶିକ୍ଷା, ଧର୍ମ ଓ ସଭ୍ୟତା ଆଦି ସଦ୍‌ଗୁଣର ଅଭିବୃଦ୍ଧି ହୁଏ ।

**୨. ଅଗ୍ନିହୋତ୍ର** ଦ୍ୱାରା ବାୟୁ, ବୃଷ୍ଟି, ଜଳ ଶୁଦ୍ଧ ହୁଏ ତଥା ଉତ୍ତମ ବୃଷ୍ଟି ହୁଏ । ଏତଦ୍ଦ୍ୱାରା ଔଷଧି-ବନସ୍ପତି ଉତ୍କୃଷ୍ଟ ଗୁଣ ସମ୍ପନ୍ନ ହୁଅନ୍ତି । ଶୁଦ୍ଧ ବାୟୁ ସେବନ ଓ ଉତ୍ତମ ଭୋଜନ-ପାନ ଦ୍ୱାରା ଆରୋଗ୍ୟ, ବୁଦ୍ଧି, ବଳ, ପରାକ୍ରମ ବୃଦ୍ଧି ପାଏ ଯଦ୍ଦ୍ୱାରା ଧର୍ମ, ଅର୍ଥ, କାମ ଓ ମୋକ୍ଷର ଅନୁଷ୍ଠାନ ନିର୍ବିଘ୍ନରେ, ସମୁଚିତ ରୂପେ ହୋଇଥାଏ । ବାୟୁ, ଜଳ ଆଦି ପଦାର୍ଥକୁ ଦିବ୍ୟ କରିଦେଉଥିବାରୁ ଅଗ୍ନିହୋତ୍ରକୁ **'ଦେବଯଜ୍ଞ'** କୁହାଯାଏ ।

**୩. ପିତୃଯଜ୍ଞରେ** ମାତା-ପିତା ଓ ଜ୍ଞାନୀ-ମହାତ୍ମାଙ୍କ ସେବା କରିବା ଦ୍ୱାରା ସେବାକାରୀର ଜ୍ଞାନ ବଢ଼େ । ତଦ୍ଦ୍ୱାରା ସତ୍ୟ-ଅସତ୍ୟ ନିର୍ଣ୍ଣୟ କରି ସତ୍ୟ ଗ୍ରହଣ ଓ ଅସତ୍ୟ ତ୍ୟାଗ କରି ସୁଖୀ ହୋଇପାରିଥାଏ । ଦ୍ୱିତୀୟରେ ମାତା-ପିତା ଓ ଆଚାର୍ଯ୍ୟ ସନ୍ତାନ ଓ ଶିଷ୍ୟର ବହୁ ସେବା, ବହୁ କଲ୍ୟାଣ କରିଥାନ୍ତି । ସେମାନଙ୍କ ସେବା-ଶୁଶ୍ରୂଷା ଦ୍ୱାରା ସେମାନଙ୍କ ପ୍ରତି କୃତଜ୍ଞତା ପ୍ରଦର୍ଶିତ ହୋଇଥାଏ ଓ ସେମାନଙ୍କ ଋଣ ପରିଶୋଧ ରୂପକ ଅତ୍ୟାବଶ୍ୟକ କର୍ତ୍ତବ୍ୟ ସମ୍ପାଦନର ସୁଯୋଗ ମିଳିଥାଏ ।

**୪. ବଳିବୈଶ୍ୱଦେବ ଯଜ୍ଞ** ଦ୍ୱାରା ପାକଶାଳାର ବାୟୁ ଶୁଦ୍ଧି; ରୋଗୀ, ଦରିଦ୍ର ଓ ପତିତ ବ୍ୟକ୍ତି ଏବଂ ଉପକାରୀ ପ୍ରାଣୀମାନଙ୍କ ପ୍ରତି କର୍ତ୍ତବ୍ୟ ପାଳନ ହୁଏ । ଦୈନନ୍ଦିନ ଜୀବନ ନିର୍ବାହ କାଳରେ ଅଜ୍ଞାନବଶତଃ ନିମ୍ନ ଶ୍ରେଣୀର ପ୍ରାଣୀମାନଙ୍କୁ ପୀଡ଼ା ଦେବା ଦ୍ୱାରା ଯେଉଁ ପାପ ହୁଏ, ଏହି ଯଜ୍ଞ ଦ୍ୱାରା ତା'ର ପ୍ରାୟଶ୍ଚିତ୍ତ ହୁଏ, ପ୍ରତ୍ୟୁପକାରର ଭାବନା ଜାଗ୍ରତ ହୁଏ ।

**୫.** ଉତ୍ତମ **ଅତିଥି** ଅର୍ଥାତ୍ ଧାର୍ମିକ, ସତ୍ୟୋପଦେଶକ, ବିଦ୍ୱାନ୍, ନିରନ୍ତର ଭ୍ରମଣଶୀଳ ଯୋଗୀ, ସନ୍ନ୍ୟାସୀଙ୍କ ଅଭାବ ଥିବା ଯାଏ, ସଂସାରର ସମୁଚିତ ଉନ୍ନତି ହୋଇପାରେ ନାହିଁ । ଏମାନେ ସଂସାରରେ ସର୍ବତ୍ର ଭ୍ରମଣ କରି ସତ୍ୟୋପଦେଶ ଦେବା ଦ୍ୱାରା ପାଖଣ୍ଡ ବୃଦ୍ଧି ହୁଏ ନାହିଁ ଏବଂ ସର୍ବତ୍ର ଗୃହସ୍ଥଙ୍କୁ ସହଜରେ ସତ୍ୟ ବିଜ୍ଞାନ ପ୍ରାପ୍ତ ହୋଇଥାଏ ତଥା ଏତଦ୍ଦ୍ୱାରା ସକଳ ମନୁଷ୍ୟ ଧର୍ମାବଲମ୍ବୀ ହୁଅନ୍ତି । ଏପରି ଉତ୍ତମ ଅତିଥିଙ୍କ ବିନା ଗୃହସ୍ଥଙ୍କ ସଂଶୟନିବୃତ୍ତି ହୁଏ ନାହିଁ । ସନ୍ଦେହନିବୃତ୍ତି ନ ହେବା ଯାଏ ସିଦ୍ଧାନ୍ତରେ ଦୃଢ଼ତା ଆସେ ନାହିଁ କି କର୍ମରେ ନିଷ୍ଠା ବଢ଼େ ନାହିଁ । ଦୃଢ଼ନିଶ୍ଚୟ ଓ କର୍ମରେ ନିଷ୍ଠା ନ ହେବା ଯାଏଁ ଯଥାର୍ଥ ସୁଖ-ଶାନ୍ତି ମିଳେ ନାହିଁ । ଅତଃ ଅତିଥି ଯଜ୍ଞ ଦ୍ୱାରା ସତ୍ୟବିଜ୍ଞାନ ପ୍ରାପ୍ତି, ସଂଶୟନିବୃତ୍ତି, ଧର୍ମରେ ସ୍ଥିରମତି ଓ କର୍ତ୍ତବ୍ୟରେ ଦୃଢ଼ତା ଆଦି ଲାଭ ହୁଏ ।

## ଗୃହସ୍ଥର ସାମାନ୍ୟ କର୍ତ୍ତବ୍ୟ

**ବ୍ରାହ୍ମେ ମୁହୂର୍ତ୍ତେ ବୁଧ୍ୟେତ ଧର୍ମାର୍ଥୌ ଚାନୁଚିନ୍ତୟେତ୍ ।**
**କାୟକ୍ଲେଶାଂଶ୍ଚ ତନ୍ମୂଲାନ୍ ବେଦତତ୍ତ୍ୱାର୍ଥମେବ ଚ ॥** (ମନୁ. ୪:୯୨)

ବ୍ରାହ୍ମମୁହୂର୍ତ୍ତରେ ଅର୍ଥାତ୍ ରାତ୍ରିର ଚତୁର୍ଥ ପ୍ରହରରେ ଶଯ୍ୟାତ୍ୟାଗ କରିବେ । ଦନ୍ତଧାବନ, ଶୌଚାଦି ଆବଶ୍ୟକୀୟ ନିତ୍ୟକର୍ମ ସମାପନ କରିବେ । ଧର୍ମ ଓ ଅର୍ଥ ବିଷୟରେ ଚିନ୍ତନ କରିବେ । ଶାରୀରିକ ରୋଗର ନିରାକରଣର ଉପାୟ ଚିନ୍ତନ ଓ ଅବଲମ୍ବନ କରିବେ । ଈଶ୍ୱର ଉପାସନା କରିବେ । କେବେ ବି ଅଧର୍ମ ଆଚରଣ କରିବେ ନାହିଁ । କାରଣ –

**ନାଧର୍ମଶ୍ଚରିତୋ ଲୋକେ ସଦ୍ୟଃ ଫଲତି ଗୌରିବ ।**
**ଶନୈରାବର୍ତ୍ତମାନସ୍ତୁ କର୍ତ୍ତୁର୍ମୂଲାନି କୃନ୍ତତି ॥** (ମନୁ. ୪:୧୭୨)

କରାଯାଇଥିବା ଅଧର୍ମ ବା ପାପ କେବେ ନିଷ୍ଫଳ ହୁଏ ନାହିଁ । କିନ୍ତୁ ଯେଉଁ ସମୟରେ ଅଧର୍ମ ଆଚରଣ କରାଯାଏ, ସେହି ସମୟରେ ତୁରନ୍ତ ତା'ର ଫଳ ବି ମିଳେ ନାହିଁ । ଏଣୁ ଅଜ୍ଞାନୀମାନେ ପାପ କରିବାକୁ ଭୟ କରନ୍ତି ନାହିଁ । କିନ୍ତୁ ଏ କଥା ଦୃଢ଼ ନିଶ୍ଚୟ ପୂର୍ବକ ଜାଣିରଖିବା ଉଚିତ ଯେ ସେହି ଅଧର୍ମାଚରଣ ଅଲକ୍ଷିତ ଭାବରେ ଧୀରେ-ଧୀରେ ତୁମର ସୁଖ ରୂପକ ବୃକ୍ଷର ମୂଳଚ୍ଛେଦନ କରିଚାଲିଥାଏ । ଏହି କ୍ରମରେ—

**ଅଧର୍ମେଣୈଧତେ ତାବତ୍ତତୋ ଭଦ୍ରାଣି ପଶ୍ୟତି ।**
**ତତଃ ସପତ୍ନାଞ୍ଜୟତି ସମୂଲସ୍ତୁ ବିନଶ୍ୟତି ॥** (ମନୁ. ୪:୧୭୪)

ବନ୍ଧ ଭାଙ୍ଗି ପାଣି ଚରିଆଡ଼େ ମାଡ଼ିଗଲା ଭଳି ଅଧର୍ମାତ୍ମା ମନୁଷ୍ୟ ଧର୍ମର ମର୍ଯ୍ୟାଦାକୁ ଉଲ୍ଲଙ୍ଘନ କରି ମିଥ୍ୟାଭାଷଣ, ଛଳ-କପଟ, ପାଖଣ୍ଡ ଅର୍ଥାତ୍ ସଦା ରକ୍ଷକ ଈଶ୍ୱରୀୟ ବାଣୀ ବେଦର ଖଣ୍ଡନ ଅର୍ଥାତ୍ ବେଦର ଆଦେଶର ଅବମାନନା ଏବଂ ବିଶ୍ୱାସଘାତକତା ଆଦି କର୍ମ କରି ପରସ୍ୱ ଅପହରଣ କରେ । ତଦ୍ୱାରା ପ୍ରଥମେ ଉନ୍ନତି ଲାଭ କରେ । ସେହି ଧନାଦି ଐଶ୍ୱର୍ଯ୍ୟ ଦ୍ୱାରା ଖାଦ୍ୟ-ପାନୀୟ, ବସନ-ଭୂଷଣ, ଯାନ-ବାହନ, ଘର-ଦ୍ୱାର, ମାନ-ପ୍ରତିଷ୍ଠା ଇତ୍ୟାଦି ଲାଭ କରେ । ଅନ୍ୟାୟପୂର୍ବକ ଶତ୍ରୁକୁ ମଧ୍ୟ ଜୟ କରେ । କିନ୍ତୁ ପରେ ଶୀଘ୍ର ହିଁ ସମୂଳେ ନଷ୍ଟ ହୋଇଯାଏ । **ମୂଳ କଟା ଯାଇଥିବା ବୃକ୍ଷ ଯେପରି ନଷ୍ଟ ହୋଇଯାଏ, ଅଧର୍ମୀ ବ୍ୟକ୍ତି ସେହିପରି ବିନଷ୍ଟ ହୋଇଯାଏ ।**

*(କ୍ରମଶଃ....)*

ଭାଷାନ୍ତର

**ସ୍ୱାମୀ ସୁଧାନନ୍ଦ ସରସ୍ୱତୀ**

❖❖❖

### ବିଶେଷ ସୂଚନା

ଶ୍ରୁତିସୌରଭର ସଦସ୍ୟମାନଙ୍କୁ ଜନ୍ମଦିନର ଶୁଭେଚ୍ଛା SMS ଯୋଗେ ଜ୍ଞାପନ କରାଯିବାର ବ୍ୟବସ୍ଥା କରାଯାଉଛି । କିନ୍ତୁ ଅର୍ଦ୍ଧାଧିକ ସଦସ୍ୟ ସେମାନଙ୍କ ଜନ୍ମ ତାରିଖ ଦେଇନାହାନ୍ତି । ଏଣୁ ଯେଉଁ ସଦସ୍ୟମାନେ ସେମାନଙ୍କ ଜନ୍ମତାରିଖ ଆବେଦନ ପତ୍ରରେ ଦେଇନାହାନ୍ତି ସେମାନଙ୍କୁ ବିନମ୍ର ନିବେଦନ ଯେ ସମସ୍ତେ ସେମାନଙ୍କ Name - ଓ Date of Birth - କୁ E-mail, Whatsapp ଅଥବା SMS ଯୋଗେ ନିମ୍ନ ଠିକଣାରେ ପଠାନ୍ତୁ —

E-mail : shrutisourabha@gmail.com
SMS : 8908005115 / 9861335321 / 8249312548
Whatsapp : 8908005115 / 8249312548

*– ସମ୍ପାଦକ*

# ପ୍ରଗତି ପଥେ ଶ୍ରୁତିସୌରଭ

ପରମପିତା ପରମାତ୍ମାଙ୍କ ଆଦେଶ **– 'ସଂ ଶ୍ରୁତେନ ଗମେମହି ମା ଶ୍ରୁତେନ ବି ରାଧିଷି'** (ଅଥର୍ବ.୧:୧:୪) ଅନୁସାରେ ଈଶ୍ୱରୀୟ ବାଣୀ 'ବେଦ' ବା 'ଶ୍ରୁତି'ର ସୁରଭିରେ ଓଡ଼ିଶାର ପ୍ରତିଟି ଗୃହର ପ୍ରାଙ୍ଗଣକୁ ସୁରଭିତ କରିବା ଉଦ୍ଦେଶ୍ୟରେ ଶ୍ରୁତିନ୍ୟାସ ପକ୍ଷରୁ 'ଶ୍ରୁତିସୌରଭ'ର ପ୍ରକାଶନ ଆରମ୍ଭ ହୋଇଛି । ଏହି ଈଶ୍ୱରୀୟ କର୍ମରେ ସମସ୍ତେ ସହଯୋଗୀ ହେବା, ବେଦାଧାରିତ ସୁନ୍ଦର ସମାଜ ନିର୍ମାଣ କରିବା ଦିଗରେ ଅଗ୍ରସର ହେବା ନିମିତ୍ତ ଶ୍ରୁତିସୌରଭ ସଦସ୍ୟଙ୍କ ଏକ ଲମ୍ବା ଶୃଙ୍ଖଳ ତିଆରି କରିବା ସକାଶେ ଆମେ ପାଠକଙ୍କୁ ନିବେଦନ କରିଥିଲୁ । ଆମର ଆତ୍ମୀୟ ନିବେଦନକୁ ଆନ୍ତରିକତାର ସହ ସ୍ୱୀକାର କରି ଅଧିକରୁ ଅଧିକ ସଂଖ୍ୟକ ପାଠକ ଏହାର ସଦସ୍ୟ ହେଉଛନ୍ତି । ଏହା ଆମକୁ ଅଭିଭୂତ କରିଛି । ଆମେ ସମସ୍ତ ସଦସ୍ୟ, ସହଯୋଗୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନ କରୁଛୁ । ଅଦ୍ୟାବଧି ପତ୍ରିକାର ସଦସ୍ୟ ସଂଖ୍ୟା ହେଲା—

| କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ | କ୍ର.ସଂ. | ଜିଲ୍ଲା | ଆଜୀବନ | ବାର୍ଷିକ | ମୋଟ |
|---|---|---|---|---|---|---|---|---|---|
| ୦୧. | ଗଞ୍ଜାମ | ୩୮୧ | ୫୭୮ | ୯୫୯ | ୧୭. | ବୌଦ୍ଧ | ୧୬ | ୧୦୫ | ୧୨୧ |
| ୦୨. | ଖୋର୍ଦ୍ଧା | ୨୧୩ | ୨୨୪ | ୪୩୭ | ୧୮. | ଭଦ୍ରକ | ୧୬ | ୦୮ | ୨୪ |
| ୦୩. | ସୁନ୍ଦରଗଡ଼ | ୧୭୯ | ୪୯୬ | ୬୭୫ | ୧୯. | ନୟାଗଡ଼ | ୧୫ | ୧୬ | ୩୧ |
| ୦୪. | ବରଗଡ଼ | ୧୪୩ | ୨୩୦ | ୩୭୩ | ୨୦. | ଝାରସୁଗୁଡ଼ା | ୧୩ | ୦୧ | ୧୪ |
| ୦୫. | କଟକ | ୧୦୯ | ୨୭୭ | ୩୮୬ | ୨୧. | ଜଗତସିଂହପୁର | ୧୧ | ୩୫ | ୪୬ |
| ୦୬. | କୋରାପୁଟ | ୭୭ | ୧୫୪ | ୨୩୧ | ୨୨. | ଢେଙ୍କାନାଳ | ୦୯ | ୫୦ | ୫୯ |
| ୦୭. | ବଲାଙ୍ଗିର | ୭୧ | ୨୧୫ | ୨୮୬ | ୨୩. | କଳାହାଣ୍ଡି | ୦୮ | ୦୮ | ୧୬ |
| ୦୮. | ରାୟଗଡ଼ା | ୫୦ | ୯୫ | ୧୪୫ | ୨୪. | ଯାଜପୁର | ୦୭ | ୪୬ | ୫୩ |
| ୦୯. | ଅନୁଗୁଳ | ୪୫ | ୧୫୩ | ୧୯୮ | ୨୫. | କେନ୍ଦୁଝର | ୦୭ | ୦୮ | ୧୫ |
| ୧୦. | ସୁବର୍ଣ୍ଣପୁର | ୪୨ | ୧୫୯ | ୨୦୧ | ୨୬. | ଗଜପତି | ୦୭ | ୧୭ | ୨୪ |
| ୧୧. | ସମ୍ବଲପୁର | ୪୧ | ୧୦୪ | ୧୪୫ | ୨୭. | କେନ୍ଦ୍ରାପଡ଼ା | ୦୪ | ୨୬ | ୩୦ |
| ୧୨. | ବାଲେଶ୍ୱର | ୩୯ | ୫୬ | ୯୫ | ୨୮. | ଦେବଗଡ଼ | ୦୨ | ୧୩ | ୧୫ |
| ୧୩. | ମୟୂରଭଞ୍ଜ | ୩୮ | ୫୩ | ୯୧ | ୨୯. | ନୂଆପଡ଼ା | ୦୨ | ୦୫ | ୦୭ |
| ୧୪. | ପୁରୀ | ୩୧ | ୧୯ | ୫୦ | ୩୦. | ନବରଙ୍ଗପୁର | ୦୧ | ୦୪ | ୦୫ |
| ୧୫. | ମାଲକାନଗିରି | ୨୬ | ୯୭ | ୧୨୩ | ୩୧. | ଅନ୍ୟାନ୍ୟ | ୪୭ | ୩୫ | ୭୭ |
| ୧୬. | କନ୍ଧମାଳ | ୨୩ | ୧୫୩ | ୧୭୬ | | **ମୋଟ** | **୧୬୭୩** | **୩୪୪୦** | **୫୧୧୩** |

'ଶ୍ରୁତିସୌରଭ' ସଦସ୍ୟ ସଂଖ୍ୟା କ୍ଷେତ୍ରରେ ଏଭଳି ଉପଲବ୍ଧି ପ୍ରାପ୍ତ କରିବା ପଛରେ ଓଡ଼ିଶାରେ ବେଦର ପ୍ରଚାର-ପ୍ରସାର ପାଇଁ କାୟମନୋବାକ୍ୟରେ ପ୍ରୟାସରତ ଆମ ସହଯୋଗୀମାନଙ୍କ ପ୍ରଶଂସନୀୟ ଯୋଗଦାନ ରହିଛି । ଆମେ ସମସ୍ତ

ସହଯୋଗୀଙ୍କୁ ଗଭୀର କୃତଜ୍ଞତା ଜ୍ଞାପନ କରୁଛୁ ତଥା ପ୍ରତ୍ୟେକ ସଦସ୍ୟଙ୍କୁ ବିନମ୍ର ଅନୁରୋଧ କରୁଛୁ ଯେ ପ୍ରତ୍ୟେକେ ବେଦ-ପ୍ରଚାର କାର୍ଯ୍ୟକ୍ରମର ଏହି ମହତ୍ତ୍ୱପୂର୍ଣ୍ଣ ଅଭିଯାନରେ ଈଶ୍ୱରୀୟ କାର୍ଯ୍ୟର ଏକ ଦିବ୍ୟ ସୈନିକ ରୂପେ ନିଜକୁ ବିବେଚନା କରି ନିଜେ ଆଜୀବନ ସଦସ୍ୟ ହେବା ସହ ଅନ୍ୟୂନ ଆଉ ୨/୩ଟି ଆଜୀବନ ସଦସ୍ୟ କରିବା ପାଇଁ ପ୍ରଚେଷ୍ଟା କରନ୍ତୁ, ଯଦ୍ଦ୍ୱାରା ପତ୍ରିକାଟି ଆର୍ଥିକ ସମସ୍ୟାର ସମ୍ମୁଖୀନ ନ ହୋଇ ନିର୍ବାଧ ରୂପେ ପ୍ରକାଶିତ ହୋଇଚାଲିବ ଏବଂ ଈଶ୍ୱରୀୟ ଜ୍ଞାନର ପବିତ୍ର ମନ୍ଦାକିନୀରେ ନିରନ୍ତର ଅବଗାହନ କରି ଅଶାନ୍ତିର ଜ୍ୱାଳାରେ ସନ୍ତପ୍ତ ସାମ୍ପ୍ରତିକ ସମାଜ ଦିବ୍ୟ ଶାନ୍ତି ଲାଭ କରିପାରିବ। ବେଦପ୍ରଚାରର ଏହି ଦିବ୍ୟ କାର୍ଯ୍ୟରେ ନିଜର ସହଯୋଗ ପ୍ରଦାନ କରିବା ପ୍ରତ୍ୟେକ ବ୍ୟକ୍ତି ପରମାତ୍ମାଙ୍କ ଅମୃତ ଆଶିଷ ଲାଭର ଅଧିକାରୀ ଅବଶ୍ୟ ହୋଇପାରିବେ। ବର୍ତ୍ତମାନ ସୁଦ୍ଧା ସଦସ୍ୟ ସଂଗ୍ରହ ଅଭିଯାନରେ ପ୍ରମୁଖ ଅଂଶଗ୍ରହଣକାରୀ ସହଯୋଗୀଙ୍କ ନାମ କୃତଜ୍ଞତା ପୂର୍ବକ କ୍ରମାନ୍ୱୟରେ ପ୍ରକାଶ କରାଯାଉଛି—

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ | ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|---|---|---|---|
| ଶ୍ରୀମାନ୍ ନିମାଇଁ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୪୭ | ୦୮ | ଶ୍ରୀମାନ୍ ସୋମଦତ୍ତ ଶାସ୍ତ୍ରୀ | ସମ୍ବଲପୁର | ୧୩ | ୨୫ |
| ଇଂ. ଦୟାସାଗର ସାହୁ | ଗଞ୍ଜାମ | ୪୩ | ୧୦ | ଡକ୍ଟର ଲଳିତ ମଞ୍ଜରୀ ସାହୁ | ଖୋର୍ଦ୍ଧା | ୧୩ | ୦୯ |
| ଶ୍ରୀମାନ୍ ଦୁଷ୍ମନ୍ତ କିଶୋର ସ୍ୱାଇଁ | କଟକ | ୪୧ | ୭୬ | ଶ୍ରୀମତୀ ପୁଷ୍ପାଞ୍ଜଳି ପାତ୍ର | ଖୋର୍ଦ୍ଧା | ୧୩ | ୦୫ |
| ଶ୍ରୀମାନ୍ ରୁକ୍ମଣ ମହାପାତ୍ର | ବରଗଡ଼ | ୪୦ | ୪୮ | ଇଂ. କାଳୁଚରଣ ବେହେରା | କଟକ | ୧୩ | ୦୦ |
| ସୁଶ୍ରୀ ଶୁଭଶ୍ରୀ ମହାପାତ୍ର | ବାଲେଶ୍ୱର | ୩୨ | ୨୩ | ଶ୍ରୀମାନ୍ ଗୌରଚନ୍ଦ୍ର ଦାସ | ଖୋର୍ଦ୍ଧା | ୧୨ | ୧୮ |
| ଇଂ. ନାରାୟଣ ପଣ୍ଡା | ଗଞ୍ଜାମ | ୨୯ | ୩୧ | ଇଂ. ପ୍ରିୟଦର୍ଶୀ ଦାସ | ଗଞ୍ଜାମ | ୧୨ | ୧୬ |
| ଶ୍ରୀମାନ୍ ପରୀକ୍ଷିତ ଶାସ୍ତ୍ରୀ | ବରଗଡ଼ | ୨୮ | ୭୨ | ଶ୍ରୀମାନ୍ ପବିତ୍ର କୁମାର ଘଡ଼ାଇ | ଅନୁଗୁଳ | ୧୨ | ୦୦ |
| ଶ୍ରୀମତୀ ରାସେଶ୍ୱରୀ ଦେଇ | ସୁନ୍ଦରଗଡ଼ | ୨୮ | ୧୬ | ଶ୍ରୀମାନ୍ ଗୋପାଳକୃଷ୍ଣ ପାଟଖଣ୍ଡାଳ | ରାୟଗଡ଼ା | ୧୨ | ୦୦ |
| ବେଦ ପ୍ରଚାର ସମିତି, ବ୍ରହ୍ମପୁର | | ୨୭ | ୮୪ | ଶ୍ରୀମାନ୍ ସନ୍ତୋଷ କୁମାର ପଣ୍ଡା | ସୁନ୍ଦରଗଡ଼ | ୧୧ | ୫୧ |
| ଶ୍ରୀମାନ୍ ଆର୍. ମୋହନ ରେଡ୍ଡି | ଗଞ୍ଜାମ | ୨୫ | ୫୩ | ଶ୍ରୀମାନ୍ ଶ୍ରୀକାନ୍ତ ଷଡ଼ଙ୍ଗୀ | ସୁନ୍ଦରଗଡ଼ | ୧୧ | ୩୭ |
| ଶ୍ରୀମାନ୍ ସୁନୀଲ କୁମାର ଗରିଆ | କନ୍ଧମାଳ | ୨୩ | ୭୯ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଛତ୍ରପୁର | | ୧୧ | ୧୦ |
| ଶ୍ରୀମାନ୍ ରାଜେନ୍ଦ୍ର ଭୂୟାଁ | ଗଞ୍ଜାମ | ୨୩ | ୩୯ | ଶ୍ରୀମାନ୍ ହୃଷିକେଶ ନାଥ | ବଲାଙ୍ଗିର | ୧୧ | ୦୮ |
| ଶ୍ରୀମାନ୍ ସଂଗ୍ରାମ କେଶରୀ ମହାନ୍ତି | ଗଞ୍ଜାମ | ୨୨ | ୦୪ | ଇଂ. ଇ. କୁମାର ସ୍ୱାମୀ | ଖୋର୍ଦ୍ଧା | ୧୧ | ୦୬ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ପୁରୀ | ୨୨ | ୦୦ | ଶ୍ରୀମାନ୍ ମନୋରଂଜନ ଖମାରି | ବରଗଡ଼ | ୧୧ | ୦୨ |
| ଶ୍ରୀମତୀ ସୁରେଶ୍ୱରୀ ପଣ୍ଡା | ବରଗଡ଼ | ୨୧ | ୦୮ | ଶ୍ରୀମାନ୍ ଶିବ ପ୍ରସାଦ ପରିଡ଼ା | ଝାରସୁଗୁଡ଼ା | ୧୧ | ୦୦ |
| ଶ୍ରୀମାନ୍ ପଙ୍କଜ ମେହେର | ସୁବର୍ଣ୍ଣପୁର | ୧୯ | ୪୧ | ଶ୍ରୀମାନ୍ ଭାସ୍କର ପ୍ରଧାନ | ସୁରତ | ୧୦ | ୩୭ |
| ଶ୍ରୀମାନ୍ ଅନାମ ଚରଣ ନାୟକ | କୋରାପୁଟ | ୧୮ | ୧୧ | ଶ୍ରୀମାନ୍ ପ୍ରକାଶ କୁମାର ନାୟକ | କୋରାପୁଟ | ୧୦ | ୦୬ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ନାୟକ | ମାଲକାନଗିରି | ୧୭ | ୫୪ | ଶ୍ରୀମାନ୍ ହରମୋହନ ସାହୁ | କଟକ | ୧୦ | ୦୧ |
| ବେଦ ପ୍ରଚାର ସମିତି, ଜୟପୁର | | ୧୬ | ୪୩ | ଶ୍ରୀମାନ୍ ଇ. ବାବୁଲା | ଗଞ୍ଜାମ | ୧୦ | ୦୦ |
| ଶ୍ରୀମାନ୍ ରାଜକିଶୋର ସାହୁ | ରାୟଗଡ଼ା | ୧୬ | ୨୮ | ଶ୍ରୀମାନ୍ ମୁରଲୀଧର ମିଶ୍ର | ସୁନ୍ଦରଗଡ଼ | ୧୦ | ୦୦ |
| ଶ୍ରୀମାନ୍ କୃଷ୍ଣଚନ୍ଦ୍ର ପ୍ରଧାନ | ଖୋର୍ଦ୍ଧା | ୧୫ | ୧୯ | ଆର୍ଯ୍ୟସମାଜ, ସିମିଳିଗୁଡ଼ା | | ୧୦ | ୦୦ |
| ବେଦ ପ୍ରଚାର ସମିତି, କଟକ | | ୧୪ | ୧୭୧ | ଶ୍ରୀମାନ୍ ସୁବୋଧ କୁମାର ବେହେରା | ରାୟଗଡ଼ା | ୦୯ | ୨୧ |
| ଶ୍ରୀମାନ୍ ପୀତବାସ ଦଳେଇ | ସୁନ୍ଦରଗଡ଼ | ୧୪ | ୫୬ | ଶ୍ରୀମାନ୍ ଦ୍ୱିଜେନ୍ଦ୍ର କୁମାର ସାହୁ | ବଲାଙ୍ଗିର | ୦୯ | ୦୫ |
| ଶ୍ରୀମାନ୍ ଆନନ୍ଦ ସାମନ୍ତରାୟ | ବଲାଙ୍ଗିର | ୧୪ | ୪୦ | ଡାକ୍ତର ସୁକାନ୍ତି ଦାସ | ବାଲେଶ୍ୱର | ୦୯ | ୦୦ |
| ଶ୍ରୀମାନ୍ କାହ୍ନୁ ବାଳକୃଷ୍ଣ ବିହାରୀ | ଗଞ୍ଜାମ | ୧୪ | ୦୨ | ଶ୍ରୀମାନ୍ ରାଜେନ୍ଦ୍ରନାଥ ପରିଡ଼ା | ଗଞ୍ଜାମ | ୦୯ | ୦୦ |
| ଶ୍ରୀମାନ୍ ଖଗେଶ୍ୱର ଗୌଡ଼ | ସୁନ୍ଦରଗଡ଼ | ୧୪ | ୦୦ | ଶ୍ରୀମାନ୍ ରମେଶ ଚନ୍ଦ୍ର ସେଠୀ | ସୁନ୍ଦରଗଡ଼ | ୦୯ | ୦୦ |

| ନାମ | ଜିଲ୍ଲା | ଆଜୀବନ | ବାର୍ଷିକ |
|---|---|---|---|
| ଶ୍ରୀମାନ୍ ବିଷ୍ଣୁ ପ୍ରସାଦ ମୁନି | ଗଞ୍ଜାମ | ୦୮ | ୭୪ |
| ଶ୍ରୀମାନ୍ ଯୋଗେଶ୍ୱର ପଣ୍ଡା | ବୌଦ୍ଧ | ୦୮ | ୫୨ |
| ଶ୍ରୀମାନ୍ ଟି. ଭେଙ୍କଟ ରାଓ | ଗଞ୍ଜାମ | ୦୮ | ୧୩ |
| ଶ୍ରୀମତୀ ରଶ୍ମିରେଖା ନାୟକ | ବରଗଡ଼ | ୦୮ | ୦୩ |
| ଇଂ. ବିଜୟ କୁମାର ସାହୁ | ଗଞ୍ଜାମ | ୦୮ | ୦୦ |
| ଶ୍ରୀମାନ୍ ସଞ୍ଜୟ କୁମାର ଷଡ଼ଙ୍ଗୀ | ସମ୍ବଲପୁର | ୦୭ | ୪୧ |
| ଡାକ୍ତର ଆଦିତ୍ୟ କୁମାର ପଣ୍ଡା | ମୟୂରଭଞ୍ଜ | ୦୭ | ୧୫ |
| ଶ୍ରୀମାନ୍ ଲୋକନାଥ ପ୍ରଧାନ | ସୁନ୍ଦରଗଡ଼ | ୦୭ | ୦୧ |
| ଶ୍ରୀମାନ୍ ପ୍ରମୋଦ କୁମାର ମହାନ୍ତି | ଗଞ୍ଜାମ | ୦୭ | ୦୧ |
| ଡକ୍ଟର ଉଷା ପାଢ଼ୀ | ଗଞ୍ଜାମ | ୦୭ | ୦୧ |
| ଶ୍ରୀମାନ୍ ଗୋପବନ୍ଧୁ ସାହୁ | ଗଞ୍ଜାମ | ୦୬ | ୩୬ |
| ଶ୍ରୀମାନ୍ ନୃସିଂହ ଚରଣ ସ୍ୱାଇଁ | ଖୋର୍ଦ୍ଧା | ୦୬ | ୧୯ |
| ଶ୍ରୀମାନ୍ କଂଗ୍ରେସ ସାହୁ | ବରଗଡ଼ | ୦୬ | ୧୪ |
| ଶ୍ରୀମତୀ ସରିତା ବେହେରା | ସମ୍ବଲପୁର | ୦୬ | ୧୨ |
| ଶ୍ରୀମାନ୍ ଅଜିତ୍ କୁମାର ପଣ୍ଡା | ଗଞ୍ଜାମ | ୦୬ | ୧୧ |
| ଇଂ. ପ୍ରଦୀପ କୁମାର ତ୍ରିପାଠୀ | ଗଞ୍ଜାମ | ୦୬ | ୧୦ |
| ଡକ୍ଟର ରୁଦ୍ର ପ୍ରସନ୍ନ ମହାପାତ୍ର | ଗଞ୍ଜାମ | ୦୬ | ୦୪ |
| ଶ୍ରୀମାନ୍ ରୁଦ୍ରନାରାୟଣ ସାହୁ | ସମ୍ବଲପୁର | ୦୬ | ୦୧ |
| ଶ୍ରୀମତୀ ବୀଣାପାଣି ପଣ୍ଡା | ଭଦ୍ରକ | ୦୬ | ୦୧ |
| ଶ୍ରୀମାନ୍ ବାଲ୍ମୀକି ପଟ୍ଟନାୟକ | ଖୋର୍ଦ୍ଧା | ୦୬ | ୦୦ |
| ଶ୍ରୀମତୀ ଭି. କମଳା ଦେବୀ | ଗଞ୍ଜାମ | ୦୬ | ୦୦ |
| ଶ୍ରୀମାନ୍ ଦିଲ୍ଲୀପ କୁମାର ପଟ୍ଟନାୟକ | ସୁନ୍ଦରଗଡ଼ | ୦୬ | ୦୦ |
| ଶ୍ରୀମତୀ ପ୍ରତିମା ପଟ୍ଟନାୟକ | ସୁନ୍ଦରଗଡ଼ | ୦୬ | ୦୦ |
| ଶ୍ରୀମତୀ କଳ୍ପନା ବେହେରା | ବରଗଡ଼ | ୦୬ | ୦୦ |
| ଶ୍ରୀମାନ୍ ଶ୍ରୀକାନ୍ତ କୁମାର ପାଣି | ଅନୁଗୁଳ | ୦୫ | ୩୭ |
| ଶ୍ରୀମାନ୍ ବିଜୟ କୁମାର ବେହେରା | ସୁନ୍ଦରଗଡ଼ | ୦୫ | ୩୫ |
| ଡଃ. ନନ୍ଦକିଶୋର ମହାକୁଡ଼ | ଅନୁଗୁଳ | ୦୫ | ୩୪ |
| ଶ୍ରୀମାନ୍ ଦାମୋଦର ପଣ୍ଡା | ମାଲକାନଗିରି | ୦୫ | ୨୩ |
| ସୁଶ୍ରୀ ରାଜଲକ୍ଷ୍ମୀ ସାହୁ | ଗଞ୍ଜାମ | ୦୫ | ୨୦ |
| ଇଂ. ଅଭିମନ୍ୟୁ ମହାରଣା | | ୦୫ | ୧୦ |
| ଶ୍ରୀମତୀ ମମତା ମହାପାତ୍ର | କଟକ | ୦୫ | ୦୯ |
| ଶ୍ରୀମତୀ ମମତା ଦାସ | ଗଞ୍ଜାମ | ୦୫ | ୦୮ |
| ଶ୍ରୀମାନ୍ ଅରୂପାନନ୍ଦ ପାଣିଗ୍ରାହୀ | ଗଞ୍ଜାମ | ୦୫ | ୦୭ |
| ଶ୍ରୀମାନ୍ ଅମୂଲ୍ୟ ଦୋରା | ଗଞ୍ଜାମ | ୦୫ | ୦୪ |
| ଶ୍ରୀମାନ୍ ସଙ୍କର୍ଷଣ ସାହୁ | ରାୟଗଡ଼ା | ୦୫ | ୦୪ |
| ଶ୍ରୀମତୀ ମମତା ଶତପଥି | ଗଞ୍ଜାମ | ୦୫ | ୦୨ |
| ଶ୍ରୀମାନ୍ ଦୁଷ୍ମନ୍ତ କୁମାର ସାହୁ | ବଲାଙ୍ଗିର | ୦୫ | ୦୨ |
| ଶ୍ରୀମାନ୍ ଅଶୋକ କୁମାର ମେହେର | ବରଗଡ଼ | ୦୫ | ୦୨ |
| ଶ୍ରୀମାନ୍ ଗୋବିନ୍ଦ ଚନ୍ଦ୍ର ମହାରଣା | ଗଞ୍ଜାମ | ୦୫ | ୦୧ |
| ଶ୍ରୀମାନ୍ ଅରୁଣ କୁମାର ସେଠୀ | ଖୋର୍ଦ୍ଧା | ୦୫ | ୦୧ |
| ଇଂ. ସନ୍ତୋଷ କୁମାର ଗୌଡ଼ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମତୀ ଲକ୍ଷ୍ମୀ ପଣ୍ଡା | ଖୋର୍ଦ୍ଧା | ୦୫ | ୦୦ |
| ଇଂ. ବିପିନ ବିହାରୀ ଦୀକ୍ଷିତ | ଗଞ୍ଜାମ | ୦୫ | ୦୦ |
| ଶ୍ରୀମାନ୍ ନିରଞ୍ଜନ ମଲ୍ଲିକ | ଝାରସୁଗୁଡ଼ା | ୦୫ | ୦୦ |
| ଶ୍ରୀମାନ୍ ବିଭୂତି ଭୂଷଣ ସାହୁ | ଅନୁଗୁଳ | ୦୫ | ୦୦ |
| ଶ୍ରୀମାନ୍ ଅରୁଣ ନାୟକ | ସୁନ୍ଦରଗଡ଼ | ୦୪ | ୪୬ |
| ଶ୍ରୀମାନ୍ ଗଣେଶ ବାରିକ | ସୁନ୍ଦରଗଡ଼ | ୦୪ | ୩୪ |
| ଶ୍ରୀମାନ୍ ବୈଦ୍ୟନାଥ ଜାଲ | ବୌଦ୍ଧ | ୦୪ | ୨୫ |
| ଆର୍ଯ୍ୟ ସମାଜ ରାୟଗଡ଼ା | | ୦୪ | ୧୯ |
| ବେଦ ପ୍ରଚାର ସମିତି, ସୁବର୍ଣ୍ଣପୁର | | ୦୪ | ୧୪ |
| ଶ୍ରୀମାନ୍ ରବୀନ୍ଦ୍ର କୁମାର ମହାପାତ୍ର | କଟକ | ୦୪ | ୧୨ |
| ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ | କଟକ | ୦୪ | ୧୨ |
| ଶ୍ରୀମତୀ ପ୍ରଜ୍ଞା ପଟ୍ଟନାୟକ | ଖୋର୍ଦ୍ଧା | ୦୪ | ୦୯ |
| ଡାକ୍ତର ଯଦୁମଣି ନାୟକ | ବରଗଡ଼ | ୦୪ | ୦୬ |
| ଶ୍ରୀମାନ୍ ଗଗନ ବିହାରୀ ଜେନା | ଖୋର୍ଦ୍ଧା | ୦୪ | ୦୬ |
| ଶ୍ରୀମତୀ ଦୀପ୍ତିରାଣୀ ମହାନ୍ତି | ଗଞ୍ଜାମ | ୦୪ | ୦୩ |
| ଶ୍ରୀମାନ୍ ନୃସିଂହ ଚରଣ ମହାପାତ୍ର | | ୦୪ | ୦୨ |
| ଶ୍ରୀମତୀ ସାରଦା ବିଷୋୟୀ | ଗଞ୍ଜାମ | ୦୪ | ୦୧ |
| ବେଦ ପ୍ରଚାର ସମିତି, ଚିକିଟି | | ୦୪ | ୦୧ |
| ଡାକ୍ତର ସୁବଳ କୁମାର ନାୟକ | ସମ୍ବଲପୁର | ୦୪ | ୦୦ |
| ଶ୍ରୀମତୀ ଆରତୀବାଳା ପ୍ରଧାନ | ଗଞ୍ଜାମ | ୦୪ | ୦୦ |
| ଇଂ. ସୁଧାକର ପତ୍ରୀ | ଖୋର୍ଦ୍ଧା | ୦୪ | ୦୦ |
| ଡକ୍ଟର ନୃପରାଜ ସାହୁ | ଖୋର୍ଦ୍ଧା | ୦୪ | ୦୦ |
| ଶ୍ରୀମାନ୍ ନବୀନ କୁମାର ପଟେଲ | ସମ୍ବଲପୁର | ୦୪ | ୦୦ |
| ଶ୍ରୀମାନ୍ ବିଜୟ କୁମାର ପରିଡ଼ା | ରାଉରକେଲା | ୦୪ | ୦୦ |
| ଶ୍ରୀମାନ୍ ରବିନାରାୟଣ ପ୍ରଧାନ | ଢେଙ୍କାନାଳ | ୦୩ | ୩୬ |
| ବେଦ ପ୍ରଚାର ସମିତି, ବରଗଡ଼ | | ୦୩ | ୧୬ |
| ଶ୍ରୀମତୀ ନର୍ମଦା ପାତ୍ର | ଖୋର୍ଦ୍ଧା | ୦୩ | ୧୩ |

କ୍ରମଶଃ...

# ସମାଚାର ସଂସାର

## ଶ୍ରୁତିନ୍ୟାସର ସଦସ୍ୟ ହୁଅନ୍ତୁ-ବେଦ ପ୍ରଚାରରେ ସହଯୋଗ କରନ୍ତୁ

ବେଦ ପ୍ରଚାରକୁ ଅଧିକ ଗତିବାନ୍ କରିବା ପାଇଁ ଶ୍ରୁତିନ୍ୟାସ ପକ୍ଷରୁ ଏକ 'ବୈଦିକ ଧର୍ମ ପ୍ରସାର ନିଧି' ସ୍ଥାପନ କରାଯାଇଛି। ଶ୍ରୁତିନ୍ୟାସର ବେଦ ପ୍ରଚାର କାର୍ଯ୍ୟରେ ପ୍ରଭାବିତ ହୋଇ ବହୁ ବ୍ୟକ୍ତି ଶ୍ରୁତିନ୍ୟାସ ସହ ସହଯୋଗ କରି ଓଡ଼ିଶାରେ ବେଦ ପ୍ରଚାର କାର୍ଯ୍ୟକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଣୁ ସେଭଳି ଶ୍ରଦ୍ଧାଳୁ ବେଦପ୍ରେମୀମାନଙ୍କୁ ଶ୍ରୁତିନ୍ୟାସର ବିବିଧ ସଦସ୍ୟତା ଯୋଜନାରେ ନ୍ୟାସର ଅନ୍ତର୍ଭୁକ୍ତ କରି ବେଦ ପ୍ରଚାର କାର୍ଯ୍ୟକୁ ଆହୁରି ବ୍ୟାପକ କରାଯିବା ପାଇଁ ସଦସ୍ୟତା ଯୋଜନା ବ୍ୟାପକ କରିବାକୁ ସ୍ଥିର କରାଗଲା। ଅତଃ ଶ୍ରଦ୍ଧାଳୁ ବେଦ ପ୍ରେମୀମାନଙ୍କୁ ବିନମ୍ର ନିବେଦନ ସେମାନେ କୌଣସି ଏକ ସଦସ୍ୟତା ଗ୍ରହଣ କରି ବେଦ ପ୍ରଚାର ପୁଣ୍ୟର ଭାଗୀ ହୁଅନ୍ତୁ। ଶାସ୍ତ୍ରରେ କୁହାଯାଇଛି- **'ସର୍ବେଷାମେବଦାନାନଂ ବ୍ରହ୍ମଦାନଂ ବିଶିଷ୍ୟତେ'**(ମନୁ)- ବେଦ ପ୍ରଚାର ପାଇଁ ଦାନ ଦେବା ସବୁଠୁ ପବିତ୍ର ଦାନ। ନିମ୍ନମତେ ଆର୍ଥିକ ସହଯୋଗ ପ୍ରଦାନ ପୂର୍ବକ ବେଦ ପ୍ରେମୀମାନେ ଶ୍ରୁତିନ୍ୟାସର ସଦସ୍ୟ ହୋଇପାରିବେ।

**ସଦସ୍ୟତା ଯୋଜନା**

| | | |
|---|---|---|
| ବୈଦିକ ଧର୍ମ ପ୍ରସାରକ | - | ମାସିକ ₹ ୧୦୦/- ବା ତଦୂର୍ଦ୍ଧ୍ୱ |
| ସହଯୋଗୀ ସଦସ୍ୟ | - | ₹ ୫,୦୦୦/- ବା ତଦୂର୍ଦ୍ଧ୍ୱ |
| ସକ୍ରିୟ ସଦସ୍ୟ | - | ₹ ୧୫,୦୦୦/- ବା ତଦୂର୍ଦ୍ଧ୍ୱ |
| ସମ୍ମାନିତ ସଦସ୍ୟ | - | ₹ ୨୧,୦୦୦/- ବା ତଦୂର୍ଦ୍ଧ୍ୱ |
| ପ୍ରତିଷ୍ଠିତ ସଦସ୍ୟ | - | ₹ ୫୦,୦୦୦/- ବା ତଦୂର୍ଦ୍ଧ୍ୱ |
| ଆଜୀବନ ସଦସ୍ୟ | - | ₹ ୧,୦୦୦,୦୦ ବା ତଦୂର୍ଦ୍ଧ୍ୱ |

୧. ଯେଉଁମାନେ କୌଣସି ଏକ ସଦସ୍ୟ ରୂପେ ବେଦ ପ୍ରଚାର କାର୍ଯ୍ୟରେ ସହଯୋଗ ପ୍ରଦାନ କରିବାକୁ ଚାହାଁନ୍ତି ସେମାନେ ସମ୍ପାଦକଙ୍କ ସହ ଯୋଗାଯୋଗ କରନ୍ତୁ।

**ସମ୍ପାଦକ**

ମୋ : ୯୮୬୧୩୩୫୩୨୧, ୮୯୦୮୦୦୫୧୦୫

### ଅଦ୍ୟାବଧି ନିମ୍ନ ବ୍ୟକ୍ତିମାନେ ଶ୍ରୁତିନ୍ୟାସର ସଦସ୍ୟତା ଗ୍ରହଣ କରିଛନ୍ତି-

| କ୍ର. | ନାମ | ଠିକଣା |
|---|---|---|
| **ସମ୍ମାନିତ ସଦସ୍ୟ** | | |
| ୧. | ଶ୍ରୀମାନ୍ ନଳିନୀ ନନ୍ଦନ ନାୟକ | ଭୁବନେଶ୍ୱର |
| ୨. | ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ | ବାରିପଦା |
| ୩. | ଶ୍ରୀମାନ୍ ସମ୍ବିତ୍ ଦାସ ଅଧିକାରୀ | ମୁମ୍ବାଇ |
| ୪. | ଶ୍ରୀମାନ୍ ଅର୍ଚ୍ଚନା ନାୟକ | କରଞ୍ଜିଆ |
| **ସହଯୋଗୀ ସଦସ୍ୟ** | | |
| **ଅନୁଗୁଳ ଜିଲ୍ଲା** | | |
| ୧. | ଶ୍ରୀମାନ୍ ହରେଶ ଚନ୍ଦ୍ର ସାହୁ | ତାଳଚେର |
| ୨. | ଶ୍ରୀମାନ୍ ବିନୋଦ କୁମାର ଆର୍ଯ୍ୟ | ତାଳଚେର |
| ୩. | ଶ୍ରୀମାନ୍ ପବିତ୍ର କୁମାର ଘଡ଼ାଇ | ରେଙ୍ଗାଳି |
| **କଟକ ଜିଲ୍ଲା** | | |
| ୧. | ଶ୍ରୀମତୀ ଶୋଭାବତୀ ବେହେରା | ଗୁରୁଡ଼ିଝାଟିଆ |
| ୨. | ଶ୍ରୀମତୀ ପାର୍ବତୀ ସ୍ୱାଇଁ | କଟକ |
| ୩. | ଶ୍ରୀମତୀ ଲୋଭାବତୀ ସାହୁ | ବାଲୀ |
| ୪. | ଶ୍ରୀମାନ୍ କ୍ଷୀରୋଦ ଚନ୍ଦ୍ର ମିଶ୍ର | ଆଠଗଡ଼ |
| **କନ୍ଧମାଳ ଜିଲ୍ଲା** | | |
| ୧. | ଶ୍ରୀମାନ୍ ସୁରେଶ ଚନ୍ଦ୍ର ଆଚାର୍ଯ୍ୟ | ଫୁଲବାଣୀ |
| **କୋରାପୁଟ ଜିଲ୍ଲା** | | |
| ୧. | ଶ୍ରୀମାନ୍ ଅରବିନ୍ଦ ସେଠୀ | ସେମିଳିଗୁଡ଼ା |
| ୨. | ଶ୍ରୀମାନ୍ ପ୍ରକାଶ ଚନ୍ଦ୍ର ନାୟକ | ଜୟପୁର |

| କ୍ର. | ନାମ | ଠିକଣା |
|---|---|---|
| | **ଖୋର୍ଦ୍ଧା ଜିଲ୍ଲା** | |
| ୧. | ଡକ୍ଟର ବସନ୍ତ କୁମାର ଦାସ | ଭୁବନେଶ୍ୱର |
| ୨. | ଶ୍ରୀମତୀ ପ୍ରମୋଦିନୀ ଦେବୀ | ଭୁବନେଶ୍ୱର |
| ୩. | ଶ୍ରୀମାନ୍ ଅଜୟ କିଶୋର ମହାପାତ୍ର | ଭୁବନେଶ୍ୱର |
| ୪. | ଶ୍ରୀମାନ୍ ଅନୀଲ କୁମାର ମହାପାତ୍ର | ଭୁବନେଶ୍ୱର |
| ୫. | ଶ୍ରୀମତୀ ପ୍ରତିଭା ମହାପାତ୍ର | ଭୁବନେଶ୍ୱର |
| ୬. | ଶ୍ରୀମତୀ ସୁବାସିନୀ ଦେବୀ | ଜାଆଁଳା |
| ୭. | ଶ୍ରୀମାନ୍ ବାଲ୍ମୀକି ପଟ୍ଟନାୟକ | ଭୁବନେଶ୍ୱର |
| ୮. | ଶ୍ରୀମତୀ ନମିତା ପଟ୍ଟନାୟକ | ଭୁବନେଶ୍ୱର |
| ୯. | ଶ୍ରୀମାନ୍ ସୁରେନ୍ଦ୍ର କୁମାର ପରିଜା | ଭୁବନେଶ୍ୱର |
| ୧୦. | ଶ୍ରୀମାନ୍ ସୁବାସ ଚନ୍ଦ୍ର ପାତ୍ର | ଭୁବନେଶ୍ୱର |
| ୧୧. | ଶ୍ରୀମାନ୍ ବି. ସୀତାରାମ ପାତ୍ର | ଭୁବନେଶ୍ୱର |
| ୧୨. | ଶ୍ରୀମାନ୍ ଅନୀଲ ଯାଦବ | ଭୁବନେଶ୍ୱର |
| ୧୩. | ଶ୍ରୀମାନ୍ ମହେନ୍ଦ୍ର କୁମାର ସାହୁ | ଭୁବନେଶ୍ୱର |
| ୧୪. | ଶ୍ରୀମାନ୍ ଦିନେଶ କୁମାର ଗୁପ୍ତା | ଭୁବନେଶ୍ୱର |
| ୧୫. | ଶ୍ରୀମତୀ ଯୋଗମାୟା ଦେବୀ | ଭୁବନେଶ୍ୱର |
| ୧୬. | ଶ୍ରୀମାନ୍ ସ୍ଥିତପ୍ରଜ୍ଞ ପଟ୍ଟନାୟକ | ଭୁବନେଶ୍ୱର |
| ୧୭. | ଶ୍ରୀମତୀ ମୋନାଲିସା ପ୍ରଧାନ | ଜଟଣୀ |
| ୧୮. | ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ବେହେରା | ବାଣପୁର |
| ୧୯. | ଶ୍ରୀମାନ୍ ଗଗନ ବିହାରୀ ଜେନା | ଜଟଣୀ |
| | **ଗଞ୍ଜାମ ଜିଲ୍ଲା** | |
| ୧. | ଶ୍ରୀମାନ୍ ଟି. ଭେଙ୍କଟ ରାଓ | ବ୍ରହ୍ମପୁର |
| ୨. | ଶ୍ରୀମତୀ ଟି. ବବିତା | ବ୍ରହ୍ମପୁର |
| ୩. | ଶ୍ରୀମାନ୍ ଭି. ତିରୁପତି ରାଓ | ବ୍ରହ୍ମପୁର |
| ୪. | ଶ୍ରୀମତୀ ଭି. କମଳା ଦେବୀ | ବ୍ରହ୍ମପୁର |
| ୫. | ଶ୍ରୀମାନ୍ ତ୍ରିନାଥ ନାୟକ | ବ୍ରହ୍ମପୁର |
| ୬. | ଶ୍ରୀମତୀ ସରୋଜିନୀ ନାୟକ | ବ୍ରହ୍ମପୁର |
| ୭. | ଶ୍ରୀମାନ୍ ସୁବାଷ ଚନ୍ଦ୍ର ମହାପାତ୍ର | ବ୍ରହ୍ମପୁର |
| ୮. | ଶ୍ରୀମାନ୍ ପ୍ରଫୁଲ୍ଲ କୁମାର ଦାଶ | ବ୍ରହ୍ମପୁର |
| ୯. | ଶ୍ରୀମତୀ ସରୋଜିନୀ ମହାରଣା | ବ୍ରହ୍ମପୁର |
| ୧୦. | ଶ୍ରୀମାନ୍ ହୃଷିକେଶ ପଣ୍ଡା | ବ୍ରହ୍ମପୁର |
| ୧୧. | ଶ୍ରୀମାନ୍ ଆର୍. ମୋହନ ରେଡ୍ଡି | ବ୍ରହ୍ମପୁର |
| ୧୨. | ଡକ୍ଟର ଦାଶରଥି ସୁଆର | ଭଞ୍ଜନଗର |
| ୧୩. | ଡକ୍ଟର ଉଷା ପାଢ଼ୀ | ଭଞ୍ଜନଗର |
| ୧୪. | ଶ୍ରୀମାନ୍ ବିପିନ୍ ବିହାରୀ ଦୀକ୍ଷିତ | ବ୍ରହ୍ମପୁର |
| ୧୫. | ଶ୍ରୀମାନ୍ ଅରୁପାନନ୍ଦ ପାଣିଗ୍ରାହୀ | ବ୍ରହ୍ମପୁର |
| ୧୬. | ଶ୍ରୀମାନ୍ ସୁରେନ୍ଦ୍ର ନାଥ ପାତ୍ର | ବ୍ରହ୍ମପୁର |
| ୧୭. | ଶ୍ରୀମତୀ ଦୀପ୍ତିରାଣୀ ମହାନ୍ତି | ବ୍ରହ୍ମପୁର |

*କ୍ରମଶଃ...*

❖❖❖

## ବେଦ ପ୍ରଚାର ସମିତି, ସୁବର୍ଣ୍ଣପୁର ଜିଲ୍ଲା

ସଭାପତି : ଶ୍ରୀମାନ୍ ପଙ୍କଜ ମେହେର
ଉପସଭାପତି : ଶ୍ରୀମାନ୍ ବିରଞ୍ଚି ନାରାୟଣ ଆର୍ଯ୍ୟ
ସଂପାଦକ : ଶ୍ରୀମାନ୍ ସୁନୀଲ କୁମାର ଗରିଆ
ସହ ସମ୍ପାଦକ : ଶ୍ରୀମାନ୍ ସରୋଜ କୁମାର ମିଶ୍ର
ପ୍ରଚାର ବିଭାଗ : ଶ୍ରୀମାନ୍ ବୈଦ୍ୟନାଥ ଜାଲ
: ଶ୍ରୀମାନ୍ ପର୍ଶୁରାମ ମେହେରେ
: ଶ୍ରୀମାନ୍ ରାଜେନ୍ଦ୍ର ଗରିଆ
: ଶ୍ରୀମାନ୍ କାର୍ତ୍ତିକ ମେହେର
: ଶ୍ରୀମାନ୍ ନିରଞ୍ଜନ ସାହୁ
: ଶ୍ରୀମାନ୍ ପୂର୍ଣ୍ଣଚନ୍ଦ୍ର ମନହୀରା
: ଶ୍ରୀମତୀ ଭାର୍ଗବୀ ନାୟକ
: ଶ୍ରୀମତୀ ପୁଷ୍ପାଞ୍ଜଳି ମେହେର
: ଶ୍ରୀମତୀ କଳ୍ପନା ମେହେର
: ଶ୍ରୀମତୀ ପ୍ରଣତି ଗରିଆ

## ବେଦ ପ୍ରଚାର ସମିତି, ସମ୍ବଲପୁର ଜିଲ୍ଲା

ସଭାପତି : ଶ୍ରୀମାନ୍ ସୋମଦତ୍ତ ଶାସ୍ତ୍ରୀ
ଉପସଭାପତି : ଶ୍ରୀମାନ୍ ଭାଗୀରଥି ଷଡ଼ଙ୍ଗୀ
ସଂପାଦକ : ଶ୍ରୀମାନ୍ ରୁଦ୍ରନାରାୟଣ ସାହୁ
ସହ ସମ୍ପାଦକ : ଡାକ୍ତର ସୁବଳ କୁମାର ନାୟକ
ପ୍ରଚାର ବିଭାଗ : ଡାକ୍ତର ଗୋପବନ୍ଧୁ ପାତ୍ର
ଶ୍ରୀମାନ୍ ସଞ୍ଜୟ କୁମାର ଷଡ଼ଙ୍ଗୀ
ଶ୍ରୀମତୀ ସୁରଭୀ ସାହୁ
ଶ୍ରୀମତୀ ସରିତା ବେହେରା
ଶ୍ରୀମତୀ ସବିତା ସାହୁ
ସୁଶ୍ରୀ ସଂଗୀତା ପ୍ରଧାନ

❖❖❖






ଆଠମଲ୍ଲିକର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୬ତମ ବାର୍ଷିକ ଉତ୍ସବରେ ଆଚାର୍ଯ୍ୟ ଓ ମଞ୍ଚାସୀନ ଅତିଥିଙ୍କ ଗହଣରେ ସ୍ୱାମୀଜୀ ।




ତାଳଚେର ଥର୍ମାଲରେ ବେଦ ପ୍ରବଚନ ।



କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରୋତୃବୃନ୍ଦ ।



ଥର୍ମାଲରେ ପ୍ରାତଃକାଳୀନ ଯଜ୍ଞ ।



ତାଳଚେର ପୁସ୍ତକ ମେଳାରେ ମଞ୍ଚାସୀନ ଅତିଥିମାନଙ୍କ ସହ ସ୍ୱାମୀଜୀ ।





+୨ ବିଜ୍ଞାନ ମହାବିଦ୍ୟାଳ, ଗଡ଼ତଲାରେ ସ୍ୱାମୀଜୀଙ୍କ ଉଦ୍‌ବୋଧନ । ସ୍ୱାଗତ କରୁଛନ୍ତି ଅଧ୍ୟକ୍ଷ ନରେନ୍ଦ୍ର ପାଇକରାୟ ।



ବାଲିକୁଦାର ଇସ୍କନ ମନ୍ଦିରର ଅଧ୍ୟକ୍ଷଙ୍କୁ ଶ୍ରୁତିନ୍ୟାସ ପକ୍ଷରୁ
ଈଶ୍ୱରଙ୍କ ସ୍ୱରୂପ ସ୍ମୃତିଚିହ୍ନ ପ୍ରଦାନ କରୁଛନ୍ତି ସ୍ୱାମୀଜୀ ।



ସୁବର୍ଣ୍ଣପୁର ବେଦ ପ୍ରଚାର ସମିତି ପକ୍ଷରୁ ବୌଦ୍ଧର
ମଲ୍ଲିକୁଦରେ ବୈଦିକ ଯଜ୍ଞ ଓ ପ୍ରବଚନ ।

RNI Regn. No. : ODIODI/2015/65938

₹ 20/- Shruti Sourabha Vol. 2 Issue 3 Mar.-Apr. 2017




ଜଗନ୍ନାଥ କଲୋନୀ, ବଲଣ୍ଡାର ଷଡ଼ବିଂଶତମ ବିଶ୍ୱଶାନ୍ତି ମହାଯଜ୍ଞରେ ସ୍ୱାମୀଜୀଙ୍କ ବେଦ ପ୍ରବଚନ ।





ସୁବର୍ଣ୍ଣପୁର ବେଦ ପ୍ରଚାର ସମିତି ପକ୍ଷରୁ ସ୍ଥାନୀୟ ସରସ୍ୱତୀ ବିଦ୍ୟା ମନ୍ଦିରରେ ଜୀବନ ନିର୍ମାଣ ଶିବିର ।



ଜୀବନ ନିର୍ମାଣ ଶିବିରରେ ଯଜ୍ଞର ଦୃଶ୍ୟ ।




ରାଉରକେଲାର ଇସ୍ପାତ ବଣିକ ସଂଘ, ସେକ୍ଟର - ୧୯ ପକ୍ଷରୁ ବେଦ ପ୍ରବଚନ ।

**Shruti Sourabha**
**Spiritual Social Vedic Magazine**
**Bi-Monthly**

**Editor**
**Shruti Sourabha**
Qrs. No. - F/22, Sector - 18
Rourkela - 3, Sundargarh
Odisha - 769003
Mob. : 9861335321

Printed and Published by Swami Sudhananda Saraswati on behalf of "Shrutinyasa"
Printed at : Global Printers, A/19, Rasulgarh Industrial Estate, Bhubaneswar-751010
Published at : Shrutinyasa, HIG-VII-152, PO - Sailashree Vihar, Bhubaneswar - 751021
**Editor : Padmanabha Swain**